RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

JEYPORE

◆VOLUME- 43 ◆ISSUE-68 ◆MONDAY ◆1 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୬୮ ◆ସୋମବାର ◆୧ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



ଓଡ଼ିଶା ପ୍ରୋ ଟି-୨୦

## ବ୍ରେଟ୍ ଲି, ଦେବାଶିଷ ବ୍ରାଣ୍ଡ ଆମ୍ବାସାଡର୍

■ **କଟକ, ୩୧।୮ (ସମିସ):** ଐତିହାସିକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୫ ତାରିଖରୁ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ (ଓପିଟିଏଲ୍) ର ପ୍ରଥମ ସଂସ୍କରଣ ଖେଳାଯିବ। ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଏହି ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍ ଆୟୋଜନ କରିବ। ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ମହାନ ଅଷ୍ଟ୍ରେଲିଆ ଦ୍ରୁତ ବୋଲର ବ୍ରେଟ୍ ଲି ଓ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର୍ ଦେବାଶିଷ ମହାନ୍ତି ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ପୁରୀରେ ରବିବାର ଆୟୋଜିତ ଓସିଏର ବାର୍ଷିକ ସାଧାରଣ ପରିଷଦ(ଏଜିଏମ) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବ୍ରେଟ୍ ଲି'ଙ୍କ ଭଳି କିମ୍ବଦନ୍ତୀ କ୍ରିକେଟର୍‌ଙ୍କୁ ଆମ୍ବାସାଡର ନିଯୁକ୍ତ କରିବା ପରେ ଦେଶରେ ବିଭିନ୍ନ ରାଜ୍ୟରେ ଆୟୋଜିତ ହେଉଥିବା ଅନ୍ୟ ଲିଗ୍ ଭଳି ଏହାର ଗୁରୁତ୍ୱ ବେଶ୍ ବଢ଼ିବ ବୋଲି ଆଶା କରାଯାଉଛି। ୪୮ ବର୍ଷୀୟ ଲି ମଧ୍ୟ ଏହି ଲିଗ୍‌ର ସ୍ୱତନ୍ତ୍ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ ବୋଲି ଜଣାପଡ଼ିଛି।

ସେପ୍ଟେମ୍ବର ୨୪ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଲିଗ୍‌ରେ ୬ଟି ଦଳ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଦିନ ୨ଟି ଲେଖାଏ ମ୍ୟାଚ୍ ଖେଳାଯିବ। ଆରିଭା ସ୍ପୋର୍ଟ୍ସ ଏହି ଲିଗ୍‌ର ପ୍ରାୟୋଜକ ରହିଛି। ସମସ୍ତ ମ୍ୟାଚ୍ ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କରେ ସିଧାପ୍ରସାରଣ କରାଯିବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଅଂଶଗ୍ରହଣକାରୀ ୬ଟି ଦଳ ସେପ୍ଟେମ୍ବର ୩ରେ ଖେଳାଳି କ୍ରୟ କରିବେ ବୋଲି ଜଣାପଡ଼ିଛି। ପ୍ରତ୍ୟେକ ଖେଳାଳିଙ୍କୁ ଡ୍ରାଫ୍ଟ ଆକାରରେ କିଣାଯିବ। ଖେଳାଳିମାନଙ୍କ କାଟାଗୋରୀ ଓ ମୂଲ୍ୟ ଧାର୍ଯ୍ୟ ହୋଇସାରିଛି।

ଏସିଆ କପ୍ ହକି


## ଭାରତର ଦ୍ୱିତୀୟ ବିଜୟ



■ **ରାଜଗିର, ୩୧।୮ (ଏଜେନ୍ସି):** ବିହାରରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଘରୋଇ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରବିବାର ଖେଳାଯାଇଥିବା ପୁଲ୍-ଏ'ର ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ୩-୨ ଗୋଲ୍‌ରେ ଜାପାନକୁ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ୍ ସିଂହ ଡବଲ୍ ଗୋଲ୍ ଦେଇଥିଲେ। ଏହି ଦୁଇଟିଯାକ ଗୋଲ୍ ସେ ପେନାଲ୍ଟି କର୍ଣ୍ଣର ଜରିଆରେ ଦେଇଥିଲେ। ଏଥିପୂର୍ବରୁ ପ୍ରଥମ ମ୍ୟାଚରେ ଭାରତ ୪-୩ ଗୋଲରେ ଚାଇନାକୁ ମାତ୍ ଦେଇଥିଲା। ସେହି ମ୍ୟାଚରେ ମଧ୍ୟ ହରମନପ୍ରୀତ୍ ହ୍ୟାଟ୍ରିକ ଗୋଲ୍‌ସ୍କୋର କରିଥିଲେ। ଫଳରେ ପୁଲ୍-ଏ'ରେ ସ୍ଥାନ ପାଇଥିବା ଭାରତ ୨ ମ୍ୟାଚରୁ ୬ ପଏଣ୍ଟ ପାଇ ସୁପର୍-୪ ନିକଟତର ହୋଇଛି। ଘରୋଇ ଦଳ ଏହାର ଶେଷ ପୁଲ୍ ମ୍ୟାଚରେ ସୋମବାର କାଜାଖସ୍ତାନକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

# ମାନବତା ପାଇଁ ଭାରତ-ଚୀନ୍ ସମ୍ବନ୍ଧ

## ଆତଙ୍କବାଦ ବିରୋଧୀ ଲଢ଼େଇରେ ସହଯୋଗ ମାଗିଲେ ମୋଦୀ



**୨.୮ ବିଲିୟନ ଲୋକଙ୍କ ହିତରେ ଭାରତ, ଚୀନ୍ ସମ୍ବନ୍ଧ: ମୋଦୀ**

- ମୋଦୀ-ଜିନପିଙ୍ଗ ୫୦ ମିନିଟ ଧରି ଆଲୋଚନା
- ଭାରତ ଆସିବାକୁ ଚୀନ୍ ରାଷ୍ଟ୍ରପତିଙ୍କୁ ଆମନ୍ତ୍ରଣ
- ଏସ୍‌ସିଓ ସମ୍ମିଳନୀରେ ଯୋଗଦେଲେ ପ୍ରଧାନମନ୍ତ୍ରୀ
- ଏର୍ଦୋଗାନ ଓ ଶାହବାଜଙ୍କୁ ଏଡ଼ାଇ ଗଲେ

**ଡ୍ରାଗନ ଓ ହାତୀ ଏକାଠି ହେବାର ସମୟ: ଜିନପିଙ୍ଗ**

■ **ବେଜିଂ, ୩୧।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘ ୭ ବର୍ଷ ପରେ ବେଜିଂରେ ପହଞ୍ଚିଛନ୍ତି। ଦ୍ୱିପାକ୍ଷିକ ସମ୍ବନ୍ଧକୁ ଅଧିକ ମଜବୁତ କରିବା ପାଇଁ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀ ପୂର୍ବରୁ ଟିଆନଜିନରେ ସେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଭେଟିଛନ୍ତି। ଉଭୟ ନେତାଙ୍କ ମଧ୍ୟରେ ପ୍ରାୟ ୫୦ ମିନିଟ ପର୍ଯ୍ୟନ୍ତ ଆଲୋଚନା ହୋଇଥିଲା। ଏହା ଦୁଇ ଦେଶର ସମ୍ବନ୍ଧକୁ ନୂଆ ଦିଗ ଦେଇଛି। ଭାରତ ଏବଂ ଚୀନ୍ ମଧ୍ୟରେ ସିଧାସଳଖ ବିମାନ ଉଡ଼ାଣ, କୈଳାସ ମାନସରୋବର ଯାତ୍ରା, ସୀମାପାର ବାଣିଜ୍ୟ କାରବାର ପୁଣିଥରେ ଆରମ୍ଭ କରିବା ପାଇଁ ସହମତି ପ୍ରକାଶ ପାଇଛି। ମୋଦୀ ଆତଙ୍କବାଦର ପ୍ରସଙ୍ଗ ଉଠାଇ ଏହାକୁ ବିଶ୍ୱ ସମସ୍ୟା କହିଥିଲେ। ଏହାର ମୁକାବିଲା ପାଇଁ ସେ ଜିନପିଙ୍ଗଙ୍କୁ ସହଯୋଗ ମାଗିଥିଲେ। ୨୦୨୬ରେ ଭାରତରେ ଆୟୋଜିତ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀ ପାଇଁ ତାଙ୍କୁ ଆମନ୍ତ୍ରଣ କରିଛନ୍ତି। ମୋଦୀ କହିଥିଲେ ଯେ ଭାରତ ଏବଂ ଚୀନ୍ ସମ୍ବନ୍ଧ ୨.୮ ବିଲିୟନ ଲୋକଙ୍କ ହିତରେ। ଏହା କେବଳ ଦୁଇ ଦେଶ ନୁହେଁ; ବରଂ ମାନବତା ପାଇଁ ଉପଯୋଗୀ। ପାରସ୍ପରିକ ବିଶ୍ୱାସ, ସମ୍ମାନ ଏବଂ ସମ୍ବେଦନଶୀଳତା ଆଧାର କରି ଦ୍ୱିପାକ୍ଷିକ ସମ୍ବନ୍ଧକୁ ଅଧିକ ମଜଭୁତ କରିବା ପାଇଁ ଆମେ ପ୍ରତିବଦ୍ଧ। ଏଥିପାଇଁ ସୀମାରେ ଶାନ୍ତି ଏବଂ ସ୍ଥିରତା ଜରୁରୀ।

ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟି ଖୁସି ଲାଗୁଛି ବୋଲି ଜିନପିଙ୍ଗ କହିଥିଲେ। ଡ୍ରାଗନ (ଚୀନ୍) ଏବଂ ହାତୀ (ଭାରତ) ଏକାଠି ହେବା ଉଚିତ। ଦୁଇ ଦେଶ ପ୍ରତିଦ୍ୱନ୍ଦ୍ୱି ନୁହେଁ, ବରଂ ସହଯୋଗୀ। ଏବେ ବନ୍ଧୁତାର ସଠିକ ସମୟ ଆସିଯାଇଛି। ଉଭୟ ଦେଶ ଉତ୍ତମ ପଡୋଶୀ ହେବା ଗୁରୁତ୍ୱପୂର୍ଣ୍ଣ। ପରସ୍ପରର ସଫଳତାରେ ଉଭୟ ଦେଶ ଖୁସି ହେବା ଉଚିତ। ଦୀର୍ଘକାଳୀନ ଏବଂ ରଣନୈତିକ ଦୃଷ୍ଟିରୁ ସମ୍ପର୍କକୁ ମଜବୁତ କରିବାକୁ ହେବ। ବହୁକେନ୍ଦ୍ରିକ ବ୍ୟବସ୍ଥା, ଅନ୍ତର୍ଜାତୀୟ ସଂସ୍ଥାରେ ଗଣତନ୍ତ୍ରକୁ ସୁଦୃଢ଼ ରଖି ଏସିଆ ଏବଂ ସାରା ବିଶ୍ୱରେ ଶାନ୍ତି ଓ ସମୃଦ୍ଧି ପାଇଁ ଦୁଇ ଦେଶକୁ ଏକାଠି କାମ କରିବାକୁ ହେବ। ନିଜର ଐତିହାସିକ ଦାୟିତ୍ୱକୁ ନିର୍ବାହ କରିବାକୁ ପଡ଼ିବ।

ମୋଦୀଙ୍କ ଏହି ଗସ୍ତ ଦ୍ୱାରା ଦୁଇ ଦେଶର ସମ୍ପର୍କ ସ୍ୱାଭାବିକ ହୋଇପାରେ। ୨୦୨୦ର ଗଲୱାନ ସଂଘର୍ଷ ପରେ ପ୍ରଥମ ଥର ପାଇଁ ବାଣିଜ୍ୟକୁ ନେଇ ଅନେକ ନିଷ୍ପତ୍ତି ନେଇଛନ୍ତି। ତେବେ ସୀମା ବିବାଦ ଏବଂ ପାଣି ସମସ୍ୟା ଏବେ ବି ପ୍ରମୁଖ ପ୍ରସଙ୍ଗ ହୋଇ ରହିଛି। ସୀମାରେ ୨୦୨୦ ଏପ୍ରିଲ ପୂର୍ବର ସ୍ଥିତିକୁ ଫେରିନାହିଁ। ଆର୍ଥିକ ଚାପ ଏବଂ ବୈଶ୍ୱିକ ସ୍ଥିତି ଦୁଇ ଦେଶକୁ ଏକାଠି ହେବାକୁ ବାଧ୍ୟ କରିଛି। ▶ପୃଷ୍ଠା-୭

## ବାଣ କାରଖାନାରେ ବିସ୍ଫୋରଣ; ୪ ମୃତ



**ମାଲିକ ଓ ପତ୍ନୀ ମୃତ**

■ **ଲକ୍ଷ୍ନୌ, ୩୧।୮ (ଏଜେନ୍ସି):** ରବିବାର ସକାଳେ ଲକ୍ଷ୍ନୌରେ ଏକ ବେଆଇନ୍ ବାଣ କାରଖାନାରେ ବିସ୍ଫୋରଣ ହୋଇଥିଲା। ଏହି ପ୍ରଚଣ୍ଡ ବିସ୍ଫୋରଣରେ ପୂରା କୋଠା ଉଡିଯାଇଥିଲା। ଆଖାପାଖରେ ଥିବା ଦୁଇଟି ଘର ମଧ୍ୟ ଭୁଶୁଡି ପଡିଥିଲା। ଏହି ବିସ୍ଫୋରଣର ଶବ୍ଦ ୨-୩ କିମି ପର୍ଯ୍ୟନ୍ତ ଶୁଣିବାକୁ ମିଳିଥିଲା। ଏଥିରେ କାରଖାନାର ମାଲିକ ଓ ତାଙ୍କ ପତ୍ନୀ ମୃତ୍ୟୁବରଣ କରିଛନ୍ତି ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଦୁଇଜଣ ଗୁରୁତରଭାବେ ଆହତ ହୋଇଛନ୍ତି ଓ ଏମାନଙ୍କୁ କେଜିଏମ୍‌ୟୁ ଟ୍ରମା ସେଣ୍ଟରରେ ଚିକିତ୍ସା କରାଯାଉଛି। ଦୁଇଜଣଙ୍କ ଶରୀର ୭୦ ପ୍ରତିଶତ ଜଳିଯାଇଛି। ପୁଣି କେତେ ଲୋକ ଆବର୍ଜନା ତଥା ଧ୍ୱଂସାବଶେଷ ତଳ ଦବି ରହିଥିବା କୁହାଯାଉଛି। ମୃତକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ଆଶଙ୍କା କରାଯାଉଛି। ଏଥିରେ ଅନ୍ୟ ୧୦ଜଣ ଲୋକ ମଧ୍ୟ ଆହତ ହୋଇଛନ୍ତି। ପୁଲିସ ▶ପୃଷ୍ଠା-୭

ମହାନଦୀ ଜଳବିବାଦ ପ୍ରସଙ୍ଗରେ ସର୍ବଦଳୀୟ ବୈଠକ

## ନବୀନଙ୍କ ପ୍ରସ୍ତାବରେ ଏକମତ ମନମୋହନ



**ଆଲୋଚନାରେ ଅଂଶୀଦାରଙ୍କୁ ସାମିଲ କରିବାକୁ ଦାବି**

■ **ଭୁବନେଶ୍ୱର, ୩୧।୮ (ସମିସ):** ମହାନଦୀ ଜଳବିବାଦ ମାମଲା ପ୍ରସଙ୍ଗରେ ସର୍ବଦଳୀୟ ବୈଠକ ନିମନ୍ତେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଦେଇଥିବା ପ୍ରସ୍ତାବରେ ସହମତ ହୋଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ରବିବାର ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରପ୍ରଦାନ ଅବସରରେ ଶ୍ରୀ ସାମଲ ମହାନଦୀ ପ୍ରସଙ୍ଗରେ ସବୁ ରାଜନୈତିକ ଦଳକୁ ଏକାଠି ହେବାକୁ ଆହ୍ୱାନ ଦେବା ସହ ଆମେ ସବୁ ରାଜନୈତିକ ଦଳକୁ ଆହ୍ୱାନ କରିବୁ ଓ ସମସ୍ତେ ଏକାଠି ବସନ୍ତୁ ଓ ଏକାଠି କାମ କରନ୍ତୁ ବୋଲି କହିଛନ୍ତି।

ମହାନଦୀ ଜଳ ବିବାଦ ମାମଲାରେ ରାଜ୍ୟ ସରକାର ଛତିଶଗଡ଼ ସହ ଆପୋସ ସମାଧାନ ଚାହୁଁଛନ୍ତି। ଏନେଇ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି ଓ ଆସନ୍ତା ସେପ୍ଟେମ୍ବରରୁ ସାପ୍ତାହିକ ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଏହାପରେ ସଚିବସ୍ତରୀୟ ଓ ଡ଼ିସେମ୍ବରରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏକାଠି ବୈଠକ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ। ମାତ୍ର ଛତିଶଗଡ଼ ସହ ବୈଠକକୁ ନେଇ ରାଜ୍ୟ ସରକାର ଉତ୍ସାହିତ ଥିବାବେଳେ ଆପୋସ ସମାଧାନର ସର୍ତ୍ତାବଳୀ କଣ ତାହା କିନ୍ତୁ ସାର୍ବଜନୀନ କରୁନାହାନ୍ତି। ଯାହାକୁ ନେଇ ଗତ ଜୁଲାଇ ମାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ। ମହାନଦୀ କେବଳ ଏକ ନଦୀ ନୁହେଁ; ଓଡ଼ିଶାର ଆତ୍ମା ବୋଲି ଉଲ୍ଲେଖ କରି ଉଭୟ ▶ପୃଷ୍ଠା-୭

ଉପହାର ପାଇଁ କଳି

## ସ୍ତ୍ରୀ-ଶାଶୂଙ୍କୁ ହତ୍ୟା

■ **ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି):** ପୁଅର ଜନ୍ମଦିନ ଉପହାରକୁ ନେଇ ଦିଲ୍ଲୀର କେଏନ୍ କାଟଜୁ ଅଞ୍ଚଳରେ ଏକ ବଡ଼ ଅଘଟଣ ଘଟିଛି। ଯୋଗେସ ସହଗଲ ନାମକ ଜଣେ ବ୍ୟକ୍ତି ପୁଅ ଜନ୍ମଦିନ ଉପହାରକୁ ନେଇ ଯୁକ୍ତିତର୍କ ହେବା ଫଳରେ ନିଜ ପତ୍ନୀ ପ୍ରିୟା ଓ ଶାଶୂ କୁସୁମ ସିହ୍ନାଙ୍କୁ କଇଁଚିରେ ସାହାଯ୍ୟରେ ହତ୍ୟା କରିଛି। ଯୋଗେଶଙ୍କୁ ପୁଲିସ ରୋହିଣୀରୁ ଗିରଫ କରିଛି। ହତ୍ୟାକାଣ୍ଡ କାରଣ କଥା ଶୁଣି ପୁଲିସ ଚକିତ ହୋଇଥିଲା। ପୁଅ ପାଇଁ ଶାଶୁ ଆଣିଥିବା ଉପହାର ଯୋଗେଶଙ୍କ ପସନ୍ଦ ହୋଇ ନଥିଲା। ଏଥିପାଇଁ ଯୋଗେଶ ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା ଓ ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ଏହି କାଣ୍ଡ ଘଟାଇଥିଲେ। ନାତି ଜନ୍ମଦିନ ପାଳନ କରିବାକୁ କୁସୁମ ଝିଅ ଘରକୁ ଆସିଥିଲେ। ଭଲ ଉପହାର ପରେ ଆଣିଦେବେ ବୋଲି କୁସୁମ କହୁଥିଲେ ମଧ୍ୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ▶ପୃଷ୍ଠା-୭

## ୧୬ ନୂଆ ଏନ୍‌ଏସି, ୭ ସହରକୁ ମ୍ୟୁନିସିପାଲିଟି ମାନ୍ୟତା

### ୪୪ଟି ପୌରାଞ୍ଚଳକୁ ସମ୍ପ୍ରସାରିତ ହେଲା 'ସହଯୋଗ' କାର୍ଯ୍ୟକ୍ରମ



**ବିଜେଡିର କଟାକ୍ଷ**

- ଓଡ଼ିଶା ପୁଣି ଦେଖିଲା ବିଜେପିର 'କପି-ପେଷ୍ଟ' ଶାସନର ଧାରା
- କିଛି ନୂଆ କରିବାକୁ ବିଜେପି ସରକାର ସମ୍ପୂର୍ଣ୍ଣ ଅକ୍ଷମ
- ମୁଖ୍ୟମନ୍ତ୍ରୀଙ୍କ ଘୋଷଣାରେ କୌଣସି ବାସ୍ତବତା ନାହିଁ

➡ ପୃଷ୍ଠା-୩

■ **ଭୁବନେଶ୍ୱର, ୩୧।୮ (ସମିସ):** ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଆଉ ୧୬ ସହରକୁ ଏନ୍‌ଏସି ଓ ୭ ସହରକୁ ମ୍ୟୁନିସିପାଲିଟି କରାଯିବା ନିମନ୍ତେ ଘୋଷଣା କରିଛନ୍ତି। ବଲାଙ୍ଗୀର ଜିଲ୍ଲାର ଲୋଇସିଂଘା, ବରଗଡ ଜିଲ୍ଲାର ସୋହେଲା, କଟକ ଜିଲ୍ଲାର ବଡମ୍ବା, ନରସିଂହପୁର, ସାଲେପୁର, ଢେଙ୍କାନାଳ ଜିଲ୍ଲାର ଗଁନ୍ଦିଆ, ଗଞ୍ଜାମ ଜିଲ୍ଲାର ପାତ୍ରପୁର ଓ ଜଗନ୍ନାଥ ପ୍ରସାଦ, ଯାଜପୁର ଜିଲ୍ଲାର ଚଣ୍ଡୀଖୋଲ, କଳାହାଣ୍ଡି ଜିଲ୍ଲାର ନର୍ଲା ଓ ଜୟପାଟଣା, ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ, କୋରାପୁଟ ଜିଲ୍ଲାର ବୋରିଗୁମ୍ମା ଏବଂ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା, ଯଶୀପୁର ଓ ରାସଗୋବିନ୍ଦପୁରଗୁଡ଼ିକ ଏନ୍‌ଏସି ହେବ। ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ, ବୌଦ୍ଧ ଜିଲ୍ଲାର ବୌଦ୍ଧ, ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, ଆସ୍କା, ଛତ୍ରପୁର, କବିସୂର୍ଯ୍ୟନଗର, ପୋଲସରା ସହରାଞ୍ଚଳଗୁଡ଼ିକୁ ମ୍ୟୁନିସିପାଲିଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସ୍ୱାଧୀନତା ଦିବସ ଉତ୍ସବରେ ମୁଖ୍ୟମନ୍ତ୍ରୀ ୨୧ ଏନ୍‌ଏସି ସୃଷ୍ଟି ସମ୍ପର୍କରେ ଘୋଷଣା କରିଥିଲେ। ଏହାମଧ୍ୟରୁ ୧୨ଏନଏସି ଗଠିତ ହେବା ▶ପୃଷ୍ଠା-୭

ଦାନା ବାନ୍ଧୁଛି ଲଘୁଚାପ

## ଆଜିଠୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୩୧।୮ (ସମିସ):** ରାଜ୍ୟରେ ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଭିନ୍ନ ଭିନ୍ନ ସ୍ଥାନରେ ପର୍ଯ୍ୟାୟ କ୍ରମେ ବର୍ଷା ଅନୁଭୂତ ହେବ। ଦୁଇ ତିନି ଦିନର ବ୍ରେକ୍ ପରେ ପୁଣି ବର୍ଷା ଆରମ୍ଭ ହେବ। ଆଗକୁ ଯୋଡ଼ି ଲଘୁଚାପର ସମ୍ଭାବନା ଥିବାରୁ ଏଭଳି ବର୍ଷା ନେଇ ଆକଳନ କରାଯାଉଛି। ବର୍ଷାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲା ପାଇଁ ସତର୍କ ସୂଚନା ମଧ୍ୟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୨ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପୂର୍ବରୁ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ସୋମବାରଠାରୁ ବର୍ଷାର ପ୍ରଭାବ ଆହୁରି ବଢ଼ିବା ସହ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ପ୍ରବଳ ବର୍ଷା ନେଇ କେନ୍ଦ୍ର ▶ପୃଷ୍ଠା-୭

## ପାଣିପାଗ କେନ୍ଦ୍ରରେ ୨ ବର୍ଷ ହେଲା ପଡ଼ିଛି ରାଡାର



- ଗତ ୮ ମାସ ହେଲାଣି ଗୋପାଳପୁର ରାଡାର ଅଚଳ
- ବାଲେଶ୍ୱର, ସମ୍ବଲପୁର ପ୍ରକଳ୍ପରେ ଅହେତୁକ ବିଳମ୍ବ
- କ୍ଷୋଭ ପ୍ରକାଶ କଲା ରାଜ୍ୟସଭା ସଂସଦୀୟ କମିଟି

■ **ଭୁବନେଶ୍ୱର, ୩୧।୮ (ସମିସ):** ସମ୍ବଲପୁର ଓ ବାଲେଶ୍ୱରରେ ଦୀର୍ଘଦିନ ହେବ ଏହି ରାଡାର୍ ସ୍ଥାପନ ନିମନ୍ତେ କୋଠା ନିର୍ମାଣ ଶେଷ ହୋଇସାରିଥିଲେ ମଧ୍ୟ ରାଡ଼ାର ବସି ପାରୁନାହିଁ। ଯାହାଫଳରେ ପାଣିପାଗ ଜନିତ ଅନେକ ଗୁରତ୍ୱପୂର୍ଣ୍ଣ ତଥ୍ୟ ଆଇଏମ୍‌ଡି ପାଇବାରୁ ବଞ୍ଚିତ ରହୁଛି ଓ ଏହାର କୁପରିଣାମ ଓଡ଼ିଶାବାସୀ ଭୋଗୁଛନ୍ତି। ସମ୍ବଲପୁରଠାରେ ରାଡାର ପାଇଁ ବିଲ୍ଡିଂ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ସାରିଛି ଓ ଗତ ଡିସେମ୍ବର ମାସରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଏହାକୁ ଉଦ୍‌ଘାଟନ କରିଥିଲେ ଓ ଜୁଲାଇ ମାସ ସୁଦ୍ଧା ଏଠାରେ ରାଡାର କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ। ହେଲେ ଜୁଲାଇ ଯାଇ ସେପ୍ଟେମ୍ବର ହେଲାଣି ରାଡାର୍ ବସିବା ଦୂରର କଥା ସାରଞ୍ଜାମ ମଧ୍ୟ ସେଠାରେ ପହଞ୍ଚିପାରି ନାହିଁ। ସମ୍ବଲପୁରରେ ବସିବାକୁ ଥିବା ରାଡାରର ବୈଦ୍ୟୁତିକ ସରଞ୍ଜାମ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରଠାରେ ଦୁଇ ବର୍ଷା ହେବ ପଡ଼ି ରହିଛି। ଖରା ବର୍ଷା ଖାଇ ଦୀର୍ଘ ଦିନ ହେବ ପଡ଼ି ରହିଥିବା ଏହି ବୈଦ୍ୟୁତିକ ସାରଞ୍ଜାମ ଲାଗିବା ପରେ ସଠିକ୍ ଭାବେ କାର୍ଯ୍ୟକ୍ଷମ ହେବ କି ନାହିଁ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ଅନ୍ୟପଟେ ରାଡାର ପ୍ରସଙ୍ଗକୁ ନେଇ ରାଜ୍ୟସଭାର 'ଗଭର୍ଣ୍ଣମେଣ୍ଟ ଆସୁରାନ୍ସ' କମିଟି କ୍ଷୋଭ ପ୍ରକାଶ କରିଛି। ଶନିବାର ଭୁବନେଶ୍ୱରରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଓଡ଼ିଶାର ରାଜ୍ୟସଭା ସାଂସଦ ସୁଲତା ଦେଓଙ୍କ ସହ ଅନ୍ୟ ରାଜ୍ୟର ବହୁ ସାଂସଦ ଉପସ୍ଥିତ ଥିଲେ। ମାତ୍ର ରାଡାର ବସିବା ନେଇ ଅହେତୁକ ବିଳମ୍ବକୁ ନେଇ ସାଂସଦ ଶ୍ରୀମତୀ ▶ପୃଷ୍ଠା-୭

ଅନୁଗୋଳ-ତାଳଚେର ମୁଖ୍ୟରାସ୍ତାରେ ସିରିଜ୍ ଦୁର୍ଘଟଣା

## ୧୫ ଜଣଙ୍କ ଉପରେ ମାଡ଼ିଗଲା କାର୍



■ **ତାଳଚେର, ୩୧।୮ (ସମିସ):** ଅନୁଗୋଳ ଜିଲ୍ଲା ତାଳଚେର ମୁଖ୍ୟ ରାସ୍ତା ବାଇପାସ୍ ଛକରୁ ହାଣ୍ଡିଧୁଆଁ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ କାର୍ ସିରିଜ୍ ଦୁର୍ଘଟଣା ଘଟାଇଛି। ବିଭିନ୍ନ ସ୍ଥାନରେ ୧୫ ଜଣଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଉଥିବା ବେଳେ ପୁଲିସ୍ ପିଛା କରି ଗୋଡ଼ିବନ୍ଧଠାରେ କାରକୁ ଜବତ କରିଛି। ଅନ୍ୟପଟେ ଦୁର୍ଘଟଣାର ଶିକାର ୧୫ ଜଣଙ୍କୁ ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତାଳଚେର ମଣ୍ଡାପାଳ ଡାକ୍ତରଖାନା, ସେଣ୍ଟ୍ରାଲ ହସ୍ପିଟାଲ ଓ ଅନ୍ୟ ହସ୍ପଟାଲ ପଠାଇଛନ୍ତି। ପୁଲିସ୍ କାର୍‌କୁ ଜବତ କରି ତାଳଚେର ଟାଉନ ଥାନାକୁ ଆଣିଥିବା ବେଳେ ଚାଳକ ବ୍ରାଉନସୁଗର ସେବନ କିମ୍ବା ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ଏହି କାଣ୍ଡ ଭିଆଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ତାଳଚେର ପ୍ରସିଦ୍ଧ ଗଣେଶ ପୂଜା ପାଇଁ ପ୍ରତ୍ୟେକ ଅଞ୍ଚଳରେ ପୁଲିସ୍ ମୁତୟନ ହୋଇଥିବା ବେଳେ ଗହଳି ଭିତରେ କିପରି ଏହି କାର୍ ପଶିଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସହରସାରା ପୁଲିସ୍ ଛାଉଣି ହୋଇଥିବା ବେଳେ କିପରି ଦ୍ରୁତ ଗତିରେ ଆସୁଥିବା ଏହି କାରକୁ ପୁଲିସ ଅଟକାଇ ପାରିଲା ନାହିଁ ତାହା ଚର୍ଚ୍ଚାର ବିଷୟ ପାଲଟିଛି।






## ରାମାନନ୍ଦ ସାଗରଙ୍କ ପୁଅ ପ୍ରେମଙ୍କ ପରଲୋକ



ମୁମ୍ବଇ,୩୧।୮ (ଏଜେନ୍ସି): ପ୍ରସିଦ୍ଧ ଟିଭି ସିରିୟଲ ରାମାୟଣର ନିର୍ମାତା ତଥା ନିର୍ଦ୍ଦେଶକ ରାମାନନ୍ଦ ସାଗରଙ୍କ ପୁଅ ପ୍ରେମ୍ ସାଗର ରବିବାର ୮୪ ବର୍ଷ ବୟସରେ ପରାଲୋକଗମନ କରିଛନ୍ତି। ଗତକିଛି ଦିନଧରି ସେ ଅସୁସ୍ଥ ଥିଲେ। ତାଙ୍କୁ ମୁମ୍ବଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ଥାନୀୟ ପବନ ହଂସ ଶ୍ମଶାନରେ ଅପରାହ୍ଣ ୩ଟାରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି। ଭାରତୀୟ ସିନେମା ଓ ଟେଲିଭିଜନ ଇଣ୍ଡଷ୍ଟ୍ରିରେ ସେ ସାଗର ପରିବାର ପରମ୍ପରାକୁ ଆଗେଇ ନେଇଥିଲେ। ଜଣେ ବରିଷ୍ଠ ନିର୍ମାତା ତଥା ସିନେମା ଅଟୋଗ୍ରାଫର ଭାବେ ସେ ସଫଳତା ହାସଲ କରିଥିଲେ। ପୁଣେସ୍ଥିତ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଏଫ୍‌ଟିଆଇଆଇ)ରେ ସେ ପ୍ରଶିକ୍ଷଣ ନେଇଥିଲେ। ୧୯୬୮ ବ୍ୟାଚ୍‌ର ଛାତ୍ର ପ୍ରେମ ଟିଭି ସିରିୟଲ 'ଅଲିଫ୍ ଲୈଲା' ସମେତ ଏକାଧିକ ଧାର୍ମିକ ସିରିୟଲର ନିର୍ଦ୍ଦେଶନା ଦେଇଥିଲେ ଓ ସେତେବେଳେ ଏଗୁଡିକ ଲୋକପ୍ରିୟତା ହାସଲ କରିଥିଲା।

## କ୍ୟାଣ୍ଟିନରେ ଗୋମାଂସ ନିଷିଦ୍ଧ କଲେ ବ୍ୟାଙ୍କ ମ୍ୟାନେଜର

କୋଚି,୩୧।୮ (ଏଜେନ୍ସି): କେରଳ ଏର୍ଣ୍ଣାକୁଲମ ଜିଲ୍ଲାର କୋଚି ସହରରେ ଥିବା କାନାଡା ବ୍ୟାଙ୍କର ମ୍ୟାନେଜର କ୍ୟାଣ୍ଟିନ୍‌ରେ ଗୋମାଂସକୁ ନିଷିଦ୍ଧ କରିବାରୁ ବିବାଦ ସୃଷ୍ଟି ହୋଇଛି। ବ୍ୟାଙ୍କର ଅନ୍ୟ କର୍ମଚାରୀମାନେ 'ବିଫ୍ ଫେଷ୍ଟିଭାଲ'ର ଆୟୋଜନ କରି ନିଆରା ଢ଼ଙ୍ଗରେ ଏହାର ବିରୋଧ କରିଛନ୍ତି। କର୍ମଚାରୀମାନେ ମ୍ୟାନେଜରଙ୍କ କେବିନ ସାମ୍ନାରେ ଗୋମାଂସ ଓ ପରଟା ଖାଇବା ସହ ପାର୍ଟି କରିଥିଲେ। ଅଗଷ୍ଟ ୨୮ରେ ଏହି ପାର୍ଟିର ଆୟୋଜନ ହୋଇଥିଲା। ବ୍ୟାଙ୍କର ରିଜିଓନାଲ ମ୍ୟାନେଜର ମୂଳତଃ ବିହାରର ବାସିନ୍ଦା। କିଛି ଦିନ ତଳେ କେରଳରେ ତାଙ୍କର ନିଯୁକ୍ତି ହୋଇଥିଲା। ବ୍ୟାଙ୍କର କ୍ୟାଣ୍ଟିନରେ ବେଳେ ବେଳେ ଗୋମାଂସ ଖାଇବାକୁ ଦିଆଯାଇଥାଏ। କିନ୍ତୁ ମ୍ୟାନେଜର ଗୋମାଂସ ଉପରେ ରୋକ୍ ଲଗାଇଥିଲେ ଓ କ୍ୟାଣ୍ଟିନ କର୍ମଚାରୀଙ୍କୁ ଗୋମାଂସ ପ୍ରସ୍ତୁତ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବ୍ୟାଙ୍କ ଏମ୍ପ୍ଲୋଇଜ ଫେଡେରେସନ ଅଫ୍ ଇଣ୍ଡିଆ (ବିଇଏଫ୍‌ଆଇ) ନେତୃତ୍ୱରେ କିଛି କର୍ମଚାରୀ ବିରୋଧ ପ୍ରଦର୍ଶନ କରିଥିଲେ। ଭାରତର ସମ୍ବିଧାନ ଅନୁସାରେ ବିଇଏଫ୍‌ଆଇ କାର୍ଯ୍ୟକରୁଛି ବୋଲି କହିଛି। କିଏ କ'ଣ ଖାଇବ ଓ ନ ଖାଇବ ତାହା ବ୍ୟକ୍ତିଗତ ମାମଲା ବୋଲି ଫେଡେରେସନ ତରଫରୁ କୁହାଯାଇଛି।

**କର୍ମଚାରୀଙ୍କ ବିରୋଧ**

## ଏୟାର ଇଣ୍ଡିଆ ବିମାନ ଇଞ୍ଜିନ୍‌ରେ ନିଆଁ



ନୂଆଦିଲ୍ଲୀ,୩୧।୮ (ଏଜେନ୍ସି): ଦିଲ୍ଲୀରୁ ଇନ୍ଦୋର ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ୨୯୧୩ (ଏ ୩୨୦ ନିଓ ବିମାନ)କୁ ଦିଲ୍ଲୀ ଫେରାଇ ଅଣାଯାଇଛି। ପାଇଲଟଙ୍କୁ ଡାହାଣ ପଟ ଇଞ୍ଜିନ୍‌ରେ ନିଆଁ ଲାଗିଥିବାର ସୂଚନା ମିଳିଥିଲା। ଏହା ପରେ ବିମାନ ଦିଲ୍ଲୀରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ରବିବାର ସକାଳ ୬.୧୫ରେ ୯୦ ଜଣ ଯାତ୍ରୀଙ୍କୁ ନେଇ ଏହି ବିମାନ ଉଡ଼ାଣ ଆରମ୍ଭ କରିଥିଲା। କିନ୍ତୁ ଅଧ ଘଣ୍ଟା ପରେ ଇଞ୍ଜିନରେ ନିଆଁ ଲାଗିଥିବା ସୁଚନା ପାଇଲଟଙ୍କୁ ମିଳିଥିଲା। ସେ ନିୟମ ଅନୁସାରେ ଇଞ୍ଜିନକୁ ବନ୍ଦ କରି ଦେଇଥିଲେ। ଏହାପରେ ବିମାନ ଦିଲ୍ଲୀ ବିମାନ ବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ସମସ୍ତ ୯୦ ଯାତ୍ରୀ ସୁରକ୍ଷିତ ଥିଲେ। ବିମାନର ଗ୍ରାଉଣ୍ଡ ଇନିସ୍ପେକସନ କରାଯିବ ବୋଲି ଏୟାରଲାଇନ୍ସ ତରଫରୁ କୁହାଯାଇଛି। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)କୁ ଏହି ଘଟଣା ସମ୍ପର୍କରେ ଅବଗତ କରାଯାଇଛି।

### ଇଣ୍ଡୋନେସିଆରେ ସାଂସଦଙ୍କ ଦରମା ବୃଦ୍ଧିକୁ ବିରୋଧ

# ସାରା ଦେଶରେ ହିଂସା; ଜାଳିଦେଲେ ସଂସଦ

ଜାକାର୍ତ୍ତା, ୩୧।୮ (ଏଜେନ୍ସି):



ସାଂସଦଙ୍କ ଦରମା ବୃଦ୍ଧିକୁ ନେଇ ଇଣ୍ଡୋନେସିଆ ଅଶାନ୍ତ ହୋଇପଡ଼ିଛି। ରାଜଧାନୀ ଜାକାର୍ତ୍ତା ସମେତ ଦେଶର ଅନେକ ଭାଗରେ ଭୟାବହ ହିଂସା ହୋଇଛି। ସରକାରଙ୍କ ଏକପାଖିଆ ନୀତିକୁ ବିରୋଧ କରି ଲକ୍ଷାଧିକ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଅନେକ ସ୍ଥାନରେ ନିଆଁ ଲଗାଇ ଦେଇଛନ୍ତି। ମକସାର ସହରରେ ଥିବା ପ୍ରାଦେଶିକ ସାଂସଦରେ ନିଆଁ ଲଗାଇ ଦେବାରୁ ତିନି ଜଣଙ୍କ ମୃତ୍ୟୁ ହୋଇଛି। ୨୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ବିକ୍ଷୋଭ ଦମନ କରିବାକୁ ଆସିଥିବା ପୁଲିସ ସହ ପ୍ରଦର୍ଶନକାରୀ ମୁହାଁମୁହିଁ ହୋଇଛନ୍ତି। ସଂଘର୍ଷରେ ଅନେକ ଆହତ ହୋଇଛନ୍ତି। ବିକ୍ଷୋଭକାରୀ ପୁଲିସ ଗାଡ଼ିକୁ ପଲଟାଇ ଦେଇଛନ୍ତି। ଲୋକଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଲୁହବୁହା ଗ୍ୟାସ ମାଡ଼ କରିଛି। ଏହା ସତ୍ତ୍ୱେ ବି ଲୋକେ ଅଟକି ନ ଥିଲେ। ରାଜଧାନୀ ଜାକାର୍ତ୍ତାରେ ଥିବା ଏକ ବସ୍ ଷ୍ଟାଣ୍ଡକୁ ଲୋକେ ଜାଳି ଦେଇଛନ୍ତି। ହିଂସାଗ୍ରସ୍ତ ଅଞ୍ଚଳକୁ ନ ଯିବା ପାଇଁ ପୁଲିସ ସାଧାରଣ ନାଗରିକଙ୍କୁ କହିଛି। ରାତିରେ ପାଟ୍ରୋଲିଂକୁ କଡ଼ା କରିଛି। ବିଭିନ୍ନ ସହରରେ ବାଇକ୍ ପାଟ୍ରୋଲିଂ କରୁଛି। ଏହା ସତ୍ତ୍ୱେ ଶୁକ୍ରବାରଠାରୁ ବିକ୍ଷୋଭ ଜାରି ରହିଛି। ପ୍ରଦର୍ଶନକାରୀଙ୍କ ମଧ୍ୟରେ ଛାତ୍ରଛାତ୍ରୀଙ୍କଠାରୁ ନେଇ ଟ୍ୟାକ୍ସି ଡ୍ରାଇଭର, ଚାକିରିଆ, ଶ୍ରମିକ ଆଦି ସାମିଲ ଅଛନ୍ତି। ସ୍ଥିତିକୁ ଦେଖି ରାଷ୍ଟ୍ରପତି ପ୍ରବୋୱୋ ସୁବିଆଣ୍ଟୋ ନିଜ ଚୀନ୍ ଗସ୍ତକୁ ରଦ୍ଦ କରିଦେଇଛନ୍ତି। ସେ ଚୀନ୍‌ର ବିଜୟ ଦିବସ ପରେଡ୍‌ରେ ସାମିଲ ହେବାର ଥିଲା। ବର୍ଷେରୁ କମ୍ ସମୟ ହେବ କ୍ଷମତା ସମ୍ଭାଳିଥିବା ପୂର୍ବତନ ଜେନେରାଲ ପ୍ରବୋୱୋଙ୍କ ପାଇଁ ଏହା କାଠିକାର ପାଲଟି ଯାଇଛି।

ସରକାର ମାସିକ ଭତ୍ତା ବାବଦକୁ ସାଂସଦଙ୍କୁ ୩,୦୫୭ ଡଲାର ତଥା ୨.୬୯ ଲକ୍ଷ ଟଙ୍କା ଦେବାକୁ ନିଷ୍ପତ୍ତି ନେଇଥିଲେ। ଏହା ଜାକାର୍ତ୍ତାର ସର୍ବନିମ୍ନ ଦରମାଠାରୁ ୧୦ ଗୁଣ ଅଧିକ। ତେଣୁ ଲୋକେ ଏହି ନିଷ୍ପତ୍ତିକୁ ଘୋର ବିରୋଧ କରିଥିଲେ। ସେମାନେ ଚାହୁଁଛନ୍ତି ଯେ ସରକାର ଆଉଟସୋର୍ସିଂ ବନ୍ଦ କରି ଦରମା ବଢ଼ାନ୍ତୁ, ନିଯୁକ୍ତି ହ୍ରାସ କରିବା ବନ୍ଦ କରାଯାଉ ଏବଂ ଟିକସ ନିୟମରେ ସୁଧାର ହେଉ। ଇଣ୍ଡୋନେସିଆରେ ଦରଦାମ ବୃଦ୍ଧି ପାଇ ଚାଲିଛି। ବେକାରୀ ହାର ବଢ଼ିବାରେ ଲାଗିଛି। ଏଥିପାଇଁ ସାଧାରଣ ଲୋକଙ୍କ ଜୀବନ କଷ୍ଟସାଧ୍ୟ ହୋଇଯାଇଛି। ଏପରି ସମୟରେ ଦରମା ବୃଦ୍ଧି ପାଇଁ ସରକାର ନେଇଥିବା ନିଷ୍ପତ୍ତିକୁ ଲୋକେ ସହ୍ୟ କରିପାରି ନ ଥିଲେ। ସରକାରୀ ଅଧିକାରୀ ଏବଂ ତାଙ୍କୁ ମିଳୁଥିବା ସୁବିଧା ବିରୋଧରେ ଜୋରଦାର ବିକ୍ଷୋଭ ଆରମ୍ଭ କରିଥିବାବେଳେ ମୋଟରସାଇକେଲ ଟ୍ୟାକ୍ସି ଚାଳକଙ୍କୁ ପୁଲିସ ଗାଡ଼ି ଚାପି ଦେଇଥିଲା। ଏଥିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ବିକ୍ଷୋଭ ପ୍ରଦର୍ଶନ ଉଗ୍ର ହୋଇ ଯାଇଥିଲା। ପରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା।

### ଟ୍ୟାକ୍ସି ଚାଳକଙ୍କ ମୃତ୍ୟୁ ପରେ ବିଗିଡ଼ିଲା ସ୍ଥିତି

### ଚୀନ୍ ଗସ୍ତ ରଦ୍ଦକଲେ ରାଷ୍ଟ୍ରପତି ପ୍ରବୋୱୋ

ଡ୍ରାଇଭରଙ୍କ ମୃତ୍ୟୁ ମାମଲାରେ ୭ ଜଣ ଅଧିକାରୀଙ୍କୁ ଗିରଫ କରାଯାଇଛି। ଏହା ସତ୍ତ୍ୱେ ବାଲି ସ୍ଥିତ ପୁଲିସ ମୁଖ୍ୟାଳୟ ବାହାରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଇଷ୍ଟ ଜାଭା ସ୍ଥିତ ପୁଲିସ ମୁଖ୍ୟାଳୟ ବାହାରେ ମଧ୍ୟ ଅନେକ ଛାତ୍ରଛାତ୍ରୀ ଧାରଣା ଦେଉଛନ୍ତି। ଏହାକୁ ଦେଖି ଟିକ୍‌ଟକ୍ ନିଜର ଲାଇଭ୍ ସେବାକୁ ସାମୟିକ ସମୟ ପାଇଁ ବନ୍ଦ କରିଦେଇଛି। ଏହା ମଧ୍ୟରେ ରାଷ୍ଟ୍ରପତି ଶାନ୍ତି ବଜାୟ ରଖିବାକୁ ନିବେଦନ କରିଛନ୍ତି। ସେ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇ ଡ୍ରାଇଭରଙ୍କ ପରିବାରକୁ ଭେଟିବେ ବୋଲି କହିଛନ୍ତି।

ଇଣ୍ଡୋନେସିଆର ଆଇନ ସହାୟତା ସଂସ୍ଥା (ୱାଇଏଲବିଏଚଆଇ) ପୁଲିସ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛି। ପୁଲିସ ୬୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଗିରଫ କରି ହେପାଜତରେ ରଖିଛି। ପୁଲିସ ମାନବାଧିକାର ଉଲ୍ଲଙ୍ଘନ କରୁଥିବା ସଂଗଠନ ଅଭିଯୋଗ କରିଛି। ଗୋଳାବାରୁଦ ଚଳାଇ ଜୀବନ ନେଉଛି।

## କେନ୍ଦ୍ରକୁ ୬୦ ହଜାର କୋଟି ମାଗିଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୩୧।୮ (ଏଜେନ୍ସି): ପଞ୍ଜାବରେ ବନ୍ୟା ଉତ୍କଟ ସ୍ଥିତି ସୃଷ୍ଟି କରିଛି। ରାଜ୍ୟରେ ଭୟଙ୍କର ବନ୍ୟା ଦେଖିବାକୁ ମିଳିଛି। ତେଣୁ ଏହାର କ୍ଷତିପୂରଣ ବାବଦକୁ ପ୍ରଧାନମନ୍ତ୍ରୀଙ୍କୁ ୬୦, ୦୦୦ କୋଟି ଟଙ୍କାର ପାଣ୍ଠି ମାଗିଛନ୍ତି ମୁଖ୍ୟମନ୍ତ୍ରୀ ଭାଗୱନ୍ତ ମାନ। ଏ ନେଇ ସେ କେନ୍ଦ୍ରକୁ ଚିଠି ଲେଖିଛନ୍ତି। ବନ୍ୟା ଯୋଗୁ ୧,୦୦୦ ଗାଁ ଓ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ପ୍ରବଳ ବର୍ଷା କାରଣରୁ ସତଲେଜ, ବିଜ୍ ଓ ରାବି ନଦୀର ଜଳପତନ ବୃଦ୍ଧି ପାଇଛି। ଭୀଷଣ ବର୍ଷା ଯୋଗୁଁ ପଞ୍ଜାବର ୭ଟି ଜିଲ୍ଲାରେ ପ୍ରବଳ ବନ୍ୟା ଆସିଛି। ୩ ଲକ୍ଷ ଏକର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି।

## ହମାସ ମୁଖପାତ୍ର ଅବୁ ନିହତ

ତେଲ ଅଭିଭ,୩୧।୮ (ଏଜେନ୍ସି): ଇସ୍ରାଏଲ୍ ଶନିବାର ମଧ୍ୟଗାଜା ଉପରେ ଆକ୍ରମଣ କରିଛି। ଏଥିରେ ହମାସର ସାମରିକ ବିଭାଗ ମୁଖପାତ୍ର ଅବୁ ଓବେଇଡା ନିହତ ହୋଇଛି ବୋଲି ଇସ୍ରାଏଲ୍ ପକ୍ଷରୁ କୁହାଯାଇଛି। ତେବେ ତାଙ୍କ ମୃତ୍ୟୁ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଓବେଇଡା ଥିବା ଆପାର୍ଟମେଣ୍ଟ ଉପରେ ଆକ୍ରମଣ କରାଯାଇଥିଲା । ସେଠାରେ ରହୁଥିବା ଅନ୍ୟ ଲୋକ ଓ ପରିବାର ଲୋକ ମଧ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି। ହମାସ ମଧ୍ୟ ଇତିମଧ୍ୟରେ ଓବେଇଡାଙ୍କ ମୃତ୍ୟୁକୁ ସ୍ପଷ୍ଟ କରିଛି।

## କାନାଡ଼ାର ପ୍ରଥମ ଭାରତୀୟ ବଂଶୋଦ୍ଭବ ପୁଲିସ ମୁଖ୍ୟ ଡେଲ୍ ମାନକ୍‌ଙ୍କ ଅବସର



ଭିକ୍ଟୋରିଆ, ୩୧।୮ (ଏଜେନ୍ସି): କାନାଡାର ପ୍ରଥମ ଭାରତୀୟ ବଂଶୋଦ୍ଭବ ପୁଲିସ ମୁଖ୍ୟ ଡେଲ ମାନେକ୍ ଦୀର୍ଘ ବର୍ଷର ଚାକରି ପରେ ଅବସର ଗ୍ରହଣ କରିଛନ୍ତି। ସେ ଭାଙ୍କୋଭର ପୁଲିସ ବିଭାଗ (ଭିପିଡି)ରେ ୩୫ ବର୍ଷଧରି ନିଜର ଦାୟିତ୍ୱ ସଫଳତାର ସହ ସମ୍ପାଦନ କରିଥିଲେ। ସେ ୨୦୧୭ରେ ଭିକ୍ଟୋରିଆ ପୁଲିସ ମୁଖ୍ୟ ଭାବେ ଗୁରୁଦାୟିତ୍ୱ ଗ୍ରହଣ କରିଥିଲେ। ୧୬୮ ବର୍ଷ ଇତିହାସରେ ସେ ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ପୁଲିସ ବିଭାଗର ନେତୃତ୍ୱ ନେଇଥିଲେ। ଚାକିରିର ଅନ୍ତିମ ଦିବସରେ ସେ ନିଜେ ଗାଡ଼ି ଚଳାଇ ଭିକ୍ଟୋରିଆ ପୁଲିସ ବିଭାଗ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ସେ ନ୍ୟୁୟର୍କ ଆଇଲାଣ୍ଡର୍ସ ହକି ଟିମ୍‌ର ଥିମ ଲାଗିଥିବା ଏକ ବିଏମ୍‌ଡବ୍ଲ୍ୟୁ କନଭେର୍ଟିବଲ୍‌ରେ କାର୍ଯ୍ୟାଳୟ ଛାଡିଥିଲେ।

## ବୁଲା କୁକୁର ରାୟ ମୋତେ ବିଶ୍ୱରେ ପ୍ରସିଦ୍ଧ କଲା: ଜଷ୍ଟିସ ବିକ୍ରମ ନାଥ

ତିରୁଅନନ୍ତପରମ, ୩୧।୮ (ଏଜେନ୍ସି): ଦୀର୍ଘ ଦିନ ହେଲା ଆଇନ ଜଗତରେ କାର୍ଯ୍ୟ କରି ଆସୁଛି। ଛୋଟମୋଟ କାର୍ଯ୍ୟ ପାଇଁ ପରିଚିତି ଥିଲି। କିନ୍ତୁ ବୁଲା କୁକୁର ଉପରେ ଦେଇଥିବା ରାୟ କେବଳ ଦେଶରେ ନୁହେଁ, ବିଦେଶରେ ବି ମୋତେ ପ୍ରସିଦ୍ଧ କରାଇ ଥିଲା ବୋଲି ସୁପ୍ରିମକୋର୍ଟ ବିଚାରପତି ବିକ୍ରମ ନାଥ କହିଛନ୍ତି। ସେ ଏଥିପାଇଁ ବୁଲା କୁକୁରଙ୍କୁ କୃତଜ୍ଞତା ଦେଇଛନ୍ତି। ବିଚାର ପାଇଁ ଏହି ମାମଲା ଦେଇଥିବାରୁ ସେ ଭାରତର ପ୍ରଧାନ ବିଚାରପତି ବିଆର ଗଭାଇଙ୍କୁ ମଧ୍ୟ ଧନ୍ୟବାଦ୍ ଦେଇଛନ୍ତି। ତିରୁଅନନ୍ତପୁରମରେ ନ୍ୟାସନାଲ ଲିଗାଲ ସର୍ଭିସ ଅଥରିଟି (ନାଲସା) ପକ୍ଷରୁ ମନୁଷ୍ୟ ଏବଂ ବନ୍ୟଜନ୍ତୁ ସଂଘର୍ଷ ଉପରେ ଆୟୋଜିତ ଆଞ୍ଚଳିକ ସମ୍ମିଳନୀକୁ ସମ୍ବୋଧନ କରି ଜଷ୍ଟିସ ନାଥ ଏହି ଟିପ୍ପଣୀ ଦେଇଛନ୍ତି।

## କୋର୍ଟରେ ମହିଳା ବିଚାରପତିଙ୍କ ସଂଖ୍ୟା ବହୁତ୍ କମ୍: ଓକିଲ ସଂଘ

ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି): ସୁପ୍ରିମକୋର୍ଟ ଓକିଲ ସଂଘ (ଏସ୍‌ସିବିଏ) ପକ୍ଷରୁ ଶନିବାର ଏକ ପ୍ରସ୍ତାବ ପାରିତ ହୋଇଯାଇଛି। ଏଥିରେ ଦେଶର ଅଦାଲତ ଗୁଡିକରେ ମହିଳାଙ୍କ ସଂଖ୍ୟା ବହୁତ୍ କମ୍ ଥିବାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ପ୍ରସ୍ତାବରେ କୁହାଯାଇଛି ଯେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ମହିଳା ବିଚାରପତିଙ୍କ ପ୍ରତିନିଧିତ୍ୱ ଅତ୍ୟନ୍ତ ନଗଣ୍ୟ ରହିଛି। ସୁପ୍ରିମକୋର୍ଟରେ ଜଷ୍ଟିସ ଆଲୋକ ଅରାଧେ ଏବଂ ବିପୁଳ ଏମ ପଞ୍ଚୋଲିଙ୍କ ନିଯୁକ୍ତି ପରେ ଓକିଲ ସଂଘ ଏଭଳି ପ୍ରସ୍ତାବ ପାରିତ କରିଛି। ଏହା ପୂର୍ବରୁ ଜଷ୍ଟିସ ପଞ୍ଚୋଲିଙ୍କ ନିଯୁକ୍ତିକୁ ସୁପ୍ରିମକୋର୍ଟ ବିଚାରପତି ବି ଭି ନାଗରତ୍ନା ବିରୋଧ କରିଥିଲେ। ସୂଚନା ଅନୁଯାୟୀ ହାଇକୋର୍ଟ ଗୁଡିକରେ ୧୧୦୦ ବିଚାରପତି ପଦ ରହିଛି। ଏଥିରୁ ୬୭୦ ପଦରେ ପୁରୁଷ ଥିବାବେଳେ ମାତ୍ର ୧୦୩ ପଦରେ ମହିଳା ରହିଛନ୍ତି। ଉତ୍ତରାଖଣ୍ଡ, ମେଘାଳୟ, ତ୍ରିପୁରା ଏବଂ ମଣିପୁର ହାଇକୋର୍ଟରେ ଜଣେ ହେଲେ ବି ମହିଳା ବିଚାରପତି ନାହାନ୍ତି।

■ ବାୟୁସେନାକୁ ମିଳିବ ୨ ତେଜସ୍ ମାର୍କ-୧ଏ


## ହାଲ୍‌ଠାରୁ କିଣାଯିବ ୯୭ ଲଢୁଆ ବିମାନ



ନୂଆଦିଲ୍ଲୀ,୩୧।୮ (ଏଜେନ୍ସି): ସେପ୍ଟେମ୍ବର ମାସରେ ଭାରତୀୟ ବାୟୁସେନାକୁ ଦୁଇଟି ଲଢୁଆ ତେଜସ୍ ମାର୍କ-୧ଏ ମିଳିବ। ପ୍ରତିରକ୍ଷା ସଚିବ ଆରକେ ସିଂ ଏ ନେଇ ସୂଚନା ଦେଇଛନ୍ତି। ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ (ହାଲ) ଏହି ଦୁଇଟି ବିମାନ ଦେବ। ଏହି ବିମାନରେ ଅସ୍ତ୍ରଶସ୍ତ୍ର ଯୋଡି ହୋଇ ରହିବ। ଖୁବଶୀଘ୍ର ତେଜସ୍ ବିମାନ ମିଗ୍-୨୧ ବିମାନର ସ୍ଥାନ ନେବ। ପୁଣି ସରକାର ହାଲ୍ ସହିତ ଏକ ନୂଆ ଚୁକ୍ତି କରିବାକୁ ଯାଉଛନ୍ତି। ଏହି ଚୁକ୍ତି ଅନୁସାରେ ହାଲ୍‌ଠାରୁ ୯୭ଟି ତେଜସ ବିମାନ କ୍ରୟ କରାଯିବ ଓ ଏଥିପାଇଁ ୬୭,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଇଛି। ବର୍ତ୍ତମାନ ୩୮ଟି ତେଜସ୍ ଲଢୁଆ ବିମାନ ଭାରତୀୟ ବାୟୁସେନାରେ ନିୟୋଜିତ ହୋଇଛି। ପୂର୍ବରୁ ୨୦୨୧ରେ ସରକାର ୮୩ଟି ତେଜସ ମାର୍କ-୧ଏ କ୍ରୟ କରିବାକୁ ୪୮,୦୦୦ କୋଟି ଟଙ୍କାର ଚୁକ୍ତି କରିଥିଲା। କିନ୍ତୁ ଆମେରିକୀୟ ଇଞ୍ଜିନ ପ୍ରାପ୍ତ ହେବାରେ ବିଳମ୍ବ ହେବା କାରଣରୁ ଏହି ବିମାନ ଏପର୍ଯ୍ୟନ୍ତ ବାୟୁସେନାକୁ ମିଳିନାହିଁ। କିନ୍ତୁ ଏବେ ୨୦୨୮ ବେଳକୁ ହାଲ୍ ସବୁ ବିମାନ ବାୟୁସେନାକୁ ଦେବ ବୋଲି ଆଶା କରାଯାଉଛି। ଅଗଷ୍ଟ ୧୯ରେ କେନ୍ଦ୍ର ସରକାର ୬୨,୦୦୦ କୋଟି ଟଙ୍କା ବିନିମୟରେ ୯୭ଟି ଏଲ୍‌ସିଏ ମାର୍କ-୧ଏ ଜେଟ୍ ହାଲ ସହ ଚୁକ୍ତି କରିଥିଲା। ଏଲ୍‌ସିଏ ମାର୍କ-୧ଏ ବିମାନ ତେଜସର ଉନ୍ନତ ସଂସ୍କରଣ ବିବେଚିତ ହେଉଛି। ଏଥିରେ ଅତ୍ୟାଧୁନିକ ଆଭିଓନିକ୍ସ ଓ ରାଡାର ସିଷ୍ଟମ ରହିଛି।

### ପାକିସ୍ତାନ ପଞ୍ଜାବରେ ଇତିହାସର ସବୁଠୁ ବଡ଼ ବନ୍ୟା

## ୩୩ ମୃତ; ୭ ଲକ୍ଷ ଲୋକ ସ୍ଥାନାନ୍ତର, ୨୦ ଲକ୍ଷ ପ୍ରଭାବିତ



ଲାହୋର,୩୧।୮ (ଏଜେନ୍ସି): ପାକିସ୍ତାନର ପଞ୍ଜାବ ପ୍ରଦେଶ ରେ ସବୁଠାରୁ ବଡ଼ ବନ୍ୟା ଆସିଛି। ଏହା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଐତିହାସିକ ସହର ଲାହୋରରେ ଭିତରେ ମଧ୍ୟ ପାଣି ପଶି ଯାଇଛି। ଫଳରେ ସାରା ପ୍ରଦେଶରେ ମାନବୀୟ ସଂକଟ ସୃଷ୍ଟି ହୋଇଛି। ବର୍ଷା ଓ ବନ୍ୟା କାରଣରୁ ଏପର୍ଯ୍ୟନ୍ତ ୩୩ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ୨,୨୨୦ ଗାଁ ପ୍ରଭାବିତ ହୋଇଛି। ୭ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ମୋଟ ଉପରେ ୨୦ ଲକ୍ଷ ଲୋକ ବନ୍ୟା ଯୋଗୁ ପ୍ରଭାବିତ ହୋଇଛନ୍ତି ବୋଲି ପଞ୍ଜାବର ବରିଷ୍ଠ ମନ୍ତ୍ରୀ ମରିୟମ ଔରଙ୍ଗଜେବ୍ କହିଛନ୍ତି। ପ୍ରଥମଥର ପାଇଁ ସତଲେଜ, ଚେନାବ ଓ ରାବି ନଦୀରେ ଏକା ସମୟରେ ବଡ଼ ବନ୍ୟା ଆସିଛି। ଏହି ୩ଟି ନଦୀର ଜଳସ୍ତର ଆଶାତୀତ ଭାବେ ବୃଦ୍ଧି ପାଇଛି। ପଞ୍ଜାବ ପ୍ରଦେଶରେ କେବଳ ୧୫ କୋଟି ଲୋକ ରୁହନ୍ତି ଓ ଏହି ପ୍ରଦେଶରେ ପାକିସ୍ତାନର ସର୍ବାଧିକ ଚାଷଜମି ରହିଛି। ପଞ୍ଜାବରେ ସବୁଠାରୁ ଅଧିକ ଗହମ ଉତ୍ପାଦନ ହୋଇଥାଏ। ୨୦୨୨ରେ ମଧ୍ୟ ପଞ୍ଜାବରେ ଭୟଙ୍କର ବନ୍ୟା ଆସିଥିଲା। ଚଳିତ ବର୍ଷ ଜୁଲାଇ ୧ରୁ ଅଗଷ୍ଟ ୨୭ ମଧ୍ୟରେ ରାଜ୍ୟରେ ୨୬.୫ ପ୍ରତିଶତ ଅଧିକ ବର୍ଷା ହୋଇଛି। ପୁଣି ଜୁନ ୨୬ ପରଠାରୁ ପାକିସ୍ତାନରେ ବର୍ଷାଜନିତ ଘଟଣା ଯୋଗୁ ଏପର୍ଯ୍ୟନ୍ତ ମୋଟ୍ ୮୪୯ ଲୋକ ମୃତ୍ୟୁବରଣ କଲେଣି। ୧,୧୩୦ ଜଣ ମଧ୍ୟ ଆହତ ହୋଇଛନ୍ତି ବୋଲି ପାକିସ୍ତାନ ବିପର୍ଯ୍ୟୟ ପରିଚାଳନା ବିଭାଗ ସୂଚନା ଦେଇଛି।

### ଭାରତରେ ଶିକ୍ଷା ମହଙ୍ଗା


## ପ୍ରଥମ ଶ୍ରେଣୀ 'ଟ୍ୟୁସନ ଫି' ୭.୩୫ ଲକ୍ଷ

### ନାମଲେଖାଇବା ପାଇଁ ଦେବାକୁ ପଡୁଛି ଲକ୍ଷେ ଟଙ୍କା

ବେଙ୍ଗାଲୁରୁ, ୩୧।୮ (ଏଜେନ୍ସି):

ଭାରତରେ ଶିକ୍ଷା ମହଙ୍ଗା ହେବାରେ ଲାଗିଛି। ଘରୋଇ ବିଦ୍ୟାଳୟରେ ଦେୟ ସାରା ବିଶ୍ୱରେ ସର୍ବାଧିକ ରହିଛି। ଆୟ ବଢୁ ନ ଥିବାବେଳେ ବ୍ୟୟ ବଢ଼ି ଚାଲିଛି। ଏହି ଅନୁପାତରେ ମହଙ୍ଗା ଶିକ୍ଷାରେ ଭାରତ ସବୁଠୁ ଆଗରେ ରହିଛି। ନ୍ୟୁୟର୍କ, ଦୁବାଇ, ଲଣ୍ଡନ ଭଳି ସହରଠାରୁ ମୁମ୍ବଇ, ଦିଲ୍ଲୀ, ବେଙ୍ଗାଲୁରୁ ଆଦି ସହରରେ ପଢା ଖର୍ଚ୍ଚ ଢେର ଅଧିକ ରହିଛି। ଏହା ଅଭିଭାବକଙ୍କ ମୁଣ୍ଡବିନ୍ଧା ସୃଷ୍ଟି କରିଛି। ବେଙ୍ଗାଲୁରୁରୁ ଏହାର ପ୍ରକୃଷ୍ଟ ଉଦାହରଣ ସାମ୍ନାକୁ ଆସିଛି। ଏକ ପ୍ରସିଦ୍ଧ ସ୍କୁଲର ଟ୍ୟୁସନ ଫି ଖୁବ୍ ଭାଇରାଲ ହେବାରେ ଲାଗିଛି। ଏହା ଦେଶରେ ଘରୋଇ ସ୍କୁଲର ଶୋଷଣକୁ ନେଇ ଚର୍ଚ୍ଚାକୁ ଜୋରଦାର କରିଛି। ସୂଚନା ଅନୁଯାୟୀ ପ୍ରଥମ ଶ୍ରେଣୀ (ଆଇବି ପିୱାପି) ପାଇଁ ନିଭ୍ ଏକାଡେମିର ବାର୍ଷିକ 'ଟ୍ୟୁସନ ଫି' ୭.୩୫ ଲକ୍ଷ ଟଙ୍କା ରହିଛି। ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଏହି ଦେୟ ସମାନ ରହିଛି। ସେହିପରି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଯାଏ ଟ୍ୟୁସନ ଫି ୭ ଲକ୍ଷ ୭୫ ହଜାର, ନବମ ଓ ଦଶମ ଶ୍ରେଣୀର ୮ ଲକ୍ଷ ୫୦ ହଜାର ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ବର୍ଷକୁ ୧୧ ଲକ୍ଷ ଟଙ୍କା ଦେୟ ରହିଛି। ଖାଲି ସେତିକି ନୁହେଁ, ନାମଲେଖା ଦେୟ ଲକ୍ଷେ ଟଙ୍କା ରହିଛି। ଏହାକୁ କୌଣସି ସ୍ଥିତିରେ ବି ଫେରାଯିବ ନାହିଁ ବୋଲି କୁହାଯାଇଛି।

ଟ୍ୟୁସନ ଫିରେ ପରିବହନ, ପୁସ୍ତକ, ୟୁନିଫର୍ମ କିମ୍ବା ପାଠ୍ୟକ୍ରମ ବହିର୍ଭୂତ କାର୍ଯ୍ୟକଳାପ ଭଳି ଅତିରିକ୍ତ ଖର୍ଚ୍ଚ ସାମିଲ ନାହିଁ। ଏ ସବୁ ମିସାଇଲା ପରେ ପ୍ରଥମ ଶ୍ରେଣୀ ପିଲାର ମୋଟ ବାର୍ଷିକ ଖର୍ଚ୍ଚ ୮ ଲକ୍ଷ ଟଙ୍କାରୁ ଅଧିକ ହୋଇପାରେ। ଏହାକୁ ନେଇ ଆର୍ଥିକ ନୀତି ନିର୍ଦ୍ଧାରକ ଡି ମୁଥୁକ୍ରିଷ୍ଣନ ଏହି ସ୍କୁଲର ଦେୟ ତାଲିକା ସେୟାର କରି କହିଛନ୍ତି ଯେ ଏହା ଏକ ମୁକ୍ତ ବଜାର। ବ୍ୟକ୍ତିବିଶେଷଙ୍କ ଏହାର ମୂଲ୍ୟ ନିର୍ଦ୍ଧାରଣ କରୁଛନ୍ତି। ଗ୍ରାହକ କ'ଣ ଚାହୁଁଛନ୍ତି ତାହା ବାଛିବା ସେମାନଙ୍କର ପସନ୍ଦ। ଏଠାରେ ମଧ୍ୟ ସବୁକିଛି ଠିକ୍ ରହିଛି। ବେଙ୍ଗାଲୁରୁର ଏକ ଭଲ ବିଦ୍ୟାଳୟର ଏଭଳି ଦେୟ ନେଉଛି। ଅନେକ ଏଭଳି ଦେୟ ଦେଇପାରିବେ ନାହିଁ। ବର୍ଷକୁ ୫୦ ଲକ୍ଷ ଟଙ୍କା ଆୟ କରୁଥିବା ଆଇଟି ଦମ୍ପତ୍ତି ମଧ୍ୟ ନିଜର ଦୁଇ ପିଲାଙ୍କୁ ଏହି ସ୍କୁଲରେ ପଢାଇବାକୁ ଉଚିତ ମଣିବେ ନାହିଁ। ଭାରତ ହେଉଛି ମନମୁଖୀ ନିଷ୍ପତ୍ତି ନେଉଥିବା ଲୋକଙ୍କ ଦେଶ।




କିଛି ଲୋକେ କହିଛନ୍ତି ଯେ ଭାରତରେ ଘରୋଇ ସ୍କୁଲ ଉପରେ କୌଣସି ନିୟନ୍ତ୍ରଣ ନାହିଁ। ସ୍କୁଲଗୁଡିକ ନିଜ ମନଇଚ୍ଛା ଦେୟ ଆଦାୟ କରିଚାଲିଛନ୍ତି। ଯେତିକି ଟଙ୍କା ଲୋକଙ୍କଠୁ ନେଉଛନ୍ତି ସେହି ତୁଳନାରେ ଶିକ୍ଷକ, କର୍ମଚାରୀମାନଙ୍କୁ ଦରମା ଦେଉନାହାନ୍ତି। ପରିଚାଳକଙ୍କ ପାଖକୁ ଏଥିରୁ ସିଂହଭାଗ ଅର୍ଥ ଯାଉଛି। ମଧ୍ୟବିତ୍ତ ଏବଂ ଉଚ୍ଚ ମଧ୍ୟବିତ୍ତ ଲୋକେ ନିଜ ପିଲାଙ୍କୁ ବି ଏଭଳି ସ୍କୁଲରେ ପଢ଼ାଇପାରିବେ ନାହିଁ। ଧନୀଶ୍ରେଣୀର ପିଲାଙ୍କ ପାଇଁ ଏହା ସାଧାରଣ କଥା।

### ମନ୍ କି ବାତ୍‌ର ୧୨୫ତମ ସଂସ୍କରଣ

## ପ୍ରାକୃତିକ ବିପର୍ଯ୍ୟୟ ଆମ ପରୀକ୍ଷା ନେଉଛି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୩୧।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ଜଣାଶୁଣା ରେଡିଓ ଶୋ 'ମନ୍ କି ବାତ୍'ର ୧୨୫ ତମ ସଂସ୍କରଣରେ ସାରା ଦେଶକୁ ରବିବାର ସମ୍ବୋଧିତ କରିଛନ୍ତି। ଏଥିରେ ସେ ପ୍ରାକୃତିକ ବିପର୍ଯ୍ୟୟ, ଖେଳ- ଖେଳାଳି, ନୂତନତା, ଶିକ୍ଷା, ଭୋକାଲ ଫର ଲୋକାଲ ନେଇ ବିଚାର ବ୍ୟକ୍ତ କରିଥିଲେ। ମୌସୁମୀ ବର୍ଷା ଜନିତ ପ୍ରାକୃତ ବିପର୍ଯ୍ୟୟ ଆମର ପରୀକ୍ଷା ନେଉଛି ବୋଲି ସେ କହିଥିଲେ। ଗତ କେତେ ସପ୍ତାହରେ ଆମେ ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ଦେଖିବାକୁ ପାଇଛୁ। ଏଥିରେ ବହୁ ଧନଜୀବନ ହାନୀ ହୋଇଛି ଓ ଏଥିରେ ଆମେ ସମସ୍ତେ ଦୁଃଖିତ ବୋଲି ସେ କହିଥିଲେ। ସେହିପରି ୟୁପିଏସ୍‌ସିର ଚୂଡାନ୍ତ ତାଲିକାରେ ବହୁ ପ୍ରାର୍ଥୀ ସ୍ଥାନ ପାଇପାରୁନାହାନ୍ତି। ସେମାନେ ଡିଜିଟାଲ ଆପ୍ ପ୍ଲାଟଫର୍ମ 'ପ୍ରତିଭା ସେତୁ' ଦ୍ୱାରା ଲାଭବାନ ହୋଇପାରିବେ। ଦେଶର ବଡ଼ବଡ଼ କମ୍ପାନୀରେ ସେମାନଙ୍କୁ ଚାକିରି କରିବାର ସୁଯୋଗ ମିଳିବ ବୋଲି ସେ କହିଥିଲେ। ସେପ୍ଟେମ୍ବରରେ 'ହାଇଦରାବାଦ ଲିବରେସନ ଡେ' ପାଳନ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ଦେଶ ହାସଲ କରିଥିବା ସବୁ ଉପଲବ୍ଧି ବିଷୟରେ ସେ ମତ ରଖିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ଉଦାହରଣ ସୃଷ୍ଟି କରିଥିବା ଲୋକଙ୍କ ବିଷୟରେ ମଧ୍ୟ ମୋଦୀ ଉଲ୍ଲେଖ କରିଥିଲେ। 'ମନ କି ବାତ' ୨୨ଟି ଭାଷାରେ ପ୍ରସାରିତ ହେଉଛି। ୨୩ କୋଟି ଲୋକ ଏହାକୁ ନିୟମିତ ଭାବେ ଶୁଣୁଛନ୍ତି।

## ସଂଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାର୍ ଗୁରୁତର

■ ଆଇସିୟୁରେ ଭର୍ତ୍ତି, ସ୍ୱାସ୍ଥ୍ୟାବସ୍ଥା ସ୍ଥିର
■ ଚିକିତ୍ସାରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍

କଟକ, ୩୧।୮ (ସମିସ): ଓଲିଉଡ୍‌ର ପ୍ରଖ୍ୟାତ ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ୍ ମଜୁମଦାର୍ ଗୁରୁତର ହୋଇ ସିଡିଏ ସେକ୍ଟର-୬ସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଆଜି ପୂର୍ବାହ୍ନରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ୪ ଦିନ ତଳେ ଡିହାଇଡ୍ରେସନ୍ ଯୋଗୁଁ ତାଙ୍କୁ ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ତେବେ ଆଜି ହଠାତ୍ ତାଙ୍କ ଶରୀରରୁ ସୋଡିୟମ୍ ଏବଂ ପୋଟାସିୟମ୍ ମାତ୍ରା କମିଯିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାରଲୋକେ ତାଙ୍କୁ ଆଜି ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ଶେଷ ସୂଚନାନୁଯାୟୀ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

ହସ୍ପିଟାଲ୍‌ରେ ଶ୍ରୀ ମଜୁମଦାର୍‌ଙ୍କୁ ଭେଟିଥିବା ଅଭିନେତା ତଥା ବିଜେପି ନେତା ଶ୍ରୀତମ ଦାସ କହିଛନ୍ତି ଯେ ଅଭିଜିତ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ତାଙ୍କର ବିଭିନ୍ନ ପରୀକ୍ଷା କରାଯାଉଛି। ସମସ୍ତ ରିପୋର୍ଟ ଡାକ୍ତରଙ୍କ ହସ୍ତଗତ ହୋଇନାହିଁ। ସେ ଖୁବ୍‌ଶୀଘ୍ର ସୁସ୍ଥ ହୋଇ କର୍ମକ୍ଷେତ୍ରକୁ ଫେରିବେ ବୋଲି କହିଛନ୍ତି। ସେହିପରି ଚଳଚ୍ଚିତ୍ର ପ୍ରଯୋଜକ ତଥା ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା କହିଛନ୍ତି, ଅଭିଜ୍ଞ ଡାକ୍ତରୀ ଟିମ୍ ଆଇସିୟୁରେ ତାଙ୍କର ଚିକିତ୍ସା କରୁଛନ୍ତି। ଅନ୍ୟପଟେ ସମ୍ପୃକ୍ତ ଘରୋଇ ହସ୍ପିଟାଲ୍ ବାହାରେ ଓଲିଉଡ୍‌ର ଅନେକ କଳାକାର ପହଞ୍ଚି ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝୁଥିବା ଦେଖିବାକୁ ମିଳିଥିଲା।

■ ଗର୍ଜନଖୋଲ ଜଳପ୍ରପାତରେ ବୁଡ଼ି ଯୁବକ ନିଖୋଜ ଘଟଣା

## ତିନିଦିନ ପରେ ମୃତଦେହ ଉଦ୍ଧାର

ପାଲଲହଡ଼ା, ୩୧।୮ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ନଗିରା ଗାଁ ଜଙ୍ଗଲରେ ଥିବା ଗର୍ଜନଖୋଲ ଜଳପ୍ରପାତରେ ବୁଡ଼ି ଶୁକ୍ରବାର ଜଣେ ଯୁବକ ନିଖୋଜ ହୋଇଥିବା ବେଳେ ରବିବାର ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ, କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ବାଲରାଇ ଗ୍ରାମର ଅର୍ଜୁନ ବେହେରାଙ୍କ ପୁଅ ଲିପୁନ୍ ବେହେରା। ପାଲଲହଡ଼ା ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

ଶୁକ୍ରବାର କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ବାଲରାଇ ଗାଁର ଲିପୁନ ବେହେରା, ଶୁଭମ୍ ପଲେଇ ଏବଂ ଗୋପପୁରର ଗିରିଧାରୀ ପଲେଇ ସାଙ୍ଗହୋଇ ଗର୍ଜନଖୋଲ ଜଳପ୍ରପାତ ବୁଲିବାକୁ ଆସିଥିଲେ। ସେମାନେ ଗାଧୋଇବା ବେଳେ ଲିପୁନ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ବାଂଶପାଳ ଅଗ୍ନିଶମବାହିନୀ ଓ ପାଲଲହଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ମିଳିନଥିଲା। ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ଶନିବାର ଓ ରବିବାର ଖୋଜାଖୋଜି ଜାରି ରହିଥିଲା। ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବାହିନୀ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ବେଳେ ରବିବାର ତୃତୀୟ ଦିନରେ ଲିପୁନଙ୍କ ମୃତଦେହ ଉଦ୍ଧାର ହୋଇଛି।

## ମୂଳଚାଲ ବେଳେ ମାଡ଼ି ବସିଲା ବନ ବିଭାଗ

# ବାଘଛାଲ ଜବତ, ୭ ଗିରଫ



ଭଞ୍ଜନଗର,୩୧।୮ (ସମିସ): ବାଘଛାଲ ପୂଜା ପାଇଁ ପ୍ରସ୍ତୁତି ସରିଥିଲା। ପୂଜା ସରିବା ପରେ ବେପାରୀଙ୍କ ହାତକୁ ଟେକି ଦିଆଯାଇଥା'ନ୍ତା। ସେପଟ ବାଘ ଛାଲକୁ କେମିତି ଚାଲାଣ ହେବ, କାହାକୁ ବିକ୍ରି ହେବ, ସେନେଇ ଆଉ କିଛି ମାଫିଆ ଏକ ଲଜ୍‌ରେ ବସି ଯୋଜନା ପ୍ରସ୍ତୁତ କରୁଥିଲେ। ହେଲେ ତା'ପୂର୍ବରୁ ବନ ବିଭାଗ ସବୁ ବିଗାଡ଼ି ଦେଲା। ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନ ବିଭାଗକୁ ରବିବାର ମିଳିଛି ବଡ଼ ସଫଳତା। ସାଦା ପୋଷାକରେ ଛକି ରହିଥିବା ବନକର୍ମଚାରୀ ଅତର୍କିତ ଚଢ଼ଉ କରି ଗୋଟିଏ ଗୁଳିବିଦ୍ଧ କଲରାପତରିଆ ବାଘ ଛାଲ ଜବତ କରିବା ସହ ୭ ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଗଜପତି ଜିଲ୍ଲାର ୩ଜଣ ରହିଥିବା ବେଳେ ଗଂଜାମ ଜିଲ୍ଲାର ୪ଜଣ ରହିଛନ୍ତି। ସେମାନେ ହେଲେ, ବେଲଗୁଣ୍ଠା ଥାନା ଅନ୍ତର୍ଗତ ଗୁଣ୍ଡିରିବାଡ଼ି ଗାଁର ସୁରେନ୍ଦ୍ର ପ୍ରଧାନ, ପଲ୍ଲଖାରୀ ଗାଁର ସୁଶାନ୍ତ ଡାକୁଆ, ଗୁଣ୍ଡୁରିବାଡ଼ି ଗାଁର ଲକ୍ଷ୍ମଣ ପ୍ରଧାନ, ପୁରୁଷୋତ୍ତମପୁର ଥାନା ଅଞ୍ଚଳର ତ୍ରିନାଥ ବିଶ୍ୱାଳ ଏବଂ ଗଜପତି ଜିଲ୍ଲାର ବିପିନ ପ୍ରଧାନ, କ୍ଷେତ୍ରୀୟ ପ୍ରାଧାନ ଏବଂ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ଖଲି ଚରଣ ଜାନି। ଖଲି ଏ ପୂରା ରାକେଟ୍‌ର ମୁଖ୍ୟ କାର୍ପଟଦାର ବୋଲି ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି କହିଛନ୍ତି।

ଶ୍ରୀ ମହାନ୍ତି କହିଛନ୍ତି ଯେ ପ୍ରାୟ ୧୫/୨୦ଦିନ ମଧ୍ୟରେ ଉକ୍ତ କଲରାପତରିଆ ବାଘକୁ ଗୁଳି କରି ଶିକାର କରାଯାଇଥିବା ଅନୁମାନ କରାଯାଉଛି। ତେବେ କେଉଁ ଅଞ୍ଚଳରୁ ବାଘକୁ ଶିକାର କରାଯାଇଛି, ତାହା ସ୍ପଷ୍ଟ ହୋଇନି। ଘଟଣାର ଅଧିକ ଖୋଳତାଡ଼ ଜାରି ରହିଥିବା ବେଳେ ତଦନ୍ତ ପରେ ଏହି ଅନ୍ତଃରାଜ୍ୟ ବାଘଛାଲ ମାଫିଆଙ୍କ ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି ଏବଂ ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ରହିଛନ୍ତି, ତାହା ଜଣାପଡ଼ିବ।

ବେଲଗୁଣ୍ଠା ଥାନା ଅନ୍ତର୍ଗତ ଗୁଣ୍ଡିରିବାଡ଼ି ଗାଁର ସୁରେନ୍ଦ୍ରଙ୍କ ଘରେ ପୂଜା ଚାଲିଥିବା ବେଳେ ବନ ବିଭାଗ ଚଢ଼ଉ କରିଥିଲା। ସୁରେନ୍ଦ୍ରଙ୍କ ସହ ସୁଶାନ୍ତ, ଲକ୍ଷ୍ମଣ, ତ୍ରିନାଥ ଏବଂ ଗଜପତି ଜିଲ୍ଲାର ବିପିନ, କ୍ଷେତ୍ରୀୟ ଏବଂ ମୁଖ୍ୟ କାର୍ପଟଦାର ଅବସରପ୍ରାପ୍ତ ପୁଲିସ କର୍ମଚାରୀ ଖଲି ଚରଣ ପ୍ରମୁଖଙ୍କୁ କାବୁ କରାଯାଇଥିଲା। ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତିଙ୍କ ନେତୃତ୍ୱରେ ଏସିଏଫ୍ ବିବେକ କୁମାର ଦାସ, ମୁଜାଗଡ ବନାଞ୍ଚଳ ଅଧିକାରୀ ବିମ୍ବାଧର ସାହୁ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ପ୍ରଧାନ, ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀ ସୁଜାତା ପଣ୍ଡା, ବନପାଳ ଅନୁପ କୁମାର ବିଷୋୟୀ, ଭଞ୍ଜନଗର ବନପାଳ ବବୁଲୁ ସେଠୀ, ଜୀବନ ତ୍ରିପାଠୀ ପ୍ରମୁଖଙ୍କ ନେତୃତ୍ୱରେ ଏହି ଚଢ଼ଉ ହୋଇଥିଲା। ଭଞ୍ଜନଗର ଥାନାଧିକାରୀ ଜୀବନାନନ୍ଦ ଜେନା ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ରାଜଧାନୀରେ ପ୍ରତିଷ୍ଠା ହେବ ମନୋଜ ଦାସଙ୍କ ପ୍ରତିମୂର୍ତ୍ତି

■ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ହେବ ସ୍ଥାନ ନିରୂପଣ
■ ଜୋରସୋର୍‌ରେ ଚାଲିଛି ମୂର୍ତ୍ତି ନିର୍ମାଣ



ଭୁବନେଶ୍ୱର,୩୧।୮ (ସମିସ): ସମଗ୍ର ବିଶ୍ୱରେ ଓଡ଼ିଶାକୁ ଗୌରବାନ୍ୱିତ କରିଥିବା ପ୍ରଖ୍ୟାତ ଲେଖକ ମନୋଜ ଦାସଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଖୁବ୍‌ଶୀଘ୍ର ରାଜଧାନୀରେ ପ୍ରତିଷ୍ଠା ହେବ। ଖ୍ୟାତନାମା ଭାସ୍କର୍ଯ୍ୟ ଶିଳ୍ପୀ ସରୋଜ ଭଞ୍ଜଙ୍କ ଖଣ୍ଡଗିରିସ୍ଥିତ ୱାର୍କସପ୍‌ରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜୋରସୋର୍‌ରେ ଚାଲିଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଏହାକୁ ସ୍ଥାପନ କରାଯିବ। ଏଥିପାଇଁ ଖୁବ୍‌ଶୀଘ୍ର ଉପଯୁକ୍ତ ସ୍ଥାନ ନିରୂପଣ କରାଯିବ ବୋଲି ମନୋଜ ଦାସ ସ୍ମୃତି ସଂସଦର ସାଧାରଣ ସଂପାଦକ ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ୨ବର୍ଷ ତଳେ ଗୀତଗୋବିନ୍ଦ ସଦନରେ ଆୟୋଜିତ ମନୋଜ ଦାସଙ୍କ ଜୟନ୍ତୀ ସଭାରେ ସ୍ମୃତି ସଂସଦ ପକ୍ଷରୁ ସଂସ୍କୃତି ବିଭାଗ ନିକଟରେ ଏହି ଦାବି କରାଯାଇଥିଲା। ପରବର୍ତ୍ତୀ ସମୟରେ ଲିଖିତ ଭାବେ ବିଭାଗକୁ ଜଣାଯାଇଥିଲା। ବାଣୀବିହାର ପରିସରରେ ମନୋଜ ଦାସଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଏବଂ ତାଙ୍କ ନାମରେ ରାଜଧାନୀର ଏକ ରାସ୍ତାର ନାମକରଣ କରାଯିବାକୁ ସେଥିରେ ଦାବି ରଖାଯାଇଥିଲା। ସରକାର ଏହି ପ୍ରସ୍ତାବ ଗ୍ରହଣ କରିବା ସହ ସ୍ୱର୍ଗୀୟ ଲେଖକଙ୍କ ଏକ ବିଶାଳ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣ ଲାଗି ଅର୍ଥ ମଞ୍ଜୁର କରିଥିବାରୁ ସ୍ମୃତି ସଂସଦର କର୍ମକର୍ତ୍ତାମାନେ ଖୁସି ପ୍ରକଟ କରିଛନ୍ତି। ବିଖ୍ୟାତ ଭାସ୍କର୍ଯ୍ୟ ଶିଳ୍ପୀ ସରୋଜ ଭଞ୍ଜ ଏହାର ନିର୍ମାଣ କରୁଛନ୍ତି। ଆଜି ଶିଳ୍ପୀ ଶ୍ରୀ ଭଞ୍ଜଙ୍କ ନିମନ୍ତ୍ରଣକ୍ରମେ ବିଧାୟକ ଶ୍ରୀ ଦାସ ଖଣ୍ଡଗିରିସ୍ଥିତ ତାଙ୍କ ୱାର୍କସପକୁ ଯାଇ ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ରେ ନିର୍ମିତ ପ୍ରତିମୂର୍ତ୍ତିର ପ୍ରାରମ୍ଭିକ ଛାଞ୍ଚ ଦେଖି ଖୁସି ପ୍ରକଟ କରିଛନ୍ତି। ମାସେ ଦେଢ଼ ମାସ ଭିତରେ ସଂପୂର୍ଣ୍ଣ ହୋଇ ପୂର୍ଣ୍ଣାଙ୍ଗ ବ୍ରୋଞ୍ଜ ପ୍ରତିମୂର୍ତ୍ତିରେ ପରିଣତ ହେଲେ ଏହା ଆହୁରି ଜୀବନ୍ତ ଲାଗିବ ବୋଲି ସେ କହିଛନ୍ତି। ଅପରପକ୍ଷେ, ଏହି ପ୍ରତିମୂର୍ତ୍ତି ନିର୍ମାଣ ଲାଗି ସଂସ୍କୃତି ବିଭାଗ ଅର୍ଥ ପ୍ରଦାନ କରିଥିବାରୁ ମନୋଜ ଦାସ ସ୍ମୃତି ସଂସଦ ଏବଂ ଓଡ଼ିଶାର ଅଗଣିତ ମନୋଜପ୍ରେମୀଙ୍କ ତରଫରୁ ସରକାରଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବିଜେଡିର କଟାକ୍ଷ | ଓଡ଼ିଶା ପୁଣି ଦେଖିଲା ବିଜେପିର 'କପି-ପେଷ୍ଟ' ଶାସନର ଧାରା

■ କିଛି ନୂଆ କରିବାକୁ ବିଜେପି ସରକାର ସମ୍ପୂର୍ଣ୍ଣ ଅକ୍ଷମ
■ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାରେ କୌଣସି ବାସ୍ତବତା ନାହିଁ

ଭୁବନେଶ୍ୱର, ୩୧।୮ (ସମିସ): ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୬ଟି ନୂଆ ଏନ୍‌ଏସି ଏବଂ ୭ଟି ନୂଆ ମ୍ୟୁନିସିପାଲଟି ଘୋଷଣା କରିଥିବା ବେଳେ ଏହାକୁ କଡ଼ା ସମାଲୋଚନା କରିଛି ବିଜେଡି। ଓଡ଼ିଶା ପୁଣିଥରେ ବିଜେପିର କପି-ପେଷ୍ଟର ଧାରା ଦେଖିଲା ବୋଲି ଦଳ ପକ୍ଷରୁ କୁହାଯାଇଛି। ସହରୀକରଣର ନୂଆ ଅଭିଯାନ ଅନ୍ତର୍ଗତ ଏନ୍‌ଏସି ଓ ମ୍ୟୁନିସିପାଲିଟି ଘୋଷଣା କଥା ମୁଖ୍ୟମନ୍ତ୍ରୀ କହୁଥିବା ବେଳେ ବାସ୍ତବରେ ଏଥିରେ କୌଣସି ନୂତନତ୍ୱ ନାହିଁ। ଏଥିରୁ ଅଧିକାଂଶ ଘୋଷଣା ପୂର୍ବରୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ସମୟରେ ହୋଇସାରିଥିଲା। ଏହା ସ୍ପଷ୍ଟ ଦର୍ଶାଉଛି ଯେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଘୋଷଣାର ଅଧିକାଂଶ କଥା ନୂଆ ନୁହେଁ, ବରଂ ବିଜେଡି ସରକାର ପ୍ରସ୍ତୁତ କରିଥିବା ବିକାଶ ନକ୍ସାର 'କପି-ପେଷ୍ଟ ବୋଲି ଦଳ କହିଛି।

ସାମାଜିକ ଗଣମାଧ୍ୟମରେ ଦଳ ପକ୍ଷରୁ ପୋଷ୍ଟ କରି କୁହାଯାଇଛି ଯେ ଘୋଷଣା ହୋଇଥିବା ୭ଟି ନୂଆ ମ୍ୟୁନିସିପାଲିଟି ମଧ୍ୟରୁ ୪ଟି ବୌଦ୍ଧ, କରଞ୍ଜିଆ, ଆସ୍କା ଏବଂ ଛତ୍ରପୁରକୁ ଶ୍ରୀ ପଟ୍ଟନାୟକ ୨୦୨୪ ମସିହା ଫେବ୍ରୁଆରୀରେ ମାନ୍ୟତା ପ୍ରଦାନ ସହ ଘୋଷଣା କରିଥିଲେ। ସେହିପରି ଘୋଷଣା ହୋଇଥିବା ୧୬ଟି ନୂଆ ଏନ୍‌ଏସି ମଧ୍ୟରୁ ୭ଟି ନବୀନଙ୍କ ୨୦୨୪ରେ ଘୋଷିତ ତାଲିକା ସହ ସମାନ। କିଛି ନୂଆ କରିବାକୁ ବିଜେପି ସରକାର ସମ୍ପୂର୍ଣ୍ଣ ଅକ୍ଷମ। କିଛି ନୂଆ ପାଇଁ ନା ଦୂରଦୃଷ୍ଟି ଅଛି ନା ଦୃଢ଼ ସଂକଳ୍ପ। ବିଜେପି ସରକାରର 'କପି-ପେଷ୍ଟ' ନୀତିକୁ ଓଡ଼ିଶାବାସୀ ଭଲ ଭାବେ ବୁଝିସାରିଲେଣି। ଓଡ଼ିଶାର ଦ୍ରୁତ ସହରୀକରଣ ଜରୁରୀ ହେଲେ ଆଜିର ଘୋଷଣାରେ ସେଭଳି କୌଣସି ଗୁରୁତ୍ୱପୂର୍ଣ୍ଣ ଦିଗ ଥିଲା ଭଳି ଜଣାପଡୁନାହିଁ।

ବିଜେଡି ଆହୁରି ମଧ କହିଛି ଯେ ଆଜିର ଘୋଷଣାରେ କିଛି ନୂତନତ୍ୱ ନାହିଁ। ଅଧିକାଂଶ ନାଁ ପୂର୍ବ ବିଜେଡି ସରକାର ସମୟରେ ଅନୁମୋଦନ ଲାଭ କରିଥିଲା। ଯାହାକୁ ରାଜନୈତିକ ସ୍ୱାର୍ଥ ପାଇଁ ବିଜେପି ସରକାର ପୁଣିଥରେ ଘୋଷଣା କରିଛି। ଏଥିରେ ମର୍ମ କଥା ହେଲା, ଓଡ଼ିଶାବାସୀ ପୁଣି ଏକ 'କପି ପେଷ୍ଟ' ଅଭିଯାନର ସାକ୍ଷୀ ହୋଇଛନ୍ତି, କୌଣସି ନୂଆ ସହରୀକରଣ ଅଭିଯାନର ନୁହେଁ ବୋଲି ବିଜେଡି ପକ୍ଷରୁ ସମାଲୋଚନା କରାଯାଇଛି। ୨୦୨୪ରେ ଘୋଷିତ ତାଲିକାରୁ ଏକାଧିକ ନାମକୁ ଧାର ଆକାରରେ ଆଣି ନୂଆ ତାଲିକାରେ ସାମିଲ କରିବା ସ୍ପଷ୍ଟ ଭାବେ ଦର୍ଶାଉଛି ବିଜେପି ସରକାର 'ରି-ବ୍ରାଣ୍ଡିଙ୍ଗ'ରେ ବିଶ୍ୱାସ କରୁଛି।

## ବଜ୍ରପାତରେ ଜଣେ ମୃତ

ଛେଣ୍ଡିପଦା, ୩୧।୮ (ସମିସ): ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ମାଝୀମୁଣ୍ଡା ଗାଁରେ ବଜ୍ରପାତରେ ଆଜି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, ମାଝୀମୁଣ୍ଡାର ସୁମତି ବେହେରା ଓ ଗୁରୁତରଜଣଙ୍କ ହେଲେ, ସେହି ଗାଁର ହୀନ ବେହେରା। ସୁମତି ଓ ହୀନ ଗାଁ ନିକଟ ନାକୁଘାଇ ବିଲରେ କାମ କରୁଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସୁମତିଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକ ହୀନଙ୍କୁ ଉଦ୍ଧାର କରି ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ହୀନ ଓ ସୁମତି ଗୋଟିଏ ପରିବାରର ଓ ସମ୍ପର୍କରେ ଦୁଇ ଯାଆ ବୋଲି ଜଣାପଡ଼ିଛି। ପୁଲିସ ସୁମତିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

## ଭୁଲ୍ ଇଞ୍ଜେକସନ୍ ପାଇଁ ଚାଲିଗଲା ଶିଶୁର ଜୀବନ!

■ ଡାକ୍ତରଙ୍କୁ ଗିରଫ ଦାବିରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ
■ କ୍ଲିନିକ୍ ସିଲ୍ କଲେ ତହସିଲଦାର

ଖଇରା,୩୧।୮ (ସମିସ): ଭୁଲ୍ ଇଂଜେକ୍ସନ୍ ଯୋଗୁଁ ଜଣେ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗକୁ ନେଇ ବାଲେଶ୍ୱର ଜିଲ୍ଲା ଖଇରା ଥାନା ଗଗନଧୂଳି ପଞ୍ଚାୟତ ଅଧୀନ ରାଇଗଡ଼ିଆ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମୃତ ଶିଶୁଜଣଙ୍କ ହେଲା, ବଳରାମ ରାମଙ୍କ ଝିଅ ଲିପ୍ସିତା(୨)। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ପରିବାରଲୋକ ଓ ଗ୍ରାମବାସୀ ଏକଜୁଟ ହୋଇ ଆଜି ଅପରାହ୍ଣରେ ଝିଅର ମୃତଦେହକୁ ରାସ୍ତାରେ ରଖିବା ସହ ଟାୟାର ଜାଳି ସୋର-କୁପାରୀ ରାଜ୍ୟ ରାଜପଥକୁ ତୁଡିଗଡିଆଠାରେ ଅବରୋଧ କରିଛନ୍ତି।

ସୂଚନାନୁଯାୟୀ, ଲିପ୍ସିତାକୁ ଥଣ୍ଡା ଜ୍ୱର ହୋଇଥିଲା। ଶନିବାର ରାତିରେ ଦେହ ଅଧିକ ଖରାପ ହେବାରୁ ତା' ବାପା-ମା' ତାକୁ ତୁଡ଼ିଗଡ଼ିଆ ବଜାରରେ ଖୋଲିଥିବା ଆୟୁଷ ଡାକ୍ତର ଦେବକାନ୍ତ ପାଢ଼ୀଙ୍କ ଘରୋଇ କ୍ଲିନିକ୍‌କୁ ନେଇଥିଲେ। ସେଠାରେ ଡାକ୍ତର ପାଢ଼ୀ ଏକ ଇଞ୍ଜେକସନ୍ ଦେଇଥିଲେ। କିନ୍ତୁ ଘରକୁ ଫେରିବା ମାତ୍ରେ ଲିପ୍ସିତାର ଅବସ୍ଥା ଆହୁରି ବିଗିଡ଼ିଯିବାରୁ ପରିବାରଲୋକେ ତାକୁ ସୋର ଓ ପରେ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଲିପ୍ସିତାର ମୃତ୍ୟୁ ହୋଇଯାଇଥିଲା। ଡାକ୍ତର ପାଢ଼ୀଙ୍କ ଭୁଲ୍ ଇଂଜେକ୍ସନ୍ ଯୋଗୁଁ ଲିପ୍ସିତାର ଜୀବନ ଯାଇଥିବା ଅଭିଯୋଗ କରି ଆଜି ଅପରାହ୍ଣରେ ଉତ୍ତ୍ୟକ୍ତ ଗ୍ରାମବାସୀ ତୁଡ଼ିଗଡ଼ିଆଠାରେ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଖବର ପାଇ ଖଇରା ତହସିଲଦାର ଅମିତ ରଞ୍ଜନ ହୋତା ଓ ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଳିକ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଅଭିଯୁକ୍ତ ଡାକ୍ତରଙ୍କୁ ଶୀଘ୍ର ଗିରଫ କରାଯିବ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଡାକ୍ତରଙ୍କୁ ଗିରଫ କରାନଯିବା ପର୍ଯ୍ୟନ୍ତ ଅବରୋଧରୁ ଉଠିବେ ନାହିଁ ବୋଲି ଗ୍ରାମବାସୀ ଅଡ଼ି ବସିଥିଲେ। ପରେ ଡାକ୍ତର ଦେବକାନ୍ତଙ୍କ କ୍ଲିନିକ୍‌କୁ ତହସିଲଦାର ସିଲ୍ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।



## କୂଅରେ ପଡ଼ି ଜୀବନ ଗଲା

ଅନୁଗୋଳ, ୩୧।୮ (ସମିସ): ଅନୁଗୋଳ ଜିଲ୍ଲା ବନ୍ତଲା ଥାନା ଅନ୍ତର୍ଗତ ଲୋକେଇପଶି ଗାଁରେ କୂଅରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଗାଁର ହରିହର ଦାସଙ୍କ ପୁଅ ସୁକାନ୍ତ ଦାସ (୪୮)। ପରିବାରଲୋକଙ୍କ ସୂଚନାନୁଯାୟୀ, ସୁକାନ୍ତଙ୍କ ଘର ପାଖରେ ଏକ କୂଅ ଅଛି। ରବିବାର ସକାଳେ ସେ କୂଅ ନିକଟକୁ ଯାଇଥିବା ବେଳେ ଅସାବଧାନତାବଶତଃ ଖସି ପଡ଼ିଥିଲେ। ଖବର ପାଇ ବନ୍ତଲା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସୁକାନ୍ତଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## କେନ୍ଦ୍ରକୁ ନବୀନଙ୍କ ଚିଠି ପରେ ସରକାର ତତ୍ପର | ତ୍ୱରାନ୍ୱିତ ହେଲା ସାର ଯୋଗାଣ

ଭୁବନେଶ୍ୱର, ୩୧।୮ (ସମିସ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟକୁ ସାର ଯୋଗାଣ ତ୍ୱରାନ୍ୱିତ କରାଯାଇଛି। ରାଜ୍ୟରେ ସାରର କୃତ୍ରିମ ଅଭାବ ଦର୍ଶାଇ ଚାଷୀମାନଙ୍କୁ ଭୟଭୀତ ନ କରିବାକୁ ବିଭାଗ ତରଫରୁ ଅନୁରୋଧ କରାଯାଉଛି। କୃଷି ବିଭାଗ ଦ୍ୱାରା ୨୦୨୫ ପାଇଁ ୫୮.୫୦ ଲକ୍ଷ ହେକ୍ଟର ଖରିଫ ଫସଲ ଯୋଜନା (ଧାନ-୩୪.୯୪ ଲକ୍ଷ ହେକ୍ଟର ଏବଂ ଅଣ-ଧାନ ଫସଲ- ୨୩.୫୬ ଲକ୍ଷ ହେକ୍ଟର) ରହିଛି। ତଦନୁସାରେ, ରାଜ୍ୟକୁ ଆବଣ୍ଟନ ପାଇଁ ୧୦.୦୦ ଲକ୍ଷ ମେଟ୍ରିକ ଟନ୍ ସାର ଯୋଗାଣ ଯୋଜନା ପ୍ରସ୍ତୁତ କରାଯାଇ ଭାରତ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ଭାରତ ସରକାର ଖରିଫ ଋତୁ ପାଇଁ ମାସିକ ଫସଲ କଭରେଜ ଉପରେ ଆଧାର କରି ରାଜ୍ୟକୁ ବିଭିନ୍ନ ଗ୍ରେଡର (ସିଧା ଏବଂ କମ୍ପ୍ଲେକ୍ସ ସାର) ୯.୫୫ ଲକ୍ଷ ମେଟ୍ରିକ ଟନ୍ ସାର ଆବଣ୍ଟନ କରିଥିଲେ।

ସୂଚନାଯୋଗ୍ୟ, ରାଜ୍ୟରେ ସାର କଳାବଜାର ଓ କୃତ୍ରିମ ଅଭାବ ଯୋଗୁଁ ଚାଷୀମାନେ ହନ୍ତସନ୍ତ ହେବାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗତକାଲି କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେ ପି ନଡ୍ଡାଙ୍କୁ ଚିଠି ଲେଖି ଉଦ୍‌ବେଗ ପ୍ରକାଶ କରିବା ସହ ଓଡ଼ିଶାକୁ ପର୍ଯ୍ୟାପ୍ତ ପରିମାଣର ୟୁରିଆ ସାର ଯୋଗାଇଦେବାକୁ ଦାବି କରିଥିଲେ।

ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ଏ ଦିଗରେ ତତ୍ପରତା ପ୍ରକାଶ ପାଇବା ପରେ ମାର୍କଫେଡ୍/ପାକ୍ସ/ଲ୍ୟାମ୍ପସ/ଖୁଚୁରା ଡିଲରମାନଙ୍କ ନିକଟରେ ବିଭିନ୍ନ ସାର ଉପଲବ୍ଧ କରାଇବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଏପ୍ରିଲ୍ ସୁଦ୍ଧା, ବିଭିନ୍ନ ଜିଲ୍ଲାରେ ୨.୯୪ ଲକ୍ଷ ମେଟ୍ରିକ୍ ଟନ୍ ସାର (ୟୁରିଆ: ୧,୪୭ ଲକ୍ଷ ମେଟ୍ରିକ୍ ଟନ୍; ଡିଏପି: ୦.୨୬ ଲକ୍ଷ ମେଟ୍ରିକ୍ ଟନ୍; ଏମଓପ: ୦.୩୪ ଲକ୍ଷ ମେଟ୍ରିକ୍ ଟନ୍; ଏସ୍‌ଏସ୍‌ପି: ୦.୧୦ ଲକ୍ଷ ମେଟ୍ରିକ୍ ଟନ୍ ଏବଂ ଏନ୍‌ପି/ଏନ୍‌ପିକେ/ଏନ୍‌ପିକେଏସ୍: ୦.୭୬ ଲକ୍ଷ ମେଟ୍ରିକ୍ ଟନ୍) ପ୍ରସ୍ତୁତ କରାଯାଇଥିଲା। ଅଗଷ୍ଟ ମାସ ଶେଷ ସୁଦ୍ଧା ଓଡ଼ିଶାକୁ ୮.୬୦ ଲକ୍ଷ ମେଟ୍ରିକ୍ ଟନ୍ ସାର ମିଳିବା ଉଚିତ। ଏଥିମଧ୍ୟରୁ

### କଳାବଜାରୀ, ନକଲି ସାର ଉପରେ କଡ଼ା ନଜର

ରାଜ୍ୟ ପୂର୍ବରୁ ୮.୧୦ ଲକ୍ଷ ମେଟ୍ରିକ୍ ଟନ୍ ସାର ପାଇସାରିଛି। ଏହାଦ୍ୱାରା ମୋଟ ସାରର ଉପଲବ୍ଧତା ୧୧.୦୪ ଲକ୍ଷ ମେଟ୍ରିକ୍ ଟନ୍ (ୟୁରିଆ: ୪.୮୪ ଲକ୍ଷ ମେଟ୍ରିକ୍ ଟନ୍; ଡିଏପି: ୨.୧୮ ଲକ୍ଷ ମେଟ୍ରିକ୍ ଟନ୍; ଏମଓପି: ୦.୬୧ ଲକ୍ଷ ମେଟ୍ରିକ୍ ଟନ୍; ଏସଏସପି: ୦.୩୪ ଲକ୍ଷ ମେଟ୍ରିକ୍ ଟନ୍ ଏବଂ ଏନ୍‌ପି/ଏନ୍‌ପିକେ/ଏନ୍‌ପିକେଏସ୍: ୩.୦୫ ଲକ୍ଷ ମେଟ୍ରିକ୍ ଟନ୍) ଗତକାଲି ସୁଦ୍ଧା ବୃଦ୍ଧି ପାଇଛି। ଉପରୋକ୍ତ ପରିମାଣର ସାର ମଧ୍ୟରୁ, ୮.୪୬ ଲକ୍ଷ ମେଟ୍ରିକ ଟନ୍ ବିଭିନ୍ନ ଗ୍ରେଡ୍ ସାର (ୟୁରିଆ: ୩.୯୬ ଲକ୍ଷ ମେଟ୍ରିକ ଟନ୍; ଡିଏପି: ୧.୬୧ ଲକ୍ଷ ମେଟ୍ରିକ ଟନ୍; ଏମ୍‌ଓପି: ୦.୪୧ ଲକ୍ଷ ମେଟ୍ରିକ ଟନ୍; ଏସ୍‌ଏସ୍‌ପି: ୦.୨୧ ଲକ୍ଷ ମେଟ୍ରିକ ଟନ୍ ଏବଂ ଏନ୍‌ପି/ଏନ୍‌ପିକେ/ଏନ୍‌ପିକେଏସ: ୨.୨୫ ଲକ୍ଷ ମେଟ୍ରିକ ଟନ୍) ଚାଷୀମାନଙ୍କୁ ବିକ୍ରୟ କରାଯାଇଛି। ଆଜି ସୁଦ୍ଧା ବିଭିନ୍ନ ଜିଲ୍ଲାରେ ୨.୫୬ ଲକ୍ଷ ମେଟ୍ରିକ ଟନ୍ ସାର ଉପଲବ୍ଧ ଅଛି।

ମାର୍କଫେଡ୍ ଏବଂ ଅନ୍ୟ ଅଂଶୀଦାରମାନଙ୍କ ସହିତ ସମନ୍ୱୟ ରଖି ଖରିଫ କାର୍ଯ୍ୟ ଉପରେ ଆଧାରିତ ପର୍ଯ୍ୟାପ୍ତ ପରିମାଣର ଯୋଗାଣ ପାଇଁ ଯୋଜନା ପୂର୍ବରୁ ପ୍ରସ୍ତୁତ କରାଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ସାର ଯୋଗାଣସ୍ଥିତିର ନିୟମିତ ସମୀକ୍ଷା କରୁଛନ୍ତି। ମାର୍କଫେଡ୍‌କୁ ପର୍ଯ୍ୟାପ୍ତ ପରିମାଣରେ ଯୋଗାଣ କରିବାକୁ ମଧ୍ୟ ସାର ନିର୍ମାତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଜିଲ୍ଲାରେ ୧୧ହଜାର ୬୯୨ ମେଟ୍ରିକ ଟନ୍ ୟୁରିଆ ପହଞ୍ଚିବା ପାଇଁ ପରିବହନରେ ଅଛି। ଏହା ଆସନ୍ତା ଦୁଇଦିନ ମଧ୍ୟରେ ପାକ୍ସ ଏବଂ ଲ୍ୟାମ୍ପସରେ ପହଞ୍ଚିବ। ଷ୍ଟକ୍ ସ୍ଥିତି ଏବଂ ଆବଶ୍ୟକତା ଅନୁସାରେ ପାକ୍ସ ଓ ଲ୍ୟାମ୍ପସକୁ ବିଭିନ୍ନ ଗ୍ରେଡ୍‌ର ସାର ଉପଲବ୍ଧତା ସୁନିଶ୍ଚିତ କରିବାକୁ ମାର୍କଫେଡ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ନକଲି ସାର ବିକ୍ରି ରୋକିବା ଉପରେ ଏପର୍ଯ୍ୟନ୍ତ, ୪୫୪୬ଟି ଖୁଚୁରା ଦୋକାନ ଯାଞ୍ଚ କରାଯାଇଛି। ୧୨୦୨ଟି ଖୁଚୁରା ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସେହିଭଳି ୩୦ଟି ମାମଲାରେ ବ୍ୟବସାୟୀଙ୍କୁ ବିକ୍ରୟ ବନ୍ଦ ନୋଟିସ ଜାରି କରାଯାଇଛି। ସାର ନିୟନ୍ତ୍ରଣ ଆଦେଶ, ୧୯୮୫ ଅନୁଯାୟୀ ଉଲ୍ଲଂଘନ ଅଭିଯୋଗରେ ୬୨ଟି ଡିଲର ଲାଇସେନ୍ସକୁ ନିଲମ୍ବିତ/ବାତିଲ କରାଯାଇଛି। ଏହାବ୍ୟତୀତ, ୬ଟି ଡିଲରଙ୍କ କ୍ଷେତ୍ରରେ ଷ୍ଟକ୍ ଜବତ ମଧ୍ୟ କରାଯାଇଛି।


## ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା



ନୂଆପଡ଼ା,୩୧।୮ (ସମିସ): ନୂଆପଡ଼ା ଜିଲ୍ଲା ଧରମବନ୍ଧା ଥାନା ଖୁଟବନଭେରା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା କରିଛି ନୃଶଂସ ସ୍ୱାମୀ। ରବିବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ଖୁଟବନଭେରା ଗାଁର ସନ୍ତୋଷ କମାର ସ୍ତ୍ରୀ ତିରିତଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ଖବର ଅନୁଯାୟୀ, ଦୁହିଁଙ୍କ ମଧ୍ୟରେ ବାକ ବିତଣ୍ଡା ହୋଇଥିଲା। ହଠାତ ରାଗରେ ସନ୍ତୋଷ ସ୍ତ୍ରୀ ତିରିତର ବେକକୁ ଟାଙ୍ଗିଆରେ ଚୋଟ ପକାଇଥିଲା। ତିରତରଙ୍କ ମୃତ୍ୟୁ ପରେ ସେ ଫେରାର୍ ହେବାକୁ ଚେଷ୍ଟା କରୁଥିବା ବେଳେ ଗାଁଲୋକେ ତାକୁ କାବୁ କରିବା ସହ ତା' ହାତଗୋଡ଼ ବାନ୍ଧି ପୁଲିସକୁ ସୂଚନା ଦେଇଥିଲେ। ଧରମବନ୍ଧା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ସ୍ୱାମୀ ସନ୍ତୋଷକୁ ଅଟକ ରଖି ତଦନ୍ତ ଜାରି ରହିଛି। ତାଙ୍କର ୩ ଝିଅ ଓ ଗୋଟିଏ ପୁଅ ଅଛି।

## ହତ୍ୟା କରି ଜଙ୍ଗଲରେ ପୋଡ଼ିଦେଲେ

### ଅର୍ଦ୍ଧଦଗ୍ଧ ଶବ ଉଦ୍ଧାର



କୋଇଡ଼ା, ୩୧।୮ (ସମିସ):କୋଇଡ଼ା ଥାନା କାଶୀରା ଗ୍ରାମ ନିକଟସ୍ଥ ବ୍ରାହ୍ମଣୀପାଟ ମେଢ଼ ଜଙ୍ଗଲରୁ ଆଜି ପୁଲିସ୍ ଜଣଙ୍କ ଅର୍ଦ୍ଧଦଗ୍ଧ ଗଳିତ ଶବ ଜବତ କରିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସ୍ ଘଟଣାସ୍ଥଳରେ ତଦନ୍ତ କରିବା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲ୍ଲା ହସ୍ପିଟାଲକୁ ପଠାଇଛି। ଏହାସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶବଟିର ପରିଚୟ ଜାଣିବା ପାଇଁ ପୁଲିସ୍ ତନାଘନା ଆରମ୍ଭ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଘଟଣାସ୍ଥଳରୁ ପୁଲିସ ଏକ ଦିଆସିଲି, ଡିଜେଲ୍ ଡବା, ଚପଲ ଆଦି ଜବତ କରିଛି। ଦୁର୍ବୃତ୍ତମାନେ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ଜଙ୍ଗଲ ଭିତରେ ଶବକୁ ପୋଡ଼ିଦେବାକୁ ଉଦ୍ୟମ କରିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଉପରୁ ପରଦା ହଟିବ ବୋଲି ପୁଲିସ୍ କହିଛି।

# ସନ୍ଧିମୁଣ୍ଡା ଭାଟିରେ ମହିଳାଙ୍କ ଭଙ୍ଗାରୁଜା



ଚନ୍ଦାହାଣ୍ଡି,୩୧।୮ (ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ଅନକାବେଡା ପଞ୍ଚାୟତ ଅଧୀନ ସନ୍ଧିମୁଣ୍ଡାରେ ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଭାଟିକୁ ଘେରିବା ସହ ଭଙ୍ଗାରୁଜା କରିଛନ୍ତି ଗ୍ରାମର ଶତାଧିକ ମହିଳା। ଭାଟି ମଧ୍ୟରେ ମଦ ବିକ୍ରୟ ନ କରି ବେଆଇନ ଭାବରେ ଗ୍ରାମରେ ଗଳି କନ୍ଦିରେ ମଦକୋଚିଆ ତିଆରି କରି ମଦ ପହଞ୍ଚାଇବା ସହ ବିକ୍ରି କରିବାକୁ ନେଇ ବାରମ୍ବାର ଗ୍ରାମର ମହିଳାମାନେ ବିରୋଧ କରିଥିଲେ। ଏହା ଉପରେ ରୋକ ଲଗାଇବାକୁ ଥାନା ଅଧିକାରୀ ପ୍ରଶାସନ ନିକଟରେ ଅଭିଯୋଗ ପରେ ବି କୌଣସି ପଦକ୍ଷେପ ଗ୍ରହଣ କରା ନଯିବାରୁ ମହିଳାମାନେ ଅନକାବେଡା ଗ୍ରାମପଞ୍ଚାୟତକୁ ନିଶାମୁକ୍ତ କରିବାକୁ ଅଣ୍ଟାଭିଡିବା ସହ ରବିବାର ଏଭଳି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ଆଜି ଅନକାବେଡା ପଞ୍ଚାୟତର ଶହ ଶହ ମହିଳା ଓ ଯୁବ ଗୋଷ୍ଠୀ ଗାଁ ମୁଣ୍ଡରେ ଏକତ୍ରିତ ହୋଇ ନାରାବାଜି ଦେଇଥିଲେ। ପରେ ମଦ ବନ୍ଦ ପାଇଁ ଭାଟି ଘେରିଥିଲେ। ଚଳିତ ମାସ ୨୩ ତାରିଖରେ ଇଂଗିଲିସ ଓ ଜରି ପାଉଚ ମଦ ଦୋକାନୀଙ୍କୁ କୋଚିଆଙ୍କୁ ମଦ ନ ଦେବା ପାଇଁ ତାଗିଦ୍ କରିଥିଲେ। ଏହାସତ୍ତ୍ୱେ ନୂଆଁଖାଇ ବାସୀ ତିହାର ଅବସରରେ ଭାଟି ବାଲା ପୁନଃ ମଦ କୋଚିଆମାନଙ୍କୁ ମଦ ଘରେ ଘରେ ପହଞ୍ଚାଇବା ଯୋଗୁଁ ପ୍ରତ୍ୟେକ ଗ୍ରାମରେ ସଂଖ୍ୟାଧିକ ମଦୁଆ ଦେଖିବା ସହ ଗାଁରେ ଅଶ୍ଳୀଳ ଭାଷା ଉଚ୍ଚାରଣ,ହୋହାଲ୍ଲା କରିବା ଯୋଗୁଁ ମହିଳାମାନେ ଉତ୍ୟକ୍ତ ହୋଇଥଲେ। ପଞ୍ଚାୟତର ଶହ ଶହ ମହିଳା, ଯୁବକ ସମେତ ସାଧାରଣ ଜନତା ଉତ୍ତ୍ୟକ୍ତ

### ● ନଷ୍ଟ କଲେ ପାଉଚ ପାଉଚ ମଦ

ହୋଇ ନାରାବାଜୀ ସହ ସନ୍ଧିମୁଣ୍ଡା ସ୍ଥିତ ଲାଇସେନ୍ସ ମଦ ଭାଟି ପହଞ୍ଚି ଭାଟି ଘେରିବା ସହ ଭାଟିରେ ଥିବା ମଦ ପାଉଚଗୁଡିକୁ ଫିଙ୍ଗାଫିଙ୍ଗି ଓ ନଷ୍ଟ ସହ ଭଙ୍ଗାରୁଜା କରିଥିଲେ। ଆଗାମୀ ଦିନରେ ଅଞ୍ଚଳରେ ଥିବା ମଦ ଭାଟି ଓ ଅବୈଧ ମଦ ବିକ୍ରି ବନ୍ଦ କରିବାକୁ ନେଇ ପଦକ୍ଷେପ ନେବା ନେଇ ଶୁଣିବାକୁ ମିଳିଛି। ଏଥିରେ ଅନକାବେଡା, ନୂଆପଡା ଏବଂ ସନ୍ଧିମୁଣ୍ଡା ସମେତ ଆଖପାଖ ଗ୍ରାମର ଶହଶହ ମହିଳା, ଯୁବଗୋଷ୍ଠୀ ଏବଂ ବୁଦ୍ଧିଜୀବୀ ରହିଥିଲେ। ଖବରପାଇ ଚନ୍ଦାହାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇଥିଲେ।

# ମଝିଆଭାଇର ଠେଙ୍ଗା ମାଡରେ ବଡଭାଇ ମୃତ

ନନ୍ଦପୁର,୩୧।୮ (ସମିସ): ମଝିଆ ଭାଇର ଠେଙ୍ଗା ମାଡରେ ବଡ ଭାଇର ମୃତ୍ୟୁ ହୋଇଥିବା ନେଇ ରବିବାର ପାଡୁଆ ଥାନାରେ ଅଭିଯୋଗ ହୋଇଛି। ଯାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣା ଘଟିଛି ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ପାଡୁଆ ଥାନା ଅଧୀନସ୍ଥ କସନ୍ଧି ଗ୍ରାମ ପଞ୍ଚାୟତର ରୁଡ଼ିଚୁଆଁ ଗ୍ରାମରେ। ମୃତକ ଉକ୍ତ ଗ୍ରାମର ଜୟରାମ ପାଙ୍ଗୀ। ସୂଚନାନୁଯାୟୀ, ସପ୍ତାହକ ତଳେ ନାରାୟଣ ପାଙ୍ଗିଙ୍କ ବଡ ପୁଅ ଜୟରାମ ପାଙ୍ଗି ନିଜ ଜମିରେ ସଲପ ଗଛ ଚାରା ଲଗାଉଥିବା ସମୟରେ ମଝିଆ ଭାଇ ରାମ ପାଙ୍ଗି ହଠାତ୍ ଜମିରେ ପହଞ୍ଚି ଲଗାଉ ଥିବା ସଲପ ଗଛ ଉପାଡି ଫିଙ୍ଗିବା ସହ ଗାଳି ଗୁଲଜ କରିଥିଲା। ସେଠାରୁ ଜୟରାମ ଘରକୁ ଚାଲି ଆସିଥିଲେ। ସଂଧ୍ୟା ସମୟରେ ଘର ପିଣ୍ଡାରେ ବସିଥିବା

### ଅଭିଯୁକ୍ତ ଥାନାରେ ଅଟକ

ବଡ ଭାଇ ଜୟରାମଙ୍କୁ ମଝିଆ ଭାଇ ରାମ ପାଙ୍ଗି ଠେଙ୍ଗାରେ ମୁଣ୍ଡକୁ ପ୍ରହାର କରିଥିଲା। ସେହିଦିନ ଠାରୁ ଜୟରାମ ଶୋଇବା ସେଜରୁ ଉଠି ପାରୁନଥିଲେ। ରବିବାର ଜୟରାମଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପତ୍ନୀ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ରବିବାର ନନ୍ଦପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ପାଡୁଆ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପାଡୁଆ ଏସ୍ଆଇ ହିମାଂଶୁ ବେନିଆ ଓ ଟୁନା ଶବର ନନ୍ଦପୁର ପହଞ୍ଚି ଶବ ଜବତ କରିବା ଶହ ଅଭିଯୁକ୍ତ ମୃତକ ଜୟରାମଙ୍କ ମଝିଆ ଭାଇ ରାମ ପାଙ୍ଗିକୁ କାବୁ କରି ଥାନାରେ ଅଟକ ରଖିଥିବା ସୂଚନା ମିଳିଛି।

# ଯୁବକଙ୍କ ମୃତଦେହ ଉଦ୍ଧାର

## ହତ୍ୟା ଅଭିଯୋଗ ଆଣିଲେ ପରିବାର

କୋରାପୁଟ,୩୧।୮ (ସମିସ):

କୋରାପୁଟ ଟାଉନ ଥାନା ଅନ୍ତର୍ଗତ ପଦ୍ମପୁର-ପଣସପୁଟ ରାସ୍ତାର ବାଉଁଶଗୁଡ଼ା ଛକ ନିକଟରେ ରବିବାର ସକାଳେ ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ଦଶମନ୍ତପୁର ବ୍ଲକ୍ ମାଳିତୋଳା ଗ୍ରାମର ଅନ୍ତେ ମାଳି (୩୦) ବୋଲି ଜଣାପଡ଼ିଛି। ରବିବାର ସକାଳେ ସେହି ରାସ୍ତା ଦେଇ ଯାତାୟାତ କରୁଥିବା କିଛି ଲୋକ ରାସ୍ତା କଡ଼ରେ ମୃତଦେହ ଦେଖି ଡୁମୁରିପୁଟ ଫାଣ୍ଡିକୁ ଖବର ଦେଇଥିଲେ। ଡୁମୁରିପୁଟ ଫାଣ୍ଡି କର୍ମଚାରୀ ଟାଉନ ଥାନାକୁ ସୂଚନା ଦେବା ପରେ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ପୁଲିସ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ପରଖିବା ସହ ତାହା ଏକ ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ କରି ଜିଲ୍ଲାସଦର ମହକୁମାରୁ ସାଇଣ୍ଟିଫିକ୍ ଟିମ୍ ଏବଂ ଡଗ୍ ସ୍କ୍ୱାର୍ଡକୁ ଡକାଇଥିଲେ। ମୃତକଙ୍କ ମୋଟରସାଇକେଲ ରାସ୍ତା କଡ଼ରେ ପଡ଼ି ଥିବାବେଳେ ମୃତ ଅନ୍ତେ ମାଳିଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଥିବା ଦେଖି ଏହା ଏକ ସଂଘବଦ୍ଧ ଆକ୍ରମଣ ବୋଲି ପୁଲିସ ସନ୍ଦେହ କରୁଛି। ପୁଲିସ ମୃତଦେହ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ମୃତ ଅନ୍ତେ ମାଳି ଶନିବାର ସକାଳେ କୌଣସି କାମ ପାଇଁ ଡୁମୁରିପୁଟ ଯାଇଥିଲେ । ସେଠାରୁ ସଂନ୍ଧ୍ୟାରେ ଆଉ ଫେରିନଥିବା ବେଳେ ରବିବାର ସକାଳୁ ବାଉଁଶଗୁଡ଼ା ଛକରେ ମୋଟରସାଇକେଲ ଏବଂ ଜଣଙ୍କ ମୃତଦେହ ପଡ଼ିଥିବା ଖବର ପ୍ରଚାର ହେବା ପରେ ଗ୍ରାମର କିଛି ଲୋକ ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କ ଚିହ୍ନଟ କରିଥିଲେ। ତେବେ ପୂର୍ବ ଶତ୍ରୁତାକୁ ନେଇ ଅନ୍ତେ ମାଳିକୁ ହତ୍ୟା କରାଯାଇଥିବା ପରିବାର ବର୍ଗ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ତଦନ୍ତ ଚାଲିଛି ଖୁବ୍‌ଶୀଘ୍ର ଘଟଣାର ସତ୍ୟତା ଜଣାପଡ଼ିବ ବୋଲି ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

### ● ଏମିତି ବି ମୃତ୍ୟୁ ଆସେ

# ଶବ ସତ୍କାର ସାରି ଗାଧୋଇବା ବେଳେ ବୁଡ଼ିଗଲେ ଯୁବକ

ବୈପାରୀଗୁଡ଼ା,୩୧।୮ (ସମିସ): ଏମିତି ବି ମୃତ୍ୟୁ ଆସେ। ଶବ ସତ୍କାର ସରିବା ପରେ ଗାଧୁଆ ବେଳେ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ବୈପାରୀଗୁଡା ବ୍ଲକ୍ ଅନ୍ତର୍ଗତ ଦଶମନ୍ତପୁର ପଞ୍ଚାୟତର ପାଣ୍ଡିପୋଡା ଗାଁରେ ଦେଖିବାକୁ ମିଳିଛି। ମୃତକ ପାଣ୍ଡିପୋଡା ଗାଁର ଗୁପ୍ତ ନାୟକ। ଗତ କାଲି ଗାଁର ବୃଦ୍ଧ ଦେବରାଜ ଗୌଡ଼ଙ୍କ ମୃତ୍ୟୁ ଘିଟିଥିବା ବେଳେ ଆଜି ଗାଁ ଶ୍ମଶାନରେ ଶବ ସତ୍କାର କରାଯାଇଥିଲା। ଗାଁ ଲୋକେ ଶବ ସତ୍କାର ସାରି ଫେରିବା ପରେ ଗାଁ ପୋଖରୀକୁ ଗାଧେଇବା ପାଇଁ ଯାଇଥିଲେ। ଗାଁ ଲୋକଙ୍କ ସାଥିରେ ଚନ୍ଦ୍ର ନାୟକ ମଧ ଯାଇଥିଲେ। ହେଲେ ଗାଁ ପୋଖରୀରେ ଗାଧୁଆ ବେଳେ ଆସାବଧାନତା ଯୋଗୁଁ ଚନ୍ଦ୍ର ନାୟକଙ୍କ ଗୋଡ଼ ଖସି ଯାଇଥିଲା। ଫଳରେ ଗଭୀର ପାଣିରେ ବୁଡ଼ି ଯାଇ ସେ ନିଖୋଜ ହୋଇଯାଇଥିଲେ। ଖବର ପାଇ ସ୍ଥାନୀୟ ସରପଞ୍ଚ ଆର୍ ରୋହିତ କୁମାର ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ଦୀର୍ଘ ସମୟ ଧରି ଚେଷ୍ଟା କରି ଶବ ଉଦ୍ଧାର କରିଛି। ଘଟଣା ସ୍ଥଳରେ ପୁଲିସ ତଦନ୍ତ କରୁଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂଚନା ଦେଇଛି।

# ବିଶ୍ୱବିଦ୍ୟାଳୟର ପ୍ରଥମ ଶକ୍ତିଶ୍ରୀ ସାଥୀ ମାନସୀ



ଜୟପୁର,୩୧।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ପ୍ରଥମ ଶକ୍ତିଶ୍ରୀ ସାଥୀ ଭାବେ ମାନସୀରାଣୀ ମହାନ୍ତିଙ୍କୁ ଚୟନ କରାଯାଇଛି। ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ବିଶ୍ୱବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତୀକରଣ ସେଲ୍ ଗଠନ କରାଯାଇଛି। ବିଶ୍ୱବିଦ୍ୟାଳୟର ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଙ୍କ ମଧ୍ୟରେ ଏକ ଚୟନ ପ୍ରକ୍ରିୟା ଆୟୋଜନ କରାଯାଇଥିଲା। ପ୍ରତ୍ୟେକ ବିଭାଗରୁ ଜଣେ ସ୍ନାତକ ଛାତ୍ରୀ ଓ ଜଣେ ସ୍ନାକ୍ରୋତ୍ତର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ପର୍ଯ୍ୟାୟରେ ଛାତ୍ରୀଙ୍କ ମେଧା, ନେତୃତ୍ୱ ନେବାର ଦକ୍ଷତା, ସମସ୍ୟାକୁ ଉପସ୍ଥାପନା କରିବାରୁ ଯୋଗ୍ୟତା, ଉପସ୍ଥିତ ବୁଦ୍ଧି, ସାଧାରଣଜ୍ଞାନ ଆଦି ପରୀକ୍ଷା କରାଯାଇଥିଲା। ଅଭ୍ୟନ୍ତରୀଣ ଅଭିଯୋଗ କମିଟିର ସଂଯୋଜିକା ଡ. ସାଗରିକା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଚୟନ ପ୍ରକ୍ରିୟାରେ ସ୍ନାତକୋତ୍ତର ପରିଷଦର ନିର୍ଦ୍ଦେଶକ ଡ. ପ୍ରଶାନ୍ତ ପାତ୍ର, ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମଣ ପାତ୍ର, ମାନବସମ୍ବଳ ବିକାଶ ପରିଷଦର ଦେବଦତ୍ତ ଇନ୍ଦୋରିଆ, ଛାତ୍ର ମଙ୍ଗଳ ନିର୍ଦ୍ଦେଶକ ଡ. ଅରୁଣ ରାଜ ପ୍ରମୁଖ ସାମିଲ ହୋଇଥିବା ବେଳେ ବିଚାରକ ଭାବେ ଯୌନ ଉତ୍ପୀଡନ ସେଲ୍‌ର ଶକ୍ତିଶ୍ରୀ ସନ୍ତୋଷୀ ନାୟକ, ପଲ୍ଲବୀ ନାୟକ, କ୍ରୀଷ୍ଟା ପ୍ରିୟଦର୍ଶିନୀ ପ୍ରଧାନ ପ୍ରମୁଖ ଦାୟିତ୍ୱ ରହିଥିଲେ। ସେହିପରି ଶକ୍ତିଶ୍ରୀ ପ୍ରତିନିଧି ଭାବେ ସ୍ନିଗ୍ଧାସୁମନ ସାହୁ, ବିଷ୍ଣୁପ୍ରିୟା ସ୍ୱାଇଁ, ଶୁଭଶ୍ରୀ ବିଶ୍ୱାଳ, ମନ୍ଦିରା ସରକାର, ପ୍ରଣତି ପାଣିଗ୍ରାହୀ, ମନୀଷା ଚିରୁଆନ, ସୁଚିତ୍ର ପଟ୍ଟନାୟକ, ଯାମିନୀ ପଟ୍ଟନାୟକ, ପ୍ରିଦର୍ଶିନୀ ଚେ?ଧୁରୀ, ଶର୍ମିଷ୍ଠା ପଲେଇ, ସ୍ମୃତିମେଧା ମିଶ୍ର, ଅଞ୍ଜଳି ଶତପଥୀ, ଶୁଭଶ୍ରୀ ବିଶ୍ୱାଳ, ପ୍ରିୟଙ୍କା ପାତ୍ର, ଅଲିଭା ସ୍ୱାଇଁ, ପ୍ରେମିକା ଖିଲୋ, ବେବି ଜାଲ, ପ୍ରିୟଙ୍କା ଶତପଥୀ, ସ୍ନେହାରାଣୀ ଖେମୁଣ୍ଡୁ, ଶୁଭସ୍ମିତା ଷଡଙ୍ଗୀ, ପ୍ରତୀକ୍ଷା ସାହୁ, ସୁରଭି ରଥ, ପ୍ରିୟଙ୍କା ସାବତ, କଶିଶ ପାତ୍ର ପ୍ରମୁଖଙ୍କୁ ଶ୍ରେଣୀ ପ୍ରତିନିଧି ଭାବେ ଚୟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ସୁକାନ୍ତି ସୟ ପରିଚାଳନା କରିଥିଲେ।

# ସେମିଳିଗୁଡା ମହାବିଦ୍ୟାଳୟକୁ ଉଚ୍ଚ ଶିକ୍ଷା ବିଭାଗର ପରିଦର୍ଶନ

ସେମିଳିଗୁଡ଼ା,୩୧।୮ (ସମିସ):



କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ମହାବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବରିଷ୍ଠ ବିଭାଗୀୟ ଅଧିକାରୀ ସନ୍ତୋଷ ସେଠୀ, ବିଭାଗୀୟ ଅଧିକାରୀ ଛୋଟରାୟ ମୁର୍ମୁ, ଶୁଭ୍ରାଂଶୁ ଧଳ ପ୍ରମୁଖ ପରିଦର୍ଶନରେ ଆସିଥିଲେ। ପ୍ରଶାସନିକ କାର୍ଯ୍ୟ ସମାପ୍ତ ପରେ ଅଧିକାରୀଗଣ ସମସ୍ତ ବିଭାଗର ଶ୍ରେଣୀ କକ୍ଷ ପରିଭ୍ରମଣ କରି ଦୈନନ୍ଦିନ ମହାବିଦ୍ୟାଳକୁ ଯାତାୟାତ, ଅଧ୍ୟାପନା ଆଦି ବିଭିନ୍ନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅପରାହ୍ନରେ ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ସହିତ ଏକ ପାରସ୍ପରିକ ଆଲୋଚନା ସଭା କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍ସି ସିଂହ ନେତୃତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ସଭାରେ ଛାତ୍ରୀମାନଙ୍କ ନିମନ୍ତେ ଛାତ୍ରୀ ନିବାସ, ଉନ୍ନତମାନର ଖେଳପଡିଆ, ପାଠାଗାର ଅଧ୍ୟୟନ କକ୍ଷ, ଖାଲିଥିବା ପଦବୀ ପୂରଣ, କୋଡିଏଟି ସ୍ମାର୍ଟ ଅଧ୍ୟାପନା କକ୍ଷ ସ୍ଥାପନ ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ବରିଷ୍ଠ ଅଧ୍ୟାପକ ଡ. ଶୁଭ୍ରାଂଶୁ ସୁନ୍ଦର ଦାସ, ଦେବରାଜ ନାୟକ, ଡ. ଗୀତା ପଟ୍ଟନାୟକ, ହରପ୍ରସାଦ ପତି, ସୁରେଶ ପାଇକରାୟ, ପ୍ରେମାନନ୍ଦ ରାଉତ, ବବିତା ମିଶ୍ର, ରୋନାଲି ନାୟକ ଡ. ପ୍ରୀତିସ ବେହେରା, ରିସ୍‌ବିତା ଖୋସ୍ଲା, ଶ୍ରୀପତି ଗିରି, ସୁମିତ୍ରା ଗିରି, ପୁର୍ଣିମା ଗିରି, ଦିଗେଶ୍?ରୀ ଶିଖା, ନିରଞ୍ଜନ ପୋଢ, ରୁଚିସ୍ମିତା ନାୟକ, ରବିନ ସିଂ, ପିଙ୍କି ଗୋଏଲ, ଆରତୀ ପ୍ରଧାନ, ଅମିତା ହୋତା, ଅସିତ ମିଶ୍ର, ଚିତ୍ତରଞ୍ଜନ ଦାସ, ଚନ୍ଦ୍ରଶେଖର ତାଡିଙ୍ଗି, ଜଳନ୍ଧର ତାଡିଙ୍ଗି, ବିଜୟଦାସ ପାଙ୍ଗି ପ୍ରମୁଖ ଏହି ପାରସ୍ପରିକ ଆଲୋଚନା ସଭାରେ ଉପସ୍ଥିତ ଥିଲେ।

# ରାସ୍ତା ମରାମତି ପାଇଁ ୬ ଖଣ୍ଡ ଗ୍ରାମବାସୀଙ୍କ ବିକ୍ଷୋଭ

ବୈପାରିଗୁଡ଼ା,୩୧।୮ (ସମିସ): ରାସ୍ତା ମରାମତି ପାଇଁ ରାସ୍ତାକୁ ଓହ୍ଲାଇଲେ ଗାଁ ଲୋକେ। ପ୍ଲା କାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କଲେ ୬ ଖଣ୍ଡ ଗ୍ରାମବାସୀ। ବୈପାରୀଗୁଡା ବ୍ଲକ୍ ଅନ୍ତର୍ଗତ କେନ୍ଦୁଗୁଡା ପଞ୍ଚାୟତର ବ୍ରାହ୍ମଣଗୁଡାଠାରେ ଆଜି ଏଭଳି ଚିତ୍ର ଦେଖିବାକୁ ମିଳିଛି। ୧୨ ବର୍ଷ ତଳେ ନିର୍ମାଣ ହୋଇଥିବା ରାସ୍ତା ବର୍ତ୍ତମାନ ଖାଲଖମା ପୂର୍ଣ୍ଣ ହୋଇଛି। ବହୁବାର ପ୍ରଶାସନକୁ ଗୁହାରୀ କରିବା ସତ୍ତ୍ୱେ କେହି ବ୍ରାହ୍ମଣଗୁଡା ରାସ୍ତା ଉପରେ ଦୃଷ୍ଟି ଦେଇନଥିଲେ। ବହୁବାର ଜନଶୁଣାଣି ଶିବିରରେ ଅଭିଯୋଗ କରାଯାଇଥିଲା। ଏପରିକି ଜିଲ୍ଲାପାଳଙ୍କୁ ରାସ୍ତା ନିର୍ମାଣ ପାଇଁ ଦରଖାସ୍ତ ଦିଆଯାଇଥିଲା। କିନ୍ତୁ କୌଣସି ସୁଫଳ ମିଳି ନଥିଲା। ବ୍ରାହ୍ମଣଗୁଡ଼ା ରାସ୍ତା ଉପରେ ହୁଣ୍ଡିଭଟା, ମାଝିଗୁଡା, ମୁର୍ଜା, ମାଣିକଗୁଡା ଓ ଡୁରୁକାଗୁଡା ସମେତ କୁନ୍ଦୁରା ବ୍ଲକ୍‌ର କିଛି ଗ୍ରାମ ନିର୍ଭର କରିଥାନ୍ତି। ବର୍ଷା ଦିନେ ଏହି ରାସ୍ତାରେ ଆଣ୍ଠୁଏ ପାଣି ବୋହିବା ସହ କାଦୁଅମୟ ହୋଇଯାଏ। ବ୍ରାହ୍ମଣଗୁଡାରେ ଗୋଟିଏ ୫ଟି ସରକାରୀ ଉଚ୍ଚ ବିଦ୍ୟାଳୟ ସହିତ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟ ଥିବାରୁ ୬ ଖଣ୍ଡ ଗ୍ରାମର ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ଆସନ୍ତି। ବର୍ଷା ଦିନେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି ଛାତ୍ରଛାତ୍ରୀ। ତେଣୁ ଆଜି ସ୍କୁଲ ଛାତ୍ରଛାତ୍ରୀ ଏବଂ ୬ ଖଣ୍ଡ ଗ୍ରାମର ଗ୍ରାମବାସୀ ମିଶି ପ୍ଲାକାର୍ଡ ଧରି ରାସ୍ତା ମରାମତି ଦାବିରେ ନାରା ଦେଇ ଗ୍ରାମ ପରିକ୍ରମା କରିଥିଲେ। ଯଦି ଯଥାଶୀଘ୍ର ରାସ୍ତା ମରାମତି କରା ନ ଯାଏ ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ବ୍ରାହ୍ମଣଗୁଡ଼ା ସହ ୬ ଖଣ୍ଡ ଗ୍ରାମର ଗ୍ରାମବାସୀ।




# ଦାମନଯୋଡ଼ିରେ ରାଧାଷ୍ଟମୀ



ଦାମନଯୋଡ଼ି,୩୧।୮ (ସମିସ): ଶ୍ରୀରାଧାଙ୍କ ଜନ୍ମ ଉତ୍ସବ ତଥା ଶ୍ରୀରାଧାଷ୍ଟମୀ ଦାମନଯୋଡିର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ନାଲକୋ ଟାଉନ୍‌ସିପ ସେକ୍ଟର-୧ ଶ୍ରୀଜଗନ୍ନାଥ ମନ୍ଦିରରେ ସକାଳେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀତିକାନ୍ତି ପରେ ମନ୍ଦିର ପରିସରରେ ଥିବା ଶ୍ରୀ ରାଧାକୃଷ୍ଣଙ୍କ ନିକଟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ସେହିପରି ସେକ୍ଟର-୩ ମନ୍ଦିର, ମାଥାଲପୁଟ ସ୍ଥିତ ଶ୍ରୀରାଧାକୃଷ୍ଣଙ୍କ ମନ୍ଦିରରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ପୂଜାର୍ଚ୍ଚନା କରିବା ସହିତ ଭୋଗଲାଗି କରିଥିଲେ। ଶ୍ରୀରାଧାଙ୍କୁ ଶ୍ରଦ୍ଧାଳୁ ଶୃଙ୍ଗାର ଦ୍ରବ୍ୟ ସହିତ ସୁବାସିତ ପୁଷ୍ପ ପ୍ରଦାନ କରିଥିଲେ। ଅନେକ ଶ୍ରଦ୍ଧାଳୁ ଉପବାସ ବ୍ରତ ପାଳନ କରିଥିଲେ। ସେକ୍ଟର-୧ ଶ୍ରୀ ଜଗନ୍ନାଥ ମନ୍ଦିରରେ ପୂଜକ ଅଜୟ କୁମାର ପଣ୍ଡା, ବିଜୟ କୁମାର ପଣ୍ଡା ଓ ଅମୀୟ କୁମାର ସାମନ୍ତରାୟ ପୂଜାନୀତି ସମ୍ପନ୍ନ କରିଥିଲେ। ସେକ୍ଟର- ୩ମନ୍ଦିରରେ ପୂଜକ ଅଭିମନ୍ୟୁ ପଣ୍ଡା ଓ ନୀଳାଚଳ ମହାପାତ୍ର ପୂଜାନୀତି କରିଥିଲେ। ସେହିପରି ମାଥାଲପୁଟ ସ୍ଥିତ ଶ୍ରୀରାଧାକୃଷ୍ଣଙ୍କ ମନ୍ଦିରରେ ପୂଜକ ପ୍ରତାପ ପଣ୍ଡା ଓ ପ୍ରଣୟ ଦେବତା ପୂଜାନୀତି କରିଥିଲେ।

### ■ ସରକାରୀ ବସ୍ କଣ୍ଡକ୍ଟରଙ୍କ ବଦାନ୍ୟତା

# ଯାତ୍ରୀଙ୍କୁ ଫେରାଇଲେ ଟଙ୍କା ଓ ସୁନା

ତେନ୍ତୁଳିଖୁଣ୍ଟି,୩୧।୮ (ସମିସ):



ଯାତ୍ରୀଙ୍କୁ ହଜି ଯାଇଥିବା ଟଙ୍କା ଓ ସୁନା ଥିବା ମନିପର୍ସ ଫେରାଇ ସଚ୍ଚୋଟତାର ପରିଚୟ ଦେବା ସହ ବଦାନ୍ୟତା ଦେଖାଇଛନ୍ତି ସରକାରୀ ବସ୍ କଣ୍ଡକ୍ଟର। ଭୁବନେଶ୍ୱରରୁ ଇନ୍ଦ୍ରାବତୀ ଚଳପ୍ରଚଳ କରୁଥିବା ଭଲ୍‌ଭୋ ବସ୍ କଣ୍ଡକ୍ଟର ଦେବରାଜ ପାଣିଗ୍ରାହି ଆଜି ଗାଡ଼ି ମଧ୍ୟରୁ ମିଳିଥିବା ୮ ହଜାର ଟଙ୍କା ଓ ସୁନା ଗହଣା ଥିବା ମନିପର୍ସ ବସ୍ ରହଣୀ କରୁଥିବା ବରାଳ ଭବନ ମାଲିକ ତଥା ସମାଜସେବୀ ସାଧୁ ସୁଦନ ବରାଳଙ୍କ ଜିମା ଦେଇଥିଲେ। ତେବେ ଭୁବନେଶ୍ୱରରୁ ଆସି ଇନ୍ଦ୍ରାବତୀରେ ପହଞ୍ଚିଥିବା ଗଣମାଧ୍ୟମ ପ୍ରତିନିଧି ପୃଥିରାଜ ପାଇକରାୟ ହଜିଥିବା ମନିପର୍ସ ସଂପର୍କରେ ଖୋଜା ଖୋଜି କରି ନ ପାଇ ବ୍ୟସ୍ତ ହୋଇଥିଲେ। ସଂପୃକ୍ତ ବସ୍ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରସ୍ତୁତ ହେଉଥିବା ସମୟରେ ବସ୍ ନିକଟରେ ପହଞ୍ଚି କଣ୍ଡକ୍ଟର ଶ୍ରୀ ପାଣିଗ୍ରାହୀ, ବସ୍ ଚାଳକ ସନାତନ ମୁଦୁଲି ଓ କାହ୍ନୁ ଚରଣ ପାଢ଼ୀଙ୍କ ଉପସ୍ଥିତିରେ ସମାଜସେବୀ ସାଧୁ ସୁଦନ ବରାଳଙ୍କ ଠାରୁ ଫେରି ପାଇବା ସହ କୃତଜ୍ଞତା ଜ୍ଞାପନ କରିଥିଲେ। ସରକାରୀ ବସ୍ କଣ୍ଡକ୍ଟର ଓ ଚାଳକ ନିଜ ସାଧୁତାର ପରିଚୟ ଦେବା ସହ ଅନ୍ୟ ପାଇଁ ପ୍ରେରଣା ହୋଇଛନ୍ତି। ତାଙ୍କର ଏହିଭଳି ସଚ୍ଚୋଟତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

### ● ବୋରିଗୁମ୍ମା ଏନ୍‌ଏସି ଘୋଷିତ

# କଂଗ୍ରେସ ଭବନ ସମ୍ମୁଖରେ ଉତ୍ସବ ପାଳିଲେ ନେତା



ଜୟପୁର,୩୧।୮ (ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ୭ଟି ସହରର ଏନ୍‌ଏସିକୁ ଅପଗ୍ରେଡ କରାଯାଇ ପୌରସଂସ୍ଥା ଏବଂ ନୂତନ ଭାବେ ୧୬ଟି ଏନଏସି ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ସଂଧ୍ୟାରେ ଜୟପୁର ସହରର ଜିଲ୍ଲା କଂଗ୍ରେସ ଭବନ ସମ୍ମୁଖରେ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଉପସ୍ଥିତରେ କଂଗ୍ରେସ ନେତା ଓ କର୍ମୀମାନେ ରାସ୍ତାରେ ବାଣ ଫୁଟାଇ ଏବଂ ମିଷ୍ଟାନ୍ନ ବଣ୍ଟନ କରିବା ସହ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ବିଧାୟକ ଶ୍ରୀ ବାହିନୀପତି ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏହା ବୋରିଗୁମ୍ମାବାସୀଙ୍କ ଆନ୍ଦୋଳନ ଏବଂ ଦାବିର ବିଜୟ ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ଶଶିଭୂଷଣ ପାତ୍ର, ପୂର୍ବତନ ବିଧାୟକ ନିମାଇଁ ସରକାର, ଜୟପୁର ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି,ସାଂସଦ ପ୍ରତିନିଧି ହାସାନ ମଦାନୀ, ରୂପକ ତୁରୁକ, ନିହରା ବିଶୋୟୀ, ସୁକାନ୍ତ ପଟ୍ଟନାୟକ, ଗଙ୍ଗାଧର ସାହୁ, ରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟରେ ନୂତନ ଭାବେ ଏନଏସି ଘୋଷଣା କରାଯାଇଥିଲେ ସୁଦ୍ଧା ଦୀର୍ଘଦିନରେ ଦାବି କରାଯାଉଥିବା ଏବଂ ଗତ ରାଜ୍ୟସରକାରଙ୍କ ପକ୍ଷରୁ କୋରାପୁଟ ଜିଲ୍ଲା ବୋରିଗୁମ୍ମା ସହରକୁ ଏନଏସି ଘୋଷଣା କରାଯାଇଥିଲେ ସୁଦ୍ଧା ବର୍ତ୍ତମାନ ସରକାର ଏହାକୁ କାର୍ଯ୍ୟକାରୀ କରିନଥିଲେ। ତେଣୁ ଗତ ସପ୍ତାହ ପୂର୍ବେ ବୋରିଗୁମ୍ମା ବାସୀଙ୍କ ପକ୍ଷରୁ ୧୨ ଘଣ୍ଟିଆ ବୋରିଗୁମ୍ମା ବନ୍ଦ କରାଯାଇଥିଲେ। ତୁରନ୍ତ ବୋରିଗୁମ୍ମାକୁ ଏନଏସି ଘୋଷଣା କରିବା ନେଇ ବିଜେଡି ଏବଂ କଂଗ୍ରେସ ଦଳ ପକ୍ଷରୁ ଦାବି କରାଯାଇଥିଲା।

# ପୂର୍ବତନ ପୌର କାଉନସିଲର, ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ ବୈଠକ

## ଜୟପୁର ସହରରକୁ ମହାନଗର ନିଗମ କରିବାକୁ ଦାବି

ଜୟପୁର,୩୧।୮ (ସମିସ):




ଜୟପୁର ସହରର ଏକ ଘରୋଇ ହୋଟେଲର ସମ୍ମିଳନୀ କକ୍ଷଠାରେ ପୂର୍ବତନ କାଉନସିଲର, ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷକଙ୍କ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ପୂର୍ବତନ କାଉନସିଲର ବାଲା ରାୟଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟତଃ ଜୟପୁର ପୌରସଂସ୍ଥାର ବିଷୟକୁ ନେଇ ଆଲୋଚନା ହୋଇଥିଲା। ଜୟପୁର ସହରର ଦ୍ରୁତଗତି ବୃଦ୍ଧି ପାଉଥିବା ଯୋଗୁଁ ଏହାର ଚାରିଦିଗରେ ରହିଥିବା ଆଖପାଖ ଗ୍ରାମାଞ୍ଚଳ ସହର ସହିତ ମିଶି ଯାଇଥିବା ଯୋଗୁଁ ଏହା ଅଞ୍ଚଳକୁ ପୌରାଞ୍ଚଳର ଅଧୀନକୁ ନେଇ ଆୟତନ ଏବଂ ଜନସଂଖ୍ୟା ଅନୁଯାୟୀ ମହାନଗର ନିଗମରେ ପରିଣତ କରିବାକୁ ବୈଠକରେ ସମସ୍ତ ଉପସ୍ଥିତ ପୂର୍ବତନ କାଉନସିଲର, ଅଧକ୍ଷ ଏବଂ ଉପାଧକ୍ଷମାନେ ମିଳିତ ଭାବେ ଦାବି କରିଥିଲେ। ସେହିପରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହରୀ ବିକାଶ ଯୋଜନା ପୌରାଞ୍ଚଳରେ କାର୍ଯ୍ୟକାରୀ ଏବଂ ସଫଳତାକୁ ନେଇ ସମସ୍ତେ ଗୁରତ୍ୱ ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତେ ଦଳବଳ ନିର୍ବିଶେଷରେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ପୌର ଅଧକ୍ଷ ରବିନାରାୟଣ ନନ୍ଦ, ଆର୍ ପଦ୍ମା, ପୂର୍ବତନ ଉପାଧକ୍ଷ ସୂର୍ଯ୍ୟନାରାୟଣ ରଥ, କେ. ପ୍ରସାଦ ରାଓ ପଟ୍ଟନାୟକ, ଦୁର୍ଗା ପ୍ରସାଦ ଶର୍ମା, ଅତିରିକ୍ତ ଉପଧକ୍ଷା ପଦ୍ମିନୀ ଦାଶ, ପୂର୍ବତନ କାଉନସିଲର ବିନୋଦ ମହାପାତ୍ର, ଉମାଚରଣ ମହାପାତ୍ର, ଆନନ୍ଦ ମହାପାତ୍ର, ନିହାର ବିଶୋୟୀ, ଦୁର୍ଗା ପ୍ରସାଦ ମିଶ୍ର, କୃଷ୍ଣ ଚନ୍ଦ୍ର ହୋତା, ବିଦ୍ୟୁରାଣି ମିଶ୍ର, ଏ.ଶ୍ରୀନିବାସ ରାଓ, ଗଣେଷ ପାଢୀ, ରାମ ପ୍ରସାଦ ପଣ୍ଡା, ପ୍ରମୋଦ ମାଝି, ୱାଇ. ଏସ୍ ଖାନ୍ନା, ଶଶି ପଟ୍ଟନାୟକ, ରାଧାମୋହନ ଗୌଡ, ଶିବ ପ୍ରାସଦ ପାଢୀ, ଆଶୁତୋଷ ସାନ୍ଧାପାତ୍ର, ହରିହର ମଲ୍ଲିକ, ମାମି ପାଢୀ, କାଳୀ ପ୍ରସାଦ, ଜି. କ୍ରୀଷ୍ଣା ପ୍ରଫୁଲ୍ଲ ଭତ୍ରା, ପଦ୍ମନ ହରିଜନ ପ୍ରମୁଖଙ୍କ ସମେତ ୬୦ ଜଣ ପୂର୍ବତନ କାଉନସିଲର ଉପସ୍ଥିତ ଥିଲେ। ସେହିପରି ଏହି ଅବସରରେ ବର୍ତ୍ତମାନର ଅଧକ୍ଷ ନରେନ୍ଦ୍ର ମହାନ୍ତି, ଉପାଧକ୍ଷ ବି.ସୁନିତା ଓ ଅନ୍ୟାନ୍ୟ କାଉନସିଲରମାନେ ଉପସ୍ଥିତ ଥିଲେ।

# ‘ସୁନାବେଡ଼ାକୁ ଶ୍ରେଷ୍ଠ ପୌରାଞ୍ଚଳ ଭାବେ ଗଢ଼ି ତୋଳିବାକୁ ଆହ୍ୱାନ’



ସୁନାବେଡ଼ା,୩୧।୮ (ସମିସ): ସୁନାବେଡ଼ାରେ ସ୍ୱାୟତ୍ତ ଶାସନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ସହରାଞ୍ଚଳର ବିକାଶ ନେଇ ମୋହନ ମାଝି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଭାବେ ସୁନାବେଡ଼ା ମହିଳା ସ୍ନାତକ ମହାବିଦ୍ୟାଳୟର ଅଧକ୍ଷା ଉଷାରାଣୀ ଦାସ ଯୋଗଦେଇ ଆମ ଦେଶର ସ୍ୱାୟତ୍ତ ଶାସନର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୌରାଧକ୍ଷ ଡଃ ରାଜେନ୍ଦ୍ର କୁମାର ପାତ୍ର, ଉପାଧକ୍ଷା ରତ୍ନ କଣ୍ଟା, ସାଂସଦଙ୍କ ପ୍ରତିନିଧି ପ୍ରଶାନ୍ତ କର, ପୂର୍ବତନ ଜିଲ୍ଲା ବିଜେପି ସଭାପତି ସୁମନ୍ତ ପ୍ରଧାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଜିତ୍ କୁମାର ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁନାବେଡାକୁ ସ୍ୱଚ୍ଛ, ସୁନ୍ଦର ଓ ଶ୍ରେଷ୍ଠ ପୌରାଞ୍ଚଳ ଭାବେ ପ୍ରତିପାଦିତ କରିବା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ପାରିଷଦ ରବୀନ୍ଦ୍ର ପ୍ରଧାନ, ମମତା ରାୟ ଏବଂ ମିନତୀ ମିଶ୍ର ନିଜ ବକ୍ତବ୍ୟରେ ସୁନାବେଡ଼ା ପୌରାଞ୍ଚଳରେ କରାଯାଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ, ବିଚାରକ ଏବଂ କ୍ରୀଡ଼ା, ସମାଜସେବା ଓ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କରିଥିବା ବ୍ୟକ୍ତି ମାନଙ୍କୁ ପୁରସ୍କୃତ ତଥା ସମ୍ମାନୀତ କରିବା ସହ ଏଚ୍‌ଏସସି ଏବଂ ସିବିଏସ୍‌ସି ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମଧ ପୁରସ୍କୃତ କରାଯାଇଥିଲା। ଶ୍ରୀଧର ପରିଡ଼ା ଏବଂ ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମସ୍ତ କାଉନସିଲର, କର୍ମଚାରୀଙ୍କ ସମେତ ବହୁ ସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ଥିଲେ।

## ସ୍ୱାୟତ୍ତ ଶାସନ ଦିବସ

# କୋରାପୁଟ ପୌର ପରିଷଦ ପକ୍ଷରୁ ଶୋଭାଯାତ୍ରା




କୋରାପୁଟ,୩୧।୮ (ସମିସ): କୋରାପୁଟ ପୌର ପରିଷଦ ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ସକାଳେ କୋରାପୁଟ ସହରରେ ସ୍ଥାପିତ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ କୋରାପୁଟ ପୌର ପରିଷଦର ଉପାଧକ୍ଷା ସବିତା ପଣ୍ଡାଙ୍କ ସହ କାଉନସିଲରମାନେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପରେ ପରିଷଦ କାର୍ଯ୍ୟାଳୟ ପରିସରରେ ଉପାଧକ୍ଷା ସବିତା ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ର, କାଉନସିଲର ବୃନ୍ଦ ଏବଂ କାର୍ଯ୍ୟାଳୟର କର୍ମଚାରୀଙ୍କ ସହିତ ସ୍କୁଲର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସନ୍ଧ୍ୟାରେ କୋରାପୁଟ ଟାଉନହଲଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କୋରାପୁଟ ପୌର ପରିଷଦର ଉପାଧକ୍ଷା ସବିତା ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ କାଉନସିଲର ମଧୁସୂଦନ ମାଝୀ, ବି.ମାଲେଶ୍ୱର୍ ରାଓ, ପଦ୍ମା ମୁଦୁଲି, କମଳା ନାୟକ, ରବି ପରଜା, ପ୍ରଫୁଲ୍ଲ କୁମାର ମହାପାତ୍ର, କୃଷ୍ଣ ଖେମୁଣ୍ଡୁ, ଚନ୍ଦ୍ରପ୍ରଭା ହିଆଲ, ସୁଭଦ୍ରା ମୁଦୁଲି, ରଶ୍ମିତା କୁମାରୀ ନାୟକ, ଲେହା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଏବଂ କାଉନସିଲରମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଭା କାର୍ଯ୍ୟ ଶେଷ ହେବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୋରାପୁଟ ପୌର ପରିଷଦର ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ର ଯୋଗଦେଇ ପରିଚାଳନା କରିଥିଲେ। ନନ୍ଦପୁର ଅଧାପକ ରବି ଶତପଥି ମଞ୍ଚ ପରିଚାଳନା କରିଥିଲେ। କନିଷ୍ଠ ଯନ୍ତ୍ରୀ ନର୍ମଦା ସାହୁ, କାର୍ଯ୍ୟାଳୟର ସିମାଞ୍ଚଳ ପଡ଼ିହାରୀ, ମୂର୍ତ୍ତୀ ପଟ୍ଟନାୟକ, ଉମେଶ ବେହେରା, ଅକ୍ଷୟ ଡାକୁଆଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ‘ନବରଙ୍ଗପୁରକୁ ସବୁଜ ସୁନ୍ଦର ଭାବେ ଗଢ଼ି ତୋଳିବାକୁ ଆହ୍ୱାନ’



ନବରଙ୍ଗପୁର,୩୧।୮ (ସମିସ): ନବରଙ୍ଗପୁର ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ମହାଆଡମ୍ବର ପାଳିତ ହୋଇଯାଇଛି। ଅଧକ୍ଷ କୁନୁ ନାୟକ ଓ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣଙ୍କ ସମେତ ପାରିଷଦ ବୃନ୍ଦ ସକାଳେ ସହର ସ୍ଥିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ପରେ ଅଧକ୍ଷଙ୍କ ଦ୍ୱାରା ପୌର କାର୍ଯ୍ୟାଳୟଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବହୁମୁଖୀ ହଲ୍ ପ୍ରକଳ୍ପ ଉଦ୍‌ଘାଟନ ଓ ବିଭିନ୍ନ ଯୋଜନାର ଲୋକାର୍ପଣ ଉତ୍ସବ ଏଲଇଡି ମାଧମରେ ସିଧାପ୍ରସାରଣ କରାଯାଇଥିଲା। ପୌର ଅଧକ୍ଷ କୁନୁ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ମୁଖ୍ୟବ୍ୟକ୍ତା ବିଜୟ କୁମାର ମିଶ୍ର ଓ ପୌର ଉପାଧକ୍ଷା ସୌମ୍ୟା ମହାପାତ୍ର ପ୍ରମୁଖ ମଞ୍ଚାସିନ ହୋଇଥିଲେ। ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିମାନେ ପୌର ପାଳିକାର ସଫେଇ କାର୍ଯ୍ୟ, ଆଲୋକୀକରଣ, ପାନୀୟ ଜଳ ପ୍ରତି ପୌର ପାଳିକା ପକ୍ଷରୁ ଗୁରୁତ୍ୱ ଦେବା ସହ ନବରଙ୍ଗପୁର ସହରକୁ ଏକ ସୁନ୍ଦର ସବୁଜ ସହର ଗଢ଼ି ତାଳିବାରେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେରେ ବିଧାୟକ ଗୌରୀ ଶଙ୍କର ମାଝି, ଅଧକ୍ଷ କୁନୁ ନାୟକ, ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ ଓ ସମସ୍ତ ପାରିଷଦ ବୃନ୍ଦ ଉପସ୍ଥିତିରେ ନବରଙ୍ଗପୁର ପୌରପାଳିକା ଦୁଇଟି କଲ୍ୟାଣ ମଣ୍ଡପ, ୧୪, ୧୫ ଓ ୧୬ ନମ୍ବର ୱାର୍ଡର ପାର୍କ, ଫେବେର ରୋଡ ଓ ଶୌଚାଳୟର ଶୁଭ ଉଦ୍‌ଘାଟନ ଓ ଲୋକାର୍ପଣ କରାଯାଇଥିଲା। ସ୍ୱାୟତ୍ତ ଶାସନ ଅବସରରେ ପାରିଷଦ ବୃନ୍ଦ ଓ ପୌର କର୍ମଚାରୀଙ୍କ ମଧରେ କ୍ରିକେଟ ଓ ଭଲି ବଲ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉଭୟ ପ୍ରତିଯୋଗିତାରେ ପାରିଷଦ ବୃନ୍ଦ ବିଜୟୀ ହୋଇଥିଲେ। ସେହିପରି ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଦଳ ଓ ମହିଳା ପାରିଷଦ, ସ୍ୱଚ୍ଛ ସାଥି, ସ୍ୱଚ୍ଛ କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଟ୍ରଫି ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ଓ ସଫେଇ କାର୍ଯ୍ୟ ପାଇଁ ଜଣେ ମହିଳା, ଜଣେ ପୁରୁଷ ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସ୍ୱାୟତ୍ତ ଶାସନ ଅବସରରେ ପାରିଷଦ ବୃନ୍ଦ ଓ ପୌର କର୍ମଚାରୀମାନଙ୍କ ମଧରେ ଭଲି ଭଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସେହିପରି ମହିଳା ପାରିଷଦ ବୃନ୍ଦ ଓ ମହିଳା କର୍ମଚାରୀ ସ୍ୱଚ୍ଛ ସାଥିମାନଙ୍କ ମଧରେ ମ୍ୟୁଜିକ୍ ଚେୟାର, ଲେମନ ସ୍ପୁନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଦଳ ଗୁଡିକୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା। ସଭାକାର୍ଯ୍ୟ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ କାଉନସିଲର ଏ. ସତୀଶ, ପି. କେଶବ ରାଜୁ, ନଗେନ୍ଦ୍ର ପଟ୍ଟନାୟକ, ସମେଶ ଖରା, ଅମିତ ପ୍ରଧାନ, ମମତା ମହାରଣା, ସନ୍ତୋଷୀ ଜାନି, ଗୀତାଞ୍ଜଳି ଯାଦବ, ରାଜେଶ୍ୱରୀ, ପି. ଉଷାରାଣୀ , ମୁରୁଳି କ୍ରିଷ୍ଣା, ପୁନାମ ସାହୁ, ଅଲେଖ ସୌରା, ରଂଜିତା ପଣ୍ଡା, ପୁରୁଷୋତ୍ତମ ହରିଜନ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପୌରପାଳିକାର ଜ୍ୟୋତି ପାରିଚ୍ଛା ପରିଚାଳନା କରିଥିବା ବେଳେ ରାମ ଶଙ୍କର ଦାସ, ସାନୁ ପ୍ରହରାଜ, ଟୁନା ଦାଶ, ରାଜେଶ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

# ପୂର୍ବତନ ଅଧକ୍ଷ ଓ କାଉନସିଲର ସମ୍ବର୍ଦ୍ଧିତ



ଉମରକୋଟ, ୩୧।୮ (ସମିସ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ପୌରପରିଷଦ ପକ୍ଷରୁ ଆଜି ସ୍ୱାୟତ୍ତ ଶାସନ ଦିବସ ମହା ଆଡମ୍ବର ରେ ପାଳିତ ହୋଇଛି। ଭୋରୁ ପରିଷଦର କର୍ମଚାରୀମାନେ ସହରରେ ରାମ ଧୁନ ସଙ୍ଗୀତ ବଜେଇ ସହର ପରିକ୍ରମା କରିଥିଲେ। ପରେ ପୌରଅଧକ୍ଷା ରାଧା ଭତ୍ରା, ଉପାଧକ୍ଷ ସୁଧାଂଶୁ ଦାସ, ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ,୧୪ଟି ୱାର୍ଡର କାଉନସିଲର ଓ ଅନ୍ୟ କର୍ମଚାରୀମାନେ ସହରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଗୁଡିକରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ କାର୍ଯ୍ୟାଳୟ ପରିସରରେ ଜାତୀୟ ପତକାକୁ ପୌରଧକ୍ଷା ରାଧା ଭତ୍ରା ଉତ୍ତୋଳନ କରିଥିଲେ। ଏହାପରେ ରାମ ମନ୍ଦିର ନିକଟସ୍ଥ କଲ୍ୟାଣ ମଣ୍ଡପଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ଭାଷଣକୁ ଟିଭି ମାଧମରେ ପ୍ରଦର୍ଶିତ କରାଯାଇଥିଲା। ପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷା ରାଧା ଭତ୍ରା, ଉପାଧକ୍ଷ ସୁଧାଂଶୁ ଦାସ, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ଏମ୍‌ପି ପ୍ରତିନିଧି ରାମ ନାୟକ, ସମସ୍ତ ୧୪ ୱାଡର୍‌ର କାଉନସିଲର, ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ପ୍ରମୁଖ ଉପସ୍ଥିତ ରହି ଆଜିର ଦିବସର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରିଥିଲେ। ଇଂଜିନିୟର ଚନ୍ଦନା ମଲିକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କୌନ ବନେଗା କୋରଡପତିରେ ଅଂଶ ଗ୍ରହଣ କରି ସମଗ୍ର ଓଡ଼ିଶାରେ ଚହଳ ସୃଷ୍ଟି କରିଥିବା ଓଡ଼ିଆ ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଶାଶ୍ୱତ କୁମାର ପଟ୍ଟନାୟକଙ୍କୁ ପୌର ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସହର ଗଠନ ସହ ଉମରକୋଟର ବିକାଶ କ୍ଷେତ୍ରରେ ପୂର୍ବତନ ଅଧକ୍ଷ ଓ ଅଧକ୍ଷା ଓ ପୂର୍ବତନ ସମସ୍ତ କାଉନସିଲରମାନଙ୍କ ଅବଦାନ ରହିଥିବାରୁ ଉପସ୍ଥିତ ରହିଥିବା ସମସ୍ତ ପୂର୍ବତନ ଅଧକ୍ଷ, କାଉନସିଲରମାନଙ୍କୁ ଫୁଲତୋଡ଼ା ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥି ସହ ୩୦ ତାରିଖ ଦିନ ଉମରକୋଟ ସହରରେ ଥିବା ସମସ୍ତ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିସହ ଆଜି ସଭା ମଞ୍ଚରେ କିଛି ସ୍କୁଲର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେମାନଙ୍କୁ ମଧ ପୌରପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ।

# ଗୋଶାଳା ସହ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ଜୟପୁର,୩୧।୮ (ସମିସ): ଜୟପୁର ପୌରପାଳିକା ପକ୍ଷରୁ ରବିବାର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ମହାଡମ୍ବରରେ ପାଳନ କରାଯାଇଛି। ପୂର୍ବାହ୍ନରେ ଜୟପୁର ପୌରସଂସ୍ଥା କାର୍ଯ୍ୟାଳୟ ଠାରେ ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ଜାତୀୟ ପତକା ଉତ୍ତୋଳନ କରିଥିଲେ ଏବଂ ଉପସ୍ଥିତ ଛାତ୍ରଛାତ୍ରୀମାନେ ଜାତୀୟ ସଂଗୀତ ଗାନ କରିଥିଲେ। ଏହି ଅବସରରେ ପୌରାଧକ୍ଷ ଶ୍ରୀ ମହାନ୍ତି ନିଜ ବକ୍ତବ୍ୟରେ ପୌରସଂସ୍ଥାର ବିଭିନ୍ନ ସଫଳତାକୁ ନେଇ ବକ୍ତବ୍ୟରେ ପ୍ରକାଶ କରିବା ସହ ଆଗାମୀ ଦିନରେ ପୌରସଂସ୍ଥା ପକ୍ଷରୁ ଅନ୍ୟାନ୍ୟ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜନସାଧାରଣଙ୍କ ଠାରୁ ଆରମ୍ଭ କରି ନିର୍ବାଚିତ ପ୍ରତିନିଧି, ପରିମଳ ବ୍ୟବସ୍ଥାର ମେରୁଦଣ୍ଡ ସଫେଇ କର୍ମଚାରୀଙ୍କ ଅବଦାନକୁ ପ୍ରଶଂସା କରିବା ସହ ସମସ୍ତ ଜୟପୁରବାସୀଙ୍କ ସହଯୋଗ କାମନା କରିଥିଲେ। ପ୍ରଥମେ କୋଭିଡ ଚିକିତ୍ସାଳୟ ସମ୍ମୁଖରେ ସ୍ୱାଧିନତା ସଂଗ୍ରାମୀ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସହରର ଅନ୍ୟାନ୍ୟ ସ୍ଥାନରେ ରହିଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୌର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଏ.ଶଶ୍ୟା ରେଟ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌର ଉପାଧକ୍ଷା ବି.ସୁନିତା, ସମସ୍ତ କାଉନସିଲର, ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସଫେଇ କର୍ମଚାରୀଙ୍କୁ ପୋଷାକ ବଣ୍ଟନ ଏବଂ ମଧାହ୍ନରେ ଟାଉନହଲ ଠାରେ ସଫେଇ କର୍ମଚାରୀମାନଙ୍କୁ ବଡା ଖାନା ମାଧମରେ ମାଗଣା ମଧାହ୍ନ ଭୋଜନ ପ୍ରଦାନ କରାଯାଇଥିଲା। ଏହିପରି ସ୍ଥାନୀୟ ବାବା ସାହେବ କଲ୍ୟାଣ ମଣ୍ଡପ ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ଭୁବନେଶ୍ୱର ଠାରୁ ଭର୍ଚ୍ୟୁଆଲ ମାଧମରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିଲା। ସନ୍ଧ୍ୟାରେ ବାବାସାହେବ କଲ୍ୟାଣ ମଣ୍ଡପ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଉଲ୍ଲେଖନୀୟ ଅବଦାନ ଲାଗି ପୌରକର୍ମଚାରୀଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ସୁନାନଗର(କୁନ୍ତରଖାଲ) ରେ ନିର୍ମିତ ଗୋଶାଳା ଉଦ୍‌ଘାଟିତ ହେବା ସହ ଦ୍ୱିତୀୟ ଦୈନିକ ବଜାର ଭେଣ୍ଡି ଜୋନ, ମେଘମାଳ ତୋଟା ପାର୍କ, ମକାପୁଟଠାରେ ଥିବା ଏଫଏସଟି ପ୍ଲାଣ୍ଟର ନୂତନ ଗୃହର ଉଦ୍‌ଘାଟନ କରାଯାଇଥିଲା। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ତାରା ପ୍ରସାଦ ବାହିନୀପତି, ଉପଜିଲ୍ଲାପାଳ ତଥା ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ଏ.ସସ୍ୟାରେଟ୍ଟି, ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତି ରାଉତ, ପୌରାଧକ୍ଷ ଶ୍ରୀ ମହାନ୍ତି, ଉପାଧକ୍ଷ ବି. ସୁନିତାଙ୍କ ସମେତ କାଉନସିଲର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଦୁର୍ଗାପୂଜା କମିଟି ପକ୍ଷରୁ ମାଟି ଅନୁକୂଳ

ଗୁଡାରୀ,୩୧।୮ (ସମିସ): ଗୁଡାରୀ ପବିତ୍ର ରାଧା ଅଷ୍ଟମୀ ଅବସରରେ ଗୁଡାରୀ ଦୁର୍ଗାପୂଜା କମିଟି ତରଫରୁ ମାଟି ପୂଜା ତଥା ମାଟି ଅନୁକୂଳ ହୋଇଯାଇଛି। ପ୍ରଥମେ ଦୁର୍ଗା ମଣ୍ଡପ ଠାରୁ କର୍ତ୍ତା କେଦାର ସାହୁ ଟାଙ୍ଗୁଡ଼ାରେ ମା’ଙ୍କ ସମସ୍ତ ପୂଜା ସାମଗ୍ରୀ ନେଇ ମା’ ଭଣ୍ଡାର ଘରଣୀଠାରେ ପହଞ୍ଚିଥିଲେ। ସେଠାରେ ପୂଜକ ସମସ୍ତ ପୂଜା ପାଠ ଶେଷ କରିବା ପରେ ବଂଶଧାରା ନଦୀ ତଟରେ ମା’ ଦୁର୍ଗାଙ୍କ ମୂର୍ତ୍ତି ନିମନ୍ତେ ପୂଜାପାଠ କରି ଟାଙ୍ଗୁଡିରେ ମାଟି ଅଣାଯାଇଥିଲା। ସଭାପତି ସନ୍ତୋଷ ମହାନ୍ତି ଅଳ୍ପ ଦିନରେ ମୂର୍ତ୍ତି କାମ ଆରମ୍ଭ ହେବ, ଏହି ବର୍ଷ ମିନାବଜାର ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।


AISECT

## RECRUITMENT OF VOCATIONAL TRAINERS & COORDINATORS

Applications are invited from eligible candidates for Implementing Vocational Education in Government Schools of Odisha under CSS-VHSE Samagra Shiksha. Terms of engagement is Contractual and Institutional positions. Candidates should be domicile of Odisha and must read & write Odia. **Gross Salary: Rs. 20,000/- per month. Age Limit: 18-45 years (As on 01/01/2025)** as per Govt. Rules. **Last Date of Application: 07.09.2025 (5:00 pm)**

Online Application Link: https://www.aisect.org/Odisha-VT-VCrecruitment2025

Vocational Trainers' Qualifications & Experience:

| Sector | Districts | QUALIFICATIONS & EXPERIENCE |
|---|---|---|
| AGRICULTURE | Deogarh, Koraput, Kandhamal, Mayurbhanj & Kalahandi | Post-graduation in Horticulture from a recognized Institute/University, with at least 1 year work/teaching experience |
| TOURISM & HOSPITALITY | Deogarh, Koraput, Kandhamal, Mayurbhanj & Kalahandi | Diploma/Degree in Hotel Management from a recognized Institute/University, with at least 5 years work/teaching experience in Food and Beverage service including one year as supervisory capacity in a classified Hotel or Facility Management Company |
| APPAREL | Jharsuguda | Post-graduation in Textile and Clothing or Relevant area from a recognized Institute / University, with at least 1 year work/teaching experience in Textile and clothing. |
| BEAUTY & WELLNESS | Jharsuguda | Diploma in Cosmetology/Beauty Therapy/ Beauty Culture from a recognized Institution Minimum 1 year working experience in the profession. |
| IT/ITES | Deogarh, Jharsuguda & Kalahandi | Diploma in Computer Science/ Information Technology OR Bachelor Degree in Computer Application/ Science/ Information Technology (BCA, B. Sc. Computer Science/Information Technology) OR Graduate with PGDCA OR DOEACC A or B Level Certificate |
| RETAIL | Jharsuguda & Mayurbhanj | Graduate or Diploma in Retail Management, P.G. Diploma in Marketing with at least 50% marks and 1 year teaching/work experience. Preference will be given to higher education with MBA (Retail Marketing) and PG Diploma in Retail Management. |
| AUTOMOTIVE | Deogarh, Jharsuguda & Kandhamal | Degree in Automobile Engineering /Mechanical Engineering from a recognized Institute /University, with at least 1 year work / teaching experience. Diploma in Automobile Engineering /Mechanical Engineering from a recognized Institute /University, with at least 3 year work/teaching experience or B.VOC in Automotive Engg.from the recogined Institute. |
| ELECTRONICS | Deogarh & Jharsuguda | B.E./B.Tech. in Electrical/Electronics/Telecommunication with 1 year experience in the relevant field. Or Diploma in Electrical/ Electronics/ Electronics/ Telecommunication from recognized board of technical education with 2 years experience in relevant field. |

**VOCATIONAL COORDINATOR: QUALIFICATION & EXPERIENCE :** Minimum 03 years of work experience post qualification of professional degree (Masters Degree) in related any one of above Domains(Sectors)/Rural Development/Management/MSW/Sociology. Preference should be given to exposure of Candidate on skill & entrepreneurship Development / Education Sector having requisite qualification.

**DISTRICTs OF POSTING:** Kalahandi, Koraput, Kandhamal, Mayurbhanj, Deogarh & Jharsuguda. **Gross Salary : Rs.30,000/- PM**

**NOTE:** Candidates shortlisted on the basis of details filled ONLINE will have to go through On Line Test followed by an Interview. Existing VT & VC will be given priority as per the Dept. Guidelines. Selected candidate will be asked to join within short notice of one week.

This is not a government job. Positions are purely contractual. Please do not use any unfair means, Apply fairly.

To Apply, Scan The QR Code

8260186138
Call Between 10:00 AM To 06:00 PM


# କୁଇ ସମାଜର ପକ୍ଷରୁ ଚିନ୍ମୟୀଙ୍କୁ ସମ୍ବର୍ଦ୍ଧନା




କାକିରିଗୁମ୍ମା, ୩୧।୮ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍‌ର କୁଇ ସମାଜ ତରଫରୁ ଡାକ୍ତର ପାଠ ପଢ଼ିବା ପାଇଁ ଚିଳତ ବର୍ଷ ଯୋଗ୍ୟ ବିବେଚିତ ହୋଇଥିବା ଚିନ୍ମୟୀ ସାଉଁନ୍ତାଙ୍କୁ ତାଙ୍କ ଘରେ ସମ୍ବର୍ଦ୍ଧିତ କରାଯାଇଛି। କୁଇ ସମାଜର ଜିଲ୍ଲା ଉପସଭାପତି ନିରଂଜନ ଜାନୀ, ଲକ୍ଷ୍ମୀପୁର ବ୍ଲକ୍‌ର କୁଇ ସମାଜର ସଭାପତି ରୁଦ୍ର ସାଉଁନ୍ତା, ଉପସଭାପତି ବସନ୍ତ ମିଣିଆକା, ସାଧାରଣ ସମ୍ପାଦକ ଶ୍ରୀଧର ଜାନି, କୋଷାଧକ୍ଷ ରାମଚନ୍ଦ୍ର ଜାନୀ, ଉପଦେଷ୍ଟା ଶଙ୍କର ସାଉଁନ୍ତା, ସମାଜର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଏହି ସମୟରେ ଉପସ୍ଥିତ ଥିଲେ। ଏହି ଅଞ୍ଚଳର ପ୍ରଥମ ଥର ପାଇଁ ଚିନ୍ମୟୀ ସାଉଁନ୍ତା ଡକ୍ଟର ପାଠ ପଢ଼ିବା ପାଇଁ ଚିଳତ ବର୍ଷ ଯୋଗ୍ୟ ବିବେଚିତ ହେଇଥିବାରୁ ଅଞ୍ଚଳବାସୀଙ୍କ ତରଫରୁ ମଧ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ଚିନ୍ମୟୀ ସାଉଁନ୍ତା କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଛଣାବାଡ଼ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଝୋଡିପାଇ ଗ୍ରାମର ଗୋପାଳ ସାଉଁନ୍ତାଙ୍କ ଝିଅ। ସେ ଜାତୀୟସ୍ତରୀୟ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ରାଜ୍ୟସ୍ତରରେ ୧୧୬ ନମ୍ବରରେ ରହି ସହିଦ୍ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ କୋରାପୁଟଠାରେ ଡାକ୍ତରୀ ପାଠ ପଢିବା ପାଇଁ ଚଳିତ ବର୍ଷ ଯୋଗ୍ୟ ବିବେଚିତ ହୋଇଛନ୍ତି। ଚିନ୍ମୟୀ ସାଉଁନ୍ତାଙ୍କ ପିତା ଗୋପାଳ ସାଉଁନ୍ତା ଜଣେ ଶିକ୍ଷକ ଦଶମନ୍ତପୁର ବ୍ଲକର ଛଣାବାଡ଼ ପଞ୍ଚାୟତର ଗୌଡ ରାମଜୀ ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ କାର୍ଯ୍ୟରତ ଥିବା ଜଣାପଡ଼ିଛି।

# ମଧୁବୈଶ୍ୟ ସମାଜ ଗଠିତ



ଗୁଣୁପୁର,୩୧।୮ (ସମିସ): ସ୍ଥାନୀୟ ଅଞ୍ଚଳରେ ଥିବା ମିଠା କାରିଗର ବା ଗୁଡିଆ ସଂପ୍ରଦାୟର ଶତାଧିକ ପରିବାରକୁ ନେଇ ଆଜି ଏକ ମଧୁବୈଶ୍ୟ ସଂଘ ଗଠିତ ହୋଇଯାଇଛି। ଏହି ନବଗଠିତ ସଂଘର ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସମ୍ପାଦକ ଭାବେ କୃଷ୍ଣଚନ୍ଦ୍ର ସାହୁ, ସହ ସମ୍ପାଦକ ଭାବେ ବନମାଳୀ ସାହୁ, ରବୀନ୍ଦ୍ର ସାହୁଙ୍କୁ କୋଷାଧକ୍ଷ ଓ ଭୈରବ ବେହେରାଙ୍କୁ ଉପକୋଷାଧକ୍ଷ ଦାୟିତ୍ୱ ଦିଆଯାଇଥିଲା। ଉପଦେଷ୍ଟା ଭାବେ ବାଲାଜୀ ସାହୁ, ସିମାଞ୍ଚଳ ସାହୁ, ସୌରା ବେହେରା, ଉମା ସାହୁ, ଦେବେନ୍ଦ୍ର ସାହୁ, କରୁଣାକର ସାହୁଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା। ଏହି କମିଟିରେ କାର୍ଯ୍ୟକାରିଣୀ ସଦଶ୍ୟ ଭାବେ ସୁନିଲ ସାହୁ, ରାଜେନ୍ଦ୍ର ସାହୁ, ସନ୍ତୋଷ କୁମାର ସାମଲ, ଟୁକୁନା ସାହୁ, ଶ୍ରୀନିବାସ ସାହୁ, ଚନ୍ଦନ ସାହୁ, ସୌମ୍ୟ ରଂଜନ ସାହୁ, ସୋନ୍ତଷ ସାହୁ ଓ ଜ୍ୟୋତି ରଂଜନ ସାହୁଙ୍କୁ ବଛା ଯାଇଥିଲା।

# ସମ୍ପାଦକୀୟ



ଜୀବଜନ୍ତୁମାନଙ୍କ ପ୍ରତି ଜନତାଙ୍କ ଦୃଷ୍ଟିକୋଣରୁ ଗୋଟିଏ ଦେଶର ମହାନତାର ପରିଚୟ ମିଳିପାରିବ।
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ବିପଦରେ ମହେନ୍ଦ୍ରଗିରି

ବିରଳ ଜୈବବିବିଧତାରେ ପରିପୂର୍ଣ୍ଣ ଏବଂ ଐତିହାସିକ ଓ ପୌରାଣିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ଗଜପତି ଜିଲ୍ଲାର ପ୍ରସିଦ୍ଧ ମହେନ୍ଦ୍ରଗିରିକୁ ସଂରକ୍ଷିତ ଜୈବ ମଣ୍ଡଳ ମାନ୍ୟତା ପାଇଁ ବହୁଦିନରୁ ଦାବି ହୋଇ ଆସୁଛି। ସମସ୍ତ ଐତିହାସିକ, ବୈଜ୍ଞାନିକ ଓ ଭୌଗୋଳିକ ତଥ୍ୟ ପ୍ରମାଣ ସତ୍ତ୍ୱେ ଏହି ମାନ୍ୟତା ପାଇବାରେ ଓଡ଼ିଶା ଗତାନୁଗତିକ ଐତିହାସିକ ଅବହେଳାର ଶିକାର ହୋଇଛି। ସଂରକ୍ଷିତ ଜୈବମଣ୍ଡଳ ମାନ୍ୟତା ମିଳିଲେ ଏହି ଅଞ୍ଚଳର ଜୈବବିବିଧତା, ଐତିହ୍ୟ, କୀର୍ତ୍ତିରାଜୀ, ମୌଳିକ ସଂସ୍କୃତିର ସୁରକ୍ଷା ହୋଇପାରିବ। ମାନ୍ୟତା ଦୂରେ ଥାଉ ଏବେ ମହେନ୍ଦ୍ରଗିରିକୁ ପର୍ଯ୍ୟଟନ ଅର୍ଥନୀତିର ଏକ ଅଂଶ କରିବା ପାଇଁ ବିଧିବଦ୍ଧ ଷଡ଼ଯନ୍ତ୍ର ଆରମ୍ଭ ହୋଇସାରିଛି, ଯାହାଫଳରେ ଏହାର ଜୈବବିବିଧତା ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି।

ପ୍ରାପ୍ତ ସୂଚନା ଅନୁଯାୟୀ ମହେନ୍ଦ୍ରଗିରିରେ ପୁରାଣ ପ୍ରସିଦ୍ଧ ପର୍ଶୁରାମ ମନ୍ଦିରକୁ ଭାଙ୍ଗି ଏକ ଭବ୍ୟମନ୍ଦିର ନିର୍ମାଣ କରିବା ଲାଗି ଯୋଜନା ଚୂଡ଼ାନ୍ତ ହୋଇ ପ୍ରସ୍ତୁତି ଆରମ୍ଭ ହୋଇଛି। 'ମହେନ୍ଦ୍ରଗିରି ପରିକ୍ରମା ପ୍ରକଳ୍ପ' ନାମରେ ଯୁଧିଷ୍ଠିର ମନ୍ଦିରଠାରୁ ଦାରୁବ୍ରହ୍ମ ପର୍ଯ୍ୟନ୍ତ ସ୍ଥାନକୁ ଚିହ୍ନଟ କରାଯାଇଛି। ଆହୁରି ଉଦ୍‌ବେଗଜନକ ସୂଚନା ହେଲା ମହେନ୍ଦ୍ରଗିରି ସଂରକ୍ଷିତ ଜଙ୍ଗଲର ୦.୯ ହେକ୍ଟର ଜମିକୁ ଏହି ପ୍ରକଳ୍ପ ଲାଗି କିସମ ପରିବର୍ତ୍ତନ କରାଯାଇ ଜିଲ୍ଲା ରାଜସ୍ୱ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ଯଦି ଏହି ସୂଚନା ସତ ହୋଇଥାଏ ତେବେ ମହେନ୍ଦ୍ରଗିରି ପାଇଁ ସାଂଘାତିକ ସାବ୍ୟସ୍ତ ହେବ। ପେସା ଆଇନ ଅନୁଯାୟୀ ପଲ୍ଲୀସଭା କିମ୍ବା ଗ୍ରାମସଭାର ବିନା ଅନୁମୋଦନରେ କୌଣସି ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରାଯାଇପାରିବ ନାହିଁ। ଜଙ୍ଗଲ ଅଧିକାର ଆଇନ-୨୦୦୬ର ମଧ୍ୟ ଏହା ବିରୁଦ୍ଧାଚରଣ କରୁଛି। କିନ୍ତୁ କିସମ ପରିବର୍ତ୍ତନ ବେଳେ ଗ୍ରାମସଭାକୁ ଅନ୍ଧାରରେ ରଖାଯାଇଥିବାର ଅଭିଯୋଗ ହୋଇଛି।

କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ରାମାୟଣ ଚକ୍ରାକାର ଭ୍ରମଣ ମାର୍ଗରେ ଚିହ୍ନିତ ହୋଇଥିବା ୧୫ଟି ତୀର୍ଥ ସ୍ଥାନ ମଧ୍ୟରେ ମହେନ୍ଦ୍ରଗିରିକୁ ସ୍ଥାନିତ କରିଛନ୍ତି। ଏହିକ୍ରମରେ ସେଠାରେ ପର୍ଯ୍ୟଟନଶିଳ୍ପର ବ୍ୟାପକ ବିକାଶ ପାଇଁ ବହୁମୁଖୀ ଯୋଜନା ହାତକୁ ନିଆଯାଇଛି। ଭାରତର ପର୍ଯ୍ୟଟନ ଶିଳ୍ପରେ ଓଡ଼ିଶାର ଆଉ ଏକ ଐତିହ୍ୟ ସ୍ଥାନ ପାଇବା ଗୌରବର ବିଷୟ। କିନ୍ତୁ ଅର୍ଥନୀତି ପାଇଁ ପରିବେଶକୁ ଯଦି ବଳି ପକାଯାଏ ତେବେ ପରିସ୍ଥିତି କ'ଣ ହେବ ତାହା କେରଳର ୱାଇନାଡ଼ ଏବଂ ଉତ୍ତରାଖଣ୍ଡର ଉତ୍ତରକାଶୀ, ଯୋଶୀମଠ, କେଦାରନାଥ ପାର୍ବତ୍ୟାଞ୍ଚଳର ଦୁର୍ବିପାକ ଆମକୁ ବାରମ୍ବାର ଚେତାଇ ଦେଇଛି।

ଜୈବବିବିଧତା ଆଇନ ୨୦୦୨ର ଧାରା ୩୭ ଅନୁସାରେ ରାଜ୍ୟ ସରକାର ୨୦୨୨ ମସିହା ନଭେମ୍ବର ମାସରେ ମହେନ୍ଦ୍ରଗିରିକୁ ଜୈବବିବିଧତା ଐତିହ୍ୟସ୍ଥଳୀ ଭାବେ ଘୋଷଣା କରିଛନ୍ତି। ଅର୍ଥାତ୍ ମହେନ୍ଦ୍ରଗିରିର ପାରିବେଶିକ ପରିସଂସ୍ଥା ଯେ ବିପଦାପନ୍ନ ତାହା ପରୋକ୍ଷରେ ସ୍ୱୀକାର କରାଯାଇଛି। ଅପରପକ୍ଷରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏବେ ସେଠାରେ ଅନେକ କୁଟୀର, ଶିବିର, ଆଶ୍ରୟସ୍ଥଳ ନିର୍ମାଣ ହୋଇସାରିଲାଣି। ପ୍ରାକୃତିକ ଜଙ୍ଗଲ ଅପସାରଣ, କାଠ ଚୋରାଚାଲାଣ, ମାତ୍ରାଧିକ ଲଘୁ ବନ ସମ୍ପଦ ସଂଗ୍ରହ, ପଥର କଟା ଆଦି କାରଣରୁ ମହେନ୍ଦ୍ରଗିରି ପାର୍ବତ୍ୟାଞ୍ଚଳରେ ମୃତ୍ତିକା କ୍ଷରଣ ସହିତ ପ୍ରାକୃତିକ ପରିବେଶର ଅବକ୍ଷୟ କ୍ଷିପ୍ର ହେଉଛି। ମହେନ୍ଦ୍ରତନୟା ନଦୀ ଓ ଏକାଧିକ ଝରଣାର ଜଳଧାର ଶୁଖିଯିବା ସହିତ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବା ଭୂବିଜ୍ଞାନୀମାନେ ଆଶଙ୍କା ପ୍ରକଟ କରିଛନ୍ତି। ଅବସ୍ଥା ଏପରି ହେଲାଣି ଯେ ଯେଉଁ ଅଞ୍ଚଳ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଏକ ବିକ୍ଷିପ୍ତ ଅଞ୍ଚଳକୁ ଜଳ ଯୋଗାଇ ଆସୁଥିଲା ସେହି ଅଞ୍ଚଳର ଅଧିବାସୀ ଏବେ ପିଇବା ପାଣି ସଂଗ୍ରହ କରିବା ପାଇଁ କୋଶକୋଶ ବାଟ ଚାଲିବାକୁ ପଡ଼ୁଛି। ତିତିଲି ଏବଂ ପରବର୍ତ୍ତୀ ସମୟରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟ ଏହାର ପ୍ରାକୃତିକ ପରିବେଶକୁ ବହୁଗୁଣରେ ବିନିଷ୍ଟ କରିଚାଲିଛି।

ପରିବେଶବିତ୍ ଓ ପାଣିପାଗ ବିଶେଷଜ୍ଞମାନଙ୍କ ମତରେ ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଜଳବାୟୁ ନିୟନ୍ତ୍ରଣରେ ମହେନ୍ଦ୍ରଗିରି ପର୍ବତମାଳାର ବଳିଷ୍ଠ ଭୂମିକା ଥିଲେ ହେଁ ଏହା ସରକାରୀ ସ୍ତରରେ ସେଭଳି ଗୁରୁତ୍ୱ ପାଇନାହିଁ। ଏହି ପୃଷ୍ଠଭୂମିରେ ଯଦି ସେଠାରେ ଭବ୍ୟମନ୍ଦିର ନିର୍ମାଣ ଜରିଆରେ ପରିବେଶ-ପ୍ରତିକୂଳ କାର୍ଯ୍ୟକ୍ରମ ହାତକୁ ନିଆଯିବ ତେବେ ସ୍ଥିତି ଆହୁରି ବିଗିଡ଼ି ଯିବାର ଆଶଙ୍କା ରହିଛି। ମହେନ୍ଦ୍ରଗିରି ପୂର୍ବ-ଘାଟ ପର୍ବତମାଳାର ଅଂଶଭାବେ ଗଣ୍ଡୱାନା ଅଞ୍ଚଳାଧୀନ ଏବଂ ଏହାର ମୃତ୍ତିକା ପୃଥିବୀର ସର୍ବ ପୁରାତନ ମୃତ୍ତିକା ଭାବେ ପ୍ରମାଣିତ। ପରିବେଶବିତ୍‌ମାନଙ୍କର ଆଶଙ୍କା ଅନୁଯାୟୀ, ଯଦି ମହେନ୍ଦ୍ରଗିରିର କେନ୍ଦ୍ରୀୟ ଅଞ୍ଚଳ ପର୍ଯ୍ୟଟନ ଅର୍ଥନୀତିରେ ପ୍ରମୁଖତା ହାସଲ କରେ ତେବେ ଧୀରେଧୀରେ ବାହ୍ୟ ତତ୍ତ୍ୱର ଅନୁପ୍ରବେଶ ଘଟିବ। ହିମାଳୟ ପାର୍ବତ୍ୟାଞ୍ଚଳ ଅନୁରୂପ ବିଭିନ୍ନ ବହୁଦେଶୀୟ ଓ ଦେଶୀୟ ଔଷଧ କମ୍ପାନୀ, ସୌଖୀନ କାଠ ଓ ଖେଳନା କମ୍ପାନୀର ପଞ୍ଝାକୁ ଧୀରେ ଧୀରେ ମହେନ୍ଦ୍ରଗିରିର ଦୁର୍ଲ୍ଲଭ ଜୈବବିବିଧତା ଚାଲିଯିବ। ପରିଶେଷରେ ପୁଣି ଏକ 'ଚିପ୍‌କୋ ଆନ୍ଦୋଳନ' କିମ୍ବା 'ହିମାଳୟ ପରିବେଶ ବଞ୍ଚାଅ ଆନ୍ଦୋଳନ' ଭଳି 'ମହେନ୍ଦ୍ରଗିରି ବଞ୍ଚାଅ ଆନ୍ଦୋଳନ' ଜନ୍ମ ନେବ। କିନ୍ତୁ ସେଥିପାଇଁ ଜନସଚେତନତା ସୃଷ୍ଟି, ଏକତା ଓ ସ୍ୱର ଉତ୍ତୋଳନ ପୂର୍ବରୁ କେତେବେଳେ ଯେ ପ୍ରତିପତ୍ତିଶାଳୀ ଶିଳ୍ପୋଦ୍ୟୋଗୀଙ୍କ ହାତକୁ ଓଡ଼ିଶାର ଏହି ବିଶ୍ୱପ୍ରସିଦ୍ଧ ବିରଳ ଜୈବମଣ୍ଡଳ ଚାଲି ନ ଯିବ କିଏ କହିବ?

ଆମ ମତରେ ପର୍ଯ୍ୟଟନ ଶିଳ୍ପ ସ୍ୱାଗତଯୋଗ୍ୟ। କିନ୍ତୁ ତା'ପାଇଁ ଜୈବବିବିଧତାର ମୌଳିକତା କୌଣସି ମୂଲ୍ୟରେ କ୍ଷୁଣ୍ଣ ହେବା ଅନୁଚିତ। ଏଥିସହିତ ଐତିହ୍ୟର ପ୍ରାଚୀନତା ମଧ୍ୟ ଅକ୍ଷୁଣ୍ଣ ରହିବା ବିଧେୟ। ନେଡ଼ିଗୁଡ଼ କହୁଣୀକୁ ବୋହିଯିବା ପୂର୍ବରୁ ଏଦିଗରେ ପରିବେଶ କର୍ମୀ ଓ ସ୍ଥାନୀୟ ଅଧିବାସୀ ଜାଗ୍ରତ ହେବା ଆବଶ୍ୟକ। ପ୍ରକଳ୍ପ କାର୍ଯ୍ୟାରମ୍ଭ ପୂର୍ବରୁ ବ୍ୟାପକ ବିଚାରବିମର୍ଶ ହୋଇ ଓଡ଼ିଶାର ବୁଦ୍ଧିଜୀବୀ ଓ ପରିବେଶକର୍ମୀଙ୍କ ମତାମତକୁ ବିଶ୍ୱାସକୁ ନିଆଯିବା ଉଚିତ ହେବ। ଅପରିମାଣଦର୍ଶୀ ନିଷ୍ପତ୍ତି ଯୋଗୁଁ ଯଦି ଐତିହାସିକ ପୌରାଣିକ କୀର୍ତ୍ତିରାଜି ବିମଣ୍ଡିତ ମହେନ୍ଦ୍ରଗିରି ଶ୍ରୀହୀନ ହୋଇପଡ଼େ ତେବେ ଇତିହାସ କ୍ଷମା ଦେବ ନାହିଁ। ଉଜୁଡ଼ିବା ପରେ ହୃତଗୌରବର ପୁନରୁଦ୍ଧାର ପୂର୍ବରୁ ତାହାର ସୁରକ୍ଷା ସର୍ବୋପରି। ଆଶା ଆମ ଶାସନ-ପ୍ରଶାସନ-ସମାଜିକ ବ୍ୟବସ୍ଥାର ସବୁସ୍ତର ଏହାକୁ ଉପଲବ୍ଧି କରି ବିହିତ ପଦକ୍ଷେପ ନେବେ। ●

# ବହି ଧରି ପରୀକ୍ଷା: ଏକ ଅନାବଶ୍ୟକ ପ୍ରୟାସ

**ସତ୍ୟକାମ ମିଶ୍ର**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଚଳିତ ବର୍ଷ ନଭେମ୍ବର ମାସରୁ ୯ମ ଶ୍ରେଣୀରେ ବହି ଧରି ପରୀକ୍ଷା ଦେବା ବ୍ୟବସ୍ଥା ପରୀକ୍ଷାମୂଳକ ଭାବେ ପ୍ରବର୍ତ୍ତନ କରିବାକୁ ଘୋଷଣା କରିଛନ୍ତି। ୨୦୧୪ ମସିହାରେ ପରିଷଦ ଅନୁରୂପ ପଦକ୍ଷେପ ନେଇଥିଲେ। କିନ୍ତୁ ଶିକ୍ଷାଦାନ ଓ ଅଧ୍ୟୟନ କ୍ଷେତ୍ରରେ ଏହି ବ୍ୟବସ୍ଥାର କୌଣସି ସକାରାତ୍ମକ ପ୍ରଭାବ ଅନୁଭୂତ ନହେବା କାରଣରୁ ତାହାକୁ ବାତିଲ କରି ଦିଆଯାଇଥିଲା। ଅତୀତରେ ଅସଫଳ ହୋଇଥିବା ଏହି ବ୍ୟବସ୍ଥାକୁ ନୂଆ ଶିକ୍ଷାନୀତିର ଦ୍ୱାହି ଦେଇ ପୁନଶ୍ଚ ପ୍ରଚଳନ କରିବା ଉଦ୍ୟମରୁ ଏହା ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଆମେ ଇତିହାସ ଓ ଅନୁଭୂତିରୁ କିଛି ଶିକ୍ଷା ଲାଭ କରୁନାହୁଁ।

ଓଡ଼ିଆରେ ଗୋଟିଏ ରୂଢ଼ି ଅଛି, 'ଖଡ଼ା ବଡ଼ି ଥୋଡ଼ା, ଥୋଡ଼ା ବଡ଼ି ଖଡ଼ା'। ଏହି ଉକ୍ତିର ଅର୍ଥ ହେଲା, କୌଣସି ନବସୃଜନ ପରିବର୍ତ୍ତେ ଗୋଟିଏ ପୁରୁଣା ବା ପ୍ରଚଳିତ ବ୍ୟବସ୍ଥାକୁ ନୂଆ ନାଁ ଦେଇ ଉପସ୍ଥାପନ କରିବା। ମୌଳିକ ଉପାଦାନରେ କୌଣସି ପରିବର୍ତ୍ତନ ନକରି କେବଳ ନୂଆ ଢଙ୍ଗରେ ତା'କୁ ପ୍ରକାଶ କରିବା। ସୀମିତ ଚିନ୍ତନ ଶକ୍ତି ଓ ସ୍ୱଳ୍ପ ଅନୁଭବ ସମ୍ପନ୍ନ ନୀତି ନିର୍ଦ୍ଧାରକମାନେ ନିଜର ଉପସ୍ଥିତି ଜାହିର କରିବା ପାଇଁ ଏଭଳି କାର୍ଯ୍ୟ ମାଧ୍ୟମରେ ଲୋକମାନଙ୍କୁ ପ୍ରତାରିତ କରନ୍ତି। ସଂସ୍କାର ଆଳରେ ସମୟ ପରୀକ୍ଷିତ ବ୍ୟବସ୍ଥାରେ ଅନାବଶ୍ୟକ ପରିବର୍ତ୍ତନ କରି ବ୍ୟବସ୍ଥାର ସନ୍ତୁଳନକୁ ନଷ୍ଟ କରନ୍ତି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ପୁସ୍ତକ ଦେଖି ପରୀକ୍ଷା ଦେବା ବ୍ୟବସ୍ଥାର ପୁନଃ ପରୀକ୍ଷଣ ଏହିଭଳି ଏକ ଅବାଞ୍ଛିତ ଉଦ୍ୟମ ଭଳି ପ୍ରତୀୟମାନ ହୁଏ।

ସ୍ୱାଧୀନତା ପରେ ଶିକ୍ଷାବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଭାରତ ସରକାର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ତତ୍କାଳୀନ ଅଧ୍ୟକ୍ଷ ଦୌଲତ ସିଂ କୋଠାରୀଙ୍କ ଅଧ୍ୟକ୍ଷତାରେ ୧୯୬୪ ମସିହାରେ ଏକ ଜାତୀୟ ଶିକ୍ଷା ଆୟୋଗ ଗଠନ କରିଥିଲେ, ଯାହାକି 'କୋଠାରୀ କମିସନ' ନାମରେ ଖ୍ୟାତ। ଏହି ଆୟୋଗ ଦେଶରେ ଶିକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ର ଓ ସମ୍ଭାବନାକୁ ଦୃଷ୍ଟିରେ ରଖି ଅନେକଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଯେଉଁ ଜାତୀୟ ଶିକ୍ଷା ନୀତିଗୁଡ଼ିକ ଅନୁସୃତ ହୋଇଥିଲା ସେ ସମସ୍ତ ନୀତି, ଏପରିକି ୨୦୨୦ର ନୂତନ ଶିକ୍ଷାନୀତି ମଧ୍ୟ କୋଠାରୀ କମିସନଙ୍କ ଅନୁମୋଦନଗୁଡ଼ିକୁ କେବଳ ଭିନ୍ନ ଶବ୍ଦ ଓ ଢଙ୍ଗରେ ପ୍ରକାଶ କରିଛନ୍ତି।

ଶିକ୍ଷା ହେଉଛି ଏକମାତ୍ର କ୍ଷେତ୍ର, ଯେଉଁଠି ନିର୍ବିଚାର ଭାବେ ପରୀକ୍ଷା ନିରୀକ୍ଷା ଚାଲିଥାଏ। ସରକାରୀ ବିଦ୍ୟାଳୟଗୁଡ଼ିକରେ ସବୁପ୍ରକାରର ପ୍ରୟୋଗ କରାଯାଇ ନିରନ୍ତର ଶିକ୍ଷାଦାନରେ ବାଧା ସୃଷ୍ଟି ହୁଏ। ଅପରପକ୍ଷରେ ବିତ୍ତଶାଳୀ ଘରୋଇ ବିଦ୍ୟାଳୟଗୁଡ଼ିକରେ ନିଜସ୍ୱ ଶିକ୍ଷାଦାନ ପ୍ରଣାଳୀ ଅନୁସରଣ କରିବାର ସ୍ୱାଧୀନତା ଥାଏ। ସମାଜର ପରିସ୍ଥିତି, ଲୋକମାନଙ୍କର ଆର୍ଥିକ ଅବସ୍ଥା, ନିଯୁକ୍ତି ବଜାରରେ ମାନବ ସମ୍ବଳର ଚାହିଦା ପ୍ରଭୃତିକୁ ଅଣଦେଖା କରି ଅନ୍ୟ ଦେଶରେ ଅନୁସୃତ ବ୍ୟବସ୍ଥାରେ ଅନୁପ୍ରାଣିତ ହୋଇ ଆମେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ କରିବା ଫଳରେ ଭୟାନକ ପରିସ୍ଥିତି ଉପୁଜିଥାଏ। ଆମେରିକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଅନୁକରଣ କରି ଶିକ୍ଷା ଅଧିକାର ଆଇନ୍ କରାଗଲା। ପ୍ରାଥମିକସ୍ତରରୁ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନଙ୍କୁ ମାଧ୍ୟମିକ ପାଠ୍ୟକ୍ରମ ସହିତ ପରିଚିତ କରାଇବା ପାଇଁ ଆଗରୁ ମାଧ୍ୟମିକ ଶିକ୍ଷା ସହିତ ଥିବା ଅଷ୍ଟମ ଶ୍ରେଣୀକୁ ପ୍ରାଥମିକ ସ୍ତରରେ ସାମିଲ କରାଗଲା। ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକମାନେ ସେମାନଙ୍କୁ ପଢ଼ାଇବାର ସୁଯୋଗ ରହିଲାନି। ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ମିଶିଲା; କିନ୍ତୁ ପଢ଼ାଇବା ପାଇଁ ଶିକ୍ଷକ ମିଳିଲେନି। ପାସ୍ ଫେଲ୍ ବ୍ୟବସ୍ଥା ଉଚ୍ଛେଦ ହୋଇଗଲା। ଫଳସ୍ୱରୂପ ମାଧ୍ୟମିକସ୍ତରରେ ପାଠ୍ୟକ୍ରମ ସହିତ ନିଜକୁ ଖାପଖୁଆଇ ନପାରି ବହୁ ପିଲା ସ୍କୁଲ ଛାଡ଼ୁଛନ୍ତି। ଏବେ ପୁନଶ୍ଚ ୫ମ ଓ ୮ମ ଶ୍ରେଣୀରେ ପରୀକ୍ଷା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ପରୀକ୍ଷାର ରୂପରେଖ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନି। ପୁନଶ୍ଚ ନବମ ଶ୍ରେଣୀରେ ବହି ଧରି ପରୀକ୍ଷା ଦେବା କଥା ଉଠିଲାଣି।

ପୁସ୍ତକର ସାହାଯ୍ୟ ନେଇ ପରୀକ୍ଷା ଦେବା ପ୍ରଣାଳୀ ସପକ୍ଷରେ ବିଭିନ୍ନ ଯୁକ୍ତି ଅଛି। ଏଭଳି ବ୍ୟବସ୍ଥା ଯୋଗୁଁ ପିଲାମାନଙ୍କୁ ପ୍ରତ୍ୟେକ ଧାରଣା ଓ ତତ୍ତ୍ୱକୁ ଠିକ୍ ଭାବେ ବୁଝି ହୃଦୟଙ୍ଗମ କରିବାକୁ ପଡ଼ିବ। ପାଠକୁ ଘୋଷି ମନେରଖିବାକୁ ପଡ଼ିବ ନାହିଁ। ଫଳରେ ପରୀକ୍ଷାର ଚାପ ଓ ଭୟ ହ୍ରାସ ପାଇ ସେମାନଙ୍କର ସୃଜନଶୀଳତାର ବିକାଶ ହେବ। ପାଠ୍ୟପୁସ୍ତକରେ ସନ୍ନିବେଶିତ ପ୍ରତ୍ୟେକ ସୂଚନାକୁ ସେମାନେ ମନେରଖିବା ଆବଶ୍ୟକ ହେବ ନାହିଁ। ଏହାବ୍ୟତୀତ ପୁସ୍ତକ ଦେଖି ସୀମିତ ସମୟ ସୀମା ଭିତରେ ଉତ୍ତର ଲେଖିବାର କଳା ବା ସମୟ ପରିଚାଳନା ବିଷୟରେ ସେମାନେ ସଚେତନ ହେବେ। ଏହି ପ୍ରଣାଳୀରେ ପରୀକ୍ଷା କରିବା ଦ୍ୱାରା ସେମାନଙ୍କର ବିଷୟବସ୍ତୁକୁ ବ୍ୟାଖ୍ୟା କରିବା ଶକ୍ତି ତଥା ବୋଧଗମ୍ୟତା, ପ୍ରୟୋଗାତ୍ମକ ଓ ସମସ୍ୟା ସମାଧାନ କରିବା ଦକ୍ଷତାର ବିକାଶ ହେବ। ଏହିଭଳି ବହୁତ ଯୁକ୍ତିର ଆଧାରରେ ଏହି ବ୍ୟବସ୍ଥାର ସମର୍ଥକମାନେ ପରୀକ୍ଷାରେ ପୁସ୍ତକ ବ୍ୟବହାର ପାଇଁ ଅନୁମୋଦନ କରିଥା'ନ୍ତି। ଉଚ୍ଚଶିକ୍ଷା, ବିଶେଷକରି ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ, ଏହା ପ୍ରଚଳନ କରିବା ସହଜ ଓ ବାଞ୍ଛନୀୟ ମଧ୍ୟ। କିନ୍ତୁ ବାସ୍ତବିକ ପରିସ୍ଥିତିକୁ ବିଚାରକୁ ନେଲେ ମାଧ୍ୟମିକ ସ୍ତରରେ ଏହି ପ୍ରଣାଳୀର ସଫଳ ପ୍ରୟୋଗ ସମ୍ଭବ ହେବ ନାହିଁ।

ବିଦ୍ୟାଳୟସ୍ତରରେ ଶିକ୍ଷାଦାନ ଓ ଅଧ୍ୟୟନ ପ୍ରଣାଳୀରେ ଆବଶ୍ୟକୀୟ ପରିବର୍ତ୍ତନ ନକରି ପୁସ୍ତକ ଦେଖି ପରୀକ୍ଷା ଦେବା ବ୍ୟବସ୍ଥା ପ୍ରଚଳନ କରିବା ସମ୍ଭବ ନୁହେଁ। ବିଶେଷକରି ବିଦ୍ୟାଳୟସ୍ତରରେ ପଢ଼ାଯାଉଥିବା ସମସ୍ତ ବିଷୟରେ ଏଭଳି ପରୀକ୍ଷା କରାଯାଇ ପାରିବ ନାହିଁ। ତାହାର କାରଣ ହେଲା ଭାଷା ଓ ସାମାଜିକ ବିଜ୍ଞାନ ଭଳି ବିଷୟରେ ପ୍ରଶ୍ନଗୁଡ଼ିକ ଜ୍ଞାନଭିତ୍ତିକ ହେବା ଆବଶ୍ୟକ। ଏହି ବିଷୟଗୁଡ଼ିକରେ ସଂପୂର୍ଣ୍ଣ ଭାବେ ପ୍ରୟୋଗଭିତ୍ତିକ ପ୍ରଶ୍ନାବଳୀ ପ୍ରସ୍ତୁତ କରିବା ସମ୍ଭବ ନୁହେଁ। ବିଜ୍ଞାନ ଓ ଗଣିତ କ୍ଷେତ୍ରରେ ଏଭଳି ପ୍ରଶ୍ନାବଳୀ ପ୍ରସ୍ତୁତ କରିବା ସମ୍ଭବ ହୋଇପାରେ। ଦ୍ୱିତୀୟରେ ଏହିସ୍ତରରେ ଭାଷା ଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଏ। ବିଶେଷକରି ମାତୃଭାଷା ଓ ଇଂରାଜୀ ଭାଷାରେ ଦକ୍ଷତା ପିଲାମାନଙ୍କୁ ଉଚ୍ଚଶିକ୍ଷା, ଗବେଷଣା ଓ ଜୀବନବ୍ୟାପୀ ଶିକ୍ଷାଲାଭ କରିବାରେ ସହାୟକ ହୁଏ। ଏ ଭଳି ପରୀକ୍ଷା ଦ୍ୱାରା ମେଧାବୀ ତଥା ସଚେତନ ବିଦ୍ୟାର୍ଥୀମାନଙ୍କ କ୍ଷେତ୍ରରେ ଭାଷା ଜ୍ଞାନ ଆହରଣ କରିବା ପ୍ରଭାବିତ ହୋଇ ନ ପାରେ। କିନ୍ତୁ ସାଧାରଣ ବିଦ୍ୟାର୍ଥୀମାନେ ପୁସ୍ତକ ଉପରେ ନିର୍ଭରଶୀଳ ହୋଇ ଭାଷା ଶିକ୍ଷାକୁ ଅବହେଳା କରିବାର ଆଶଙ୍କା ରହିଛି।

ଏହାବ୍ୟତୀତ ଏଇ ପ୍ରଣାଳୀରେ ପରୀକ୍ଷା କରିବା ପାଇଁ ପାଠ୍ୟପୁସ୍ତକ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହେବା ଆବଶ୍ୟକ। ଗୋଟିଏ ଶ୍ରେଣୀର ସୀମିତ ପାଠ୍ୟକ୍ରମ ମଧ୍ୟରୁ ପ୍ରତିବର୍ଷ ଭିନ୍ନ ଭିନ୍ନ ପ୍ରୟୋଗଭିତ୍ତିକ ପ୍ରଶ୍ନାବଳୀ ପ୍ରସ୍ତୁତ କରିବା ସମ୍ଭବ ନୁହେଁ। ତେଣୁ ଏକା ପ୍ରଶ୍ନକୁ ବାରମ୍ବାର ପଚାରିବାର ସମ୍ଭାବନା ମଧ୍ୟ ଅଛି। ଏହାବ୍ୟତୀତ ଶିକ୍ଷାଦାନ ପ୍ରଣାଳୀରେ ମଧ୍ୟ ପରିବର୍ତ୍ତନ ଆବଶ୍ୟକ। ପୁସ୍ତକରେ ଥିବା ତତ୍ତ୍ୱକୁ ବ୍ୟାଖ୍ୟା କରିବା ଏବଂ ବାସ୍ତବ ଜୀବନରେ ସମସ୍ୟା ସମାଧାନରେ ତାହାର ପ୍ରୟୋଗ ବିଷୟରେ ଶ୍ରେଣୀଗୃହରେ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ, ଯାହା କି ସାଧାରଣ ଭାବେ ହୁଏ ନାହିଁ। ଏଥିପାଇଁ ଶିକ୍ଷକମାନଙ୍କୁ ବିଶେଷ ତାଲିମ ଦେବାର ଆବଶ୍ୟକତା ଅଛି।

ଖବର ମିଳୁଛି ଯେ ପରୀକ୍ଷାମୂଳକ ଭାବେ ଏହି ପରୀକ୍ଷା କରିବା ପାଇଁ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଶ୍ନପତ୍ର ପ୍ରସ୍ତୁତ କରିବ। ତେଣୁ ଶିକ୍ଷାଦାନ ଓ ମୂଲ୍ୟାୟନ ଭିତରେ ସମନ୍ୱୟର ଅଭାବ ସୃଷ୍ଟି ହୋଇପାରେ। ଯେଉଁ ବ୍ୟବସ୍ଥା ଥରେ ଅସଫଳ ହୋଇଛି, ପୁନଶ୍ଚ ସେହି ବ୍ୟବସ୍ଥାକୁ ଶିକ୍ଷାଦାନ, ଅଧ୍ୟୟନ ଓ ପାଠ୍ୟପୁସ୍ତକରେ ଆନୁସଙ୍ଗିକ ସଂସ୍କାର ନକରି ପୁନଶ୍ଚ ପ୍ରଚଳନ କରିବାର ପ୍ରୟାସ ଆଦୌ ଗ୍ରହଣୀୟ ନୁହେଁ। ●

କଟକ, ମୋ: ୯୪୩୭୨୭୭୩୧୩

# ମାଟି-ମଣିଷର କଥା ଓ ବ୍ୟଥା

**ସୁଶାନ୍ତ କୁମାର ମିଶ୍ର**



'ଶରୀର ମାଦ୍ୟଂ ଖଲୁ ଧର୍ମ ସାଧନମ୍'। ଶରୀର ରକ୍ଷା ପାଇଁ ଅନ୍ନର ଉପଯୋଗିତା ଅପରିହାର୍ଯ୍ୟ। ବେଦ, ଉପନିଷଦ, ପୁରାଣ, ସାହିତ୍ୟ ଆଦି ଭାରତୀୟ ସଂସ୍କୃତିରେ କୃଷିପର୍ବର ମହିମା ଗାନ କରାଯାଇଛି। ଖ୍ରୀଷ୍ଟପୂର୍ବ ୨୯ରେ ଲାଟିନ୍ କବି ଭର୍ଜିଲ୍ ବିଶ୍ୱପ୍ରସିଦ୍ଧ 'ଜର୍ଜିକସ୍' କାବ୍ୟ ରଚନା କଲେ। କୃଷିରେ ଶ୍ରମର ମହିମାକୁ କହିବା ଆଳରେ ସେ କୃଷକ ଓ କୃଷି ସହିତ ମହୁମାଛି ଓ ମହୁଫେଣାକୁ ତୁଳନା କରିଛନ୍ତି। କଷ୍ଟ ସ୍ୱୀକାର କରି ଏ ଗଛରୁ ସେ ଗଛକୁ ଉଡ଼ିବୁଲି ମହୁମାଛି ମହୁ ସଂଗ୍ରହ କରି ସାଇତି ରଖିଥିବା ମହୁଫେଣାକୁ ଭାଙ୍ଗିଦେବା ପରେ ମଧ୍ୟ ମହୁମାଛି ନିଜ କାମରୁ ନିବୃତ ନ ହୋଇ ଅନ୍ୟସ୍ଥାନରେ ପୁଣି ମହୁଫେଣା ସୃଷ୍ଟି କରିଥାଏ। ସେହିଭଳି ଦୈବୀ ଦୁର୍ବିପାକରେ ବହୁଶ୍ରମ ଓ କଷ୍ଟାର୍ଜିତ ଫସଲ ନଷ୍ଟ ହୋଇଗଲେ ମଧ୍ୟ କୃଷକ ଧୈର୍ଯ୍ୟହରା ନ ହୋଇ ପୁଣି ସୁନାର ଫସଲ ସ୍ୱପ୍ନକୁ ସାକାର କରିବାକୁ ଖରାବର୍ଷାଶୀତରେ ବାହାରିପଡ଼େ।

ଗରିବ କୃଷକର ସ୍ୱପ୍ନ ଭାଙ୍ଗୁଥିବା ବ୍ୟବସ୍ଥା ପ୍ରତି ସର୍ବଦା ସାହିତ୍ୟରେ ସ୍ୱର ଉତ୍ତୋଳନ ହୋଇଛି। ପ୍ରଖ୍ୟାତ ଲେଖକ ଲିଓ ଟଲଷ୍ଟୟ କହିଛନ୍ତି ଯେ ସଂଭ୍ରାନ୍ତ ଗୋଷ୍ଠୀ ଗରିବ ଉପରେ ସର୍ବଦା ବୋଝ। ରୁଷର କୃଷି ଦାର୍ଶନିକ ଟିଏମ୍ ବୋଣ୍ଡାରେଫଙ୍କ ପ୍ରଣୀତ 'ରୋଟି ଓ ପରିଶ୍ରମ' ନୀତି କହୁଛି ଯେ ସମସ୍ତ ମଣିଷ ନିଜ ପରିଶ୍ରମରେ ହିଁ ଖାଦ୍ୟ ଉତ୍ପାଦନ କରିବା ଆବଶ୍ୟକ। ଏହାକୁ ଟଲଷ୍ଟୟ ଗ୍ରହଣ କରିଛନ୍ତି ଏବଂ ଟଲଷ୍ଟୟଙ୍କ ଦର୍ଶନରେ ପ୍ରଭାବିତ ହୋଇଛନ୍ତି ମହାତ୍ମା ଗାନ୍ଧୀ। ସବୁପ୍ରକାର ପରିଶ୍ରମକୁ ମର୍ଯ୍ୟାଦା ଦେବା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି। କୃଷକଙ୍କୁ ନ୍ୟାୟ ଦେବାକୁ ତାଙ୍କ ଚମ୍ପାରଣ ଆନ୍ଦୋଳନ ଜ୍ୱଳନ୍ତ ଉଦାହରଣ। ମାଟିର ମଣିଷ ପାଖରେ ହିଁ ଭଗବାନଙ୍କ ଉପଲବ୍ଧି ହୋଇଥାଏ ବୋଲି ବିଶ୍ୱକବି ରବୀନ୍ଦ୍ରନାଥ ଟେଗୋରଙ୍କ ସମେତ ମହାନ କବି ଓ ଦାର୍ଶନିକମାନେ ଗୁରୁତ୍ୱ ଆରୋପ କରିଛନ୍ତି। ଯେଉଁଠି ଅନ୍ନ ସେଠାରେ ହିଁ ବିଷ୍ଣୁ ଓ ଲକ୍ଷ୍ମୀଙ୍କ ନିବାସ ବୋଲି କୃଷକ ସଂଗୀତରେ କହୁଛନ୍ତି ସ୍ୱଭାବକବି ଗଙ୍ଗାଧର ମେହେର। ଉପନିଷଦରେ ବି କୁହାଯାଉଛି- ଅଦ୍ୟତୋଽତି ଚ ଭୁତାନି ତସ୍ମାଦନ୍ନ ତଦୁଚ୍ୟତେ। ଅହମନ୍ନ ମହମନ୍ନ ମହମନ୍ନମ୍॥ ଅର୍ଥାତ ଈଶ୍ୱର ହିଁ ଅନ୍ନ। ତେଣୁ ଅନ୍ନକୁ ଉତ୍ପାଦନ କରୁଥିବା ମାଟିର ମଣିଷ ପାଖରେ ଭଗବାନଙ୍କୁ ଉପଲବ୍ଧି କରାଯାଇପାରିବ।

ସମାଜର ପୂଜ୍ୟପୂଜା ଧାରାରେ ମାଟିର ମଣିଷକୁ ସାମିଲ କରିବାର ଦୃଶ୍ୟ ବିରଳ। ବରଂ ସେ ଅନ୍ୟକୁ ସର୍ବଦା ଶ୍ରଦ୍ଧା ଓ ସମ୍ମାନ କରିଥାଏ। ଚାଷୀଟିଏର ପ୍ରତିଛବି ଚିନ୍ତାକଲେ ମଳିମୁଣ୍ଡିଆ, ଅପାଠୁଆ, ଗରୀବ ଭଳି ଚିତ୍ରଟିଏ ଭାସିଆସେ ମନ ଭିତରେ। 'ଚାଷକାମ ଯାହାର କେତେ ସୁଖ ତାହାର' ଭଳି ପଂକ୍ତିକୁ ପାଥେୟ କରି ସିଏ ସବୁ ଦୁଃଖକୁ ସୁଖରେ ପରିଣତ କରିଥାଏ। ଦୁଃଖ ଅଭାବରେ କାଳାତିପାତ କରୁଥିଲେ ସୁଦ୍ଧା ଚାଷୀ କୌଣସି ପ୍ରତିକ୍ରିୟା ରଖେନାହିଁ। ବରଂ ଛାତିକୁ ପଥର କରି ସବୁ କଷଣକୁ ସୁଖ ବୋଲି ଉପଲବ୍ଧି କରେ। ଚାଷୀ କୌଣସି ଦାର୍ଶନିକଠାରୁ କମ ନୁହେଁ। ଚାଷୀ ସମାଜ ମୁହଁରେ ଅନ୍ନ ଦେଇ କେବଳ ହସ ଫୁଟାଇ ନଥାଏ, ସର୍ବଦା ସମାଜର ମଙ୍ଗଳ ଚିନ୍ତା କରିଥାଏ। ପୂଜ୍ୟପୂଜା, ସାମାଜିକ ସଂହତି, ଭ୍ରାତୃତ୍ୱ ଭାବର ପରିକଳ୍ପନା କରେ। ଲଙ୍ଗଳ ଜୁଆଳି, ହଳ ବଳଦ, ଖେତ ଖଳା, ପିତୃପୁରୁଷ, ଇଷ୍ଟ ଦେବତା, ଗୁରୁଜନ ସମସ୍ତଙ୍କ ଠାରେ ମୁଣ୍ଡ ନୁଆଁଏ। ସ୍ନେହ, ସରାଗ, ଆବେଗର ଗ୍ରାମୀଣ ଚିତ୍ର ତିଆରି କରେ। ରାଜସିଂହାସନ ଅଥବା କ୍ଷମତାର ମୋହ ବି ଭାତୃପ୍ରେମରେ ଅନ୍ତରାୟ ସୃଷ୍ଟି କରିପାରି ନାହିଁ।

ଏବେ କିନ୍ତୁ ବିଭିନ୍ନ ବାହ୍ୟ କାରକ, ଅପରିପକ୍ୱ ବ୍ୟବସ୍ଥା ଚାଷୀର ସ୍ୱପ୍ନକୁ ଭାଙ୍ଗିଦେଉଛି। କିନ୍ତୁ ସବୁ ସ୍ଥିତିରେ ଧୈର୍ଯ୍ୟ ଧରେ କୃଷକ। ଶତ୍ରୁ ମିତ୍ର ସମସ୍ତେ ତା' ଆଗରେ ସମାନ। ସାମ୍ୟବାଦର ସ୍ୱର ଭାସିଉଠେ ତା' କର୍ମରେ। ତେଣୁ ଚାଷୀର ମାନସିକତାକୁ ବୁଝିବାର ସମୟ ଆସିଛି। ସୁନ୍ଦର ଫୁଲ ଓ ଡାଳକୁ ମୋଡ଼ି ମକଚି ଫୁଲ ଡାଲି ଭର୍ତ୍ତି ହୋଇଥାଏ। କିନ୍ତୁ ଭାଙ୍ଗିଯାଉଥିବା ଗଛକୁ ଯତ୍ନକରି ଜୀବନ୍ୟାସ ଦେଇଥାଏ ମାଳି। ତେଣୁ ଡାଲି ନୁହେଁ ବରଂ ମାଳିଟିଏ ଭଳି କୃଷକର ମାନସିକତା। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ରଚିତ 'କୃଷକର ଆତ୍ମକଥା'ରେ କୃଷକ କହୁଛି ଯେ- 'ରାତିରେ ମୋ ହାତରେ କଲମ, ଦିବସେ କୋଡ଼ି ବାଡ଼ି ହେ।' ଅର୍ଥାତ କର୍ମ ଜ୍ଞାନାଲୋକରେ ଆଲୋକିତ ଓ ଜ୍ଞାନ ମଧ୍ୟ କର୍ମାଭିମୁଖୀ ହେବା ଆବଶ୍ୟକ।

ଚାଷ କୃଷକ ହାତରୁ କର୍ପୋରେଟ ହାତକୁ ଉତ୍ତରିତ ହେଉଥିବାର ଭୟଙ୍କର ବିପଦ ଘନେଇ ଆସୁଛି। ବୈଶାଖର ଖରା, ଶ୍ରାବଣର ମୂଷଳଧାରା ଆଉ ମାଘର ହାଡ଼ଭଙ୍ଗା ଶୀତରେ ରକ୍ତକୁ ପାଣି ଫଟେଇ କୃଷକ ଧାନ ମୁଠାଏ ପାଇଥାଏ। ଧାନ ମୁଠାଏରୁ ତିଆରି ହୁଏ ଚାଷୀର ବାର୍ଷିକ ବଜେଟ୍। ଯେଉଁ ଧାନ ପାଇଁ ସମଗ୍ର ବିଶ୍ୱବାସୀ ଖାଇବାକୁ ପାଆନ୍ତି। କିନ୍ତୁ ଆଜି ସେହି ଧାନ ମୁଠାକ ପାଇଁ କୃଷକ ସଂଘର୍ଷ କରୁଛି। ବିସ୍ଥାପିତ ହେଉଛି କଳା କାଦୁଅରୁ କଳା ରାସ୍ତାକୁ। ବଦଳୁଛି ଜୀବନ୍ତ ସଂସ୍କୃତି। ପରିବର୍ତ୍ତନ ହେଉଛି ପେଟପାଟଣାର ଚିତ୍ର। ମାଟିର କଥା ଚିନ୍ତା କରୁଥିବା ମାଟିର ମଣିଷର କଥା ଆମେ ସମସ୍ତେ ଚିନ୍ତା କରିବାର ସମୟର ଆହ୍ୱାନ। ●

ତାଳପଦର(ବରଗଡ଼), ମୋ: ୯୯୩୮୨୭୭୬୩୫

# ଆମ ବୃକ୍ଷଲତା ଆମ ଜୀବନ

**ବାଇଡଙ୍କ**

**ପ୍ରକୃତି-ପରିବେଶ**

**ସୌଭାଗ୍ୟସୁନ୍ଦର**

ବାଇଡଙ୍କ ଏକ ଲତା ଜାତୀୟ ଉଦ୍ଭିଦ, ଯାହା ସାରା ଭାରତରେ ବଢ଼ିଥାଏ ଏବଂ ଏହା ଆଫ୍ରିକା, ଏସିଆ, ଆମେରିକା, ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜର କିଛିଅଞ୍ଚଳ ସମେତ ଉଷ୍ମମଣ୍ଡଳୀୟ ଓ ଉପଉଷ୍ମମଣ୍ଡଳୀୟ ଅଞ୍ଚଳରେ ବ୍ୟାପକ ଭାବରେ ବିସ୍ତାରିତ ହୋଇଥାଏ। ଏହି ଲତାର ସଂସ୍ପର୍ଶରେ ଆସିଲେ ଅତ୍ୟଧିକ କୁଣ୍ଡାଇ ହେବା ହେତୁ ଏହା କୁଖ୍ୟାତି ଅର୍ଜନ କରିଥାଏ; କିନ୍ତୁ ଏହାର ଔଷଧୀୟ ଗୁରୁତ୍ୱ ଅଧିକ।

ଏହା ଏକବାର୍ଷିକ ଶକ୍ତିଶାଳୀ ଗୁଳ୍ମ ଲତା, ଯାହା ୧୫ ମିଟରରୁ ଅଧିକ ଲମ୍ବ ହୋଇପାରେ। ଶୈଶବ ଅବସ୍ଥାରେ ଲତାଟି ମାରାତ୍ମକ ଲୋମ ଦ୍ୱାରା ଆଚ୍ଛାଦିତ ହୋଇଥାଏ। ବଡ଼ ହେବା ପରେ ଲୋମମୁକ୍ତ ହୋଇଯାଏ। ପତ୍ରଗୁଡ଼ିକ ତିନୋଟି ଅଂଶ ସହିତ ଯୌଗିକ ଓ ତ୍ରିକୋଣୀୟ। ପତ୍ରର ପାର୍ଶ୍ୱଗୁଡ଼ିକ ପ୍ରାୟତଃ ବହୁତ ଖାଞ୍ଜିତ ଓ ଅଗ୍ରଭାଗ ସୂକ୍ଷ୍ମ। ଫଳଗୁଡ଼ିକ ଦେଖିବାକୁ ଶିମ୍ବ, ମଟର ବା ଛୋଟ ବିନ ଭଳି। ଫୁଲଗୁଡ଼ିକ ସୁନ୍ଦର ଧଳା କିମ୍ବା ବାଇଗଣୀ ରଙ୍ଗ ହୋଇପାରେ। ଫଳ ପାଚିବା ଅବସ୍ଥାରେ ୪-୧୩ ସେମି ଲମ୍ବା, ୧-୨ ସେମି ଚଉଡ଼ା ଥାଏ। ଫଳଗୁଡ଼ିକ ପ୍ରାୟ ସାତଟି ପର୍ଯ୍ୟନ୍ତ ବିହନ ବହନ କରନ୍ତି, ଯାହା ଚକଚକିଆ କଳା କିମ୍ବା ମାଟିଆ।

ଆୟୁର୍ବେଦିକ ଔଷଧି ଜଗତରେ ହଜାର ହଜାର ବର୍ଷ ଧରି ବାଇଡଙ୍କ ସ୍ୱୀକୃତି ଅର୍ଜନ କରିଛି। ଏହା ତ୍ରିଦୋଷିକ ସନ୍ତୁଳନ ପାଇଁ ଉପଯୋଗୀ। ଏହାକୁ ସ୍ନାୟୁ ରୋଗ, ବନ୍ଧ୍ୟାତ୍ୱ, ପାଚନ ବିକାର, ରକ୍ତ ସର୍କରା, ସାପକାମୁଡ଼ା ଆଦିର ଚିକିତ୍ସା ପାଇଁ ପାରମ୍ପରିକ ଔଷଧ ଓ କାମୋଦ୍ଦୀପକ ଭାବରେ ବ୍ୟବହାର କରାଯାଏ। ବାଇଡଙ୍କରେ, ବିଶେଷକରି ଏହାର ବିହନରେ ଏଲ୍-ଡୋପା(ଖ- ଡୋପା-ଲେଭୋଡୋପା) ଉପାଦାନର ପରିମାଣ ଅପେକ୍ଷାକୃତ ଉଚ୍ଚସ୍ତର ଥାଏ। ଏଲ୍-ଡୋପା ହେଉଛି ନ୍ୟୁରୋଟ୍ରାନ୍ସମିଟର ଡୋପାମିନର ଏକ ଅତ୍ୟାବଶ୍ୟକୀୟ ଅଗ୍ରଦୂତ ବା ପୁରୋଗାମୀ। ମନୋଭାବକୁ ଉନ୍ନତ କରିବା ଓ ଭାବପ୍ରବଣତାକୁ ସ୍ଥିର ରଖିବାର କ୍ଷମତା ବାଇଡଙ୍କରେ ଅଛି। ଆୟୁର୍ବେଦ ଫାରମାସିରେ ବାଇଡଙ୍କ ଟାବଲେଟ୍, ପାଉଡର, ଟନିକ୍ ରୂପରେ ଉପଲବ୍ଧ। ତେବେ ଏଲ୍-ଡୋପା କିଛିଲୋକଙ୍କ କ୍ଷେତ୍ରରେ ସମ୍ବେଦନଶୀଳ, ବାନ୍ତି, କ୍ରାମ୍ପ ବା ମାଂସପେଶୀରେ ଆକସ୍ମିକ ଯନ୍ତ୍ରଣା, ମୁଣ୍ଡବିନ୍ଧା, ଗତି ବିକାର, ଥକ୍କାପଣ, କମ୍ପନ, ମୂର୍ଚ୍ଛା, ତୃଷା ଏବଂ ନିମ୍ନ ବା ସ୍ୱଳ୍ପ ରକ୍ତଚାପ ଭଳି ସମସ୍ୟା ସୃଷ୍ଟି କରିପାରେ। ଗର୍ଭାବସ୍ଥା ଓ ସ୍ତନ୍ୟପାନ ସମୟରେ ଏହାକୁ ସତର୍କତାର ସହିତ ବ୍ୟବହାର କରାଯିବା ଉଚିତ। ସାଇକୋଜେଫ୍ରେନିଆ, ଗ୍ଲୁକୋମା, ହୃଦସ୍ରାବ, ଦୀର୍ଘକାଳୀନ ସ୍ନାୟୁ ଯନ୍ତ୍ରଣା ଓ ପେଟ ଅଲସର ଏବଂ ଯଦି ଜଣାଶୁଣା ଆଲର୍ଜି ବା ପ୍ରତିକୂଳ ପ୍ରତିକ୍ରିୟା ଥାଏ ତେବେ ଏହାକୁ ଏଡ଼ାଇବା ଉଚିତ।

ଏବିଶ୍ୱର ଅନେକ ସ୍ଥାନରେ ବାଇଡଙ୍କକୁ ଏକ ଗୁରୁତ୍ୱପୂର୍ଣ୍ଣ ଗୋଖାଦ୍ୟ ଓ ସବୁଜ ସାର ଫସଲ ଭାବରେ ବ୍ୟବହାର କରାଯାଏ। ଏହା ଏକ ଡାଲିଜାତୀୟ ଲତା ହୋଇଥିବାରୁ ବହୁ ପରିମାଣ ପୁଷ୍ଟିକର ପ୍ରୋଟିନ ଥାଏ ଏବଂ ଯବକ୍ଷାରଯାନ ଯୋଗାଏ। ଏହାର ତଟକା କୋମଳ ଡାଳ ଓ ଫଳକୁ ରୋଷେଇ କରି ଖିଆଯାଏ। ହିମାଳୟ ଅଞ୍ଚଳରେ ବିହନଗୁଡ଼ିକୁ ସିଝାଇ ଖିଆଯାଏ। ଇଣ୍ଡୋନେସିଆରେ, ବିଶେଷକରି ଜାଭାରେ, ଏହାର ଫଳକୁ କିଣ୍ୱନ କରି ଖାଆନ୍ତି, ଯାହାକୁ କୁହାଯାଏ 'ବେଙ୍ଗୁକ୍'। ରାଜସ୍ଥାନ ଓ ଆଖପାଖରେ ବାଇଡଙ୍କ ଚାଷ କରାଯାଏ। ବର୍ଷା ଦ୍ୱାରା ଜମି ଓଦା ହେବା ପରେ ଜୁଲାଇ ମାସରେ ବିହନ ସିଧା କ୍ଷେତରେ ବୁଣାଯାଏ। ତା'ପରେ ଫସଲ ନଭେମ୍ବର କିମ୍ବା ଡିସେମ୍ବର ମାସନରେ ପରିପକ୍ୱ ଫଳ ଅମଳ କରାଯାଇ ଶୁଖାଇ ବ୍ୟବହାର ପାଇଁ ପାଉଡରରେ ପରିଣତ କରାଯାଏ। ଭାରତରେ ଏହାର ଏକ ଉନ୍ନତ ଧରଣର ବିହନ 'ଝାଣ୍ଡୁ କାଞ୍ଚା' ଚାଷ କରାଯାଏ। ବାଇଡଙ୍କ ଫଳ ଏବଂ ବିହନ ଅମଳ ଏବଂ ପ୍ରକ୍ରିୟାକରଣ ଉଭୟ ସତର୍କତା ସାପେକ୍ଷ ଏବଂ ଶ୍ରମ ସାଧ୍ୟ। ବିହନ ପୋଡ଼ ବା ଫଳରେ ଥିବା କେଶରେ ସେରୋଟୋନିନ୍ ଓ ପ୍ରୋଟିନ୍ ମ୍ୟୁକୁନାଇନ୍ ଥାଏ, ଯାହା ଚର୍ମ ସଂସ୍ପର୍ଶରେ ଆସିଲେ ଗୁରୁତର କୁଣ୍ଡାଇ ହୁଏ। ତେଣୁ ନାଇଜେରିଆରେ ଏହାକୁ 'ଡେଭିଲ୍ ବିନ୍ସ୍' କୁହାଯାଏ। ବାଇଡଙ୍କକୁ ଇଂରାଜୀରେ କାଉହେଜ୍ ବା 'ଯାଦୁକରୀ ଭେଲଭେଟ୍ ବିନ୍' କୁହାଯାଏ। ସମସ୍ୟାପୂର୍ଣ୍ଣ ଡାବୁ ଛଣ ଘାସ ପାଇଁ ଜୈବିକ ନିୟନ୍ତ୍ରଣ ଭାବରେ ବେନିନ୍ ଓ ଭିଏତନାମରେ ବାଇଡଙ୍କର ବ୍ୟବହାର ହୋଇଥାଏ। ଦକ୍ଷିଣ ଫ୍ଲୋରିଡାରେ ଏହାକୁ ଆକ୍ରମଣାତ୍ମକ କୁହାଯାଏ। ତେଣୁ ଏହାକୁ 'ସ୍ଲିପର ୱିଡ' ଓ 'ଅନାବନା ଉଦ୍ଭିଦ' ଭାବରେ ଗ୍ଲୋବାଲ୍ କମ୍ପେଣ୍ଡିୟମ୍ ଅଫ୍ ୱାଇଡ୍ସରେ ତାଲିକାଭୁକ୍ତ କରାଯାଇଛି। ●

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଗେଟ୍ ମାଧ୍ୟମରେ ଏଇଇ ପରୀକ୍ଷାକୁ ବିରୋଧ

## ଆବେଦନରୁ ବଞ୍ଚିତ ଗେଟ୍ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୩୧।୮ (ସମିସ): ରାଜ୍ୟରେ ଲକ୍ଷ ଲକ୍ଷ ଇଞ୍ଜିନିୟରିଂ ଡିଗ୍ରୀଧାରୀ ଥିଲେ ବି ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ପଦବୀ ପାଇଁ ଆବେଦନ କରିପାରୁନାହାନ୍ତି। ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି)ଠାରୁ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇ ଗେଟ୍ ମାଧ୍ୟମରେ ନିଯୁକ୍ତି ପରୀକ୍ଷା କରିବାକୁ ନିଷ୍ପତ୍ତି ନିଆଯିବା ପରେ ଏହି ଅଚଳାବସ୍ଥା ସୃଷ୍ଟି ହୋଇଛି। ଏପରିକି, ଅନେକ ଇଞ୍ଜିନିୟରିଂ ପିଲା ଗେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ତାହାର ଅବଧି ୩ ବର୍ଷ ଥିବାରୁ ଆବେଦନ କରିବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଗ୍ରାଜୁଏସନ୍ ଇଞ୍ଜିନିୟରିଂ ଷ୍ଟୁଡେଣ୍ଟସ୍ ୱେଲଫେୟାର୍ ଆସୋସିଏସନ୍ ପକ୍ଷରୁ ବିରୋଧ କରାଯିବା ସହ ଗେଟ୍ ବଦଳରେ ଓପିଏସସି ଦ୍ୱାରା ପରୀକ୍ଷା କରିବାକୁ ଦାବି କରାଯାଇଛି।

ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ପୂର୍ବରୁ ଏଇଇ ପଦରେ ନିଯୁକ୍ତି ପାଇଁ ଓପିଏସସି ପରୀକ୍ଷା ପରିଚାଳନା କରୁଥିଲା। ୨୦୨୧ ମସିହାରେ ଏହାକୁ ବଦଳାଇ ଓପିଏସସି ବଦଳରେ ଗେଟ୍ ଦ୍ୱାରା ପରୀକ୍ଷା କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ନିଯୁକ୍ତିରେ ଅଧିକ ସ୍ୱଚ୍ଛତା ପାଇଁ ଗେଟ୍ ମାଧ୍ୟମରେ ପରୀକ୍ଷା କରିବାକୁ ସରକାର ଉଚ୍ଚ ନ୍ୟାୟାଳୟରେ ସତ୍ୟପାଠ ମଧ୍ୟ ଦାଖଲ କରିଛନ୍ତି। ଯାହାକୁ ନେଇ ଆଶାୟୀମାନେ ପ୍ରଶ୍ନ ଉଠାଉଛନ୍ତି। ସେମାନଙ୍କ କହିବା କଥା, ରାଜ୍ୟର ପ୍ରମୁଖ ନିଯୁକ୍ତି ପରୀକ୍ଷା ଓପିଏସସି ପରିଚାଳନା କରୁଥିବା ବେଳେ ଏଭଳି ସ୍ୱଚ୍ଛତା ପ୍ରତି ଖୋଦ୍ ସରକାର ପ୍ରଶ୍ନ ଉଠାଇବା ଚିନ୍ତାଜନକ। ପଞ୍ଚାୟତିରାଜ ବିଭାଗ ପରି ଏକାଧିକ ବିଭାଗର ଏଇଇ ପଦରେ ନିଯୁକ୍ତି ପାଇଁ ଓପିଏସସି ପରୀକ୍ଷା କରୁଥିବା ବେଳେ କେବଳ ଜଳ ସମ୍ପଦ ବିଭାଗ ଉଦ୍ଦେଶ୍ୟମୂଳକ

**ବିଧାନସଭାରେ ପ୍ରସଙ୍ଗ ଉଠାଇବା ପାଇଁ ବିଧାୟକଙ୍କୁ ଚିଠି ଲେଖାଯିବ**

ଭାବେ ଗେଟ୍ ମାଧ୍ୟମରେ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଛି। ଏହାର ସମାଧାନ ରାସ୍ତା ସରକାର ବାହାର କରୁନଥିବା ସଂଗଠନର ଉପଦେଷ୍ଟା ବିଭୂତି ଭୂଷଣ ମହାପାତ୍ର ଅଭିଯୋଗ କରିଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଜେଡି ସରକାର ଓପିଏସସି ବଦଳରେ ଗେଟ୍ ପରୀକ୍ଷା କରିବାକୁ ନିଷ୍ପତ୍ତି ନେବା ପରେ ଏହାକୁ ବିଜେପି ବ୍ୟାପକ ବିରୋଧ କରିଥିଲା। ଏପରିକି ବିଧାନସଭାରେ ଧ୍ୟାନ ଆକର୍ଷଣ (କଲିଂ ଆଟେନସନ) ନୋଟିସ୍ ମଧ୍ୟ ଆଣିଥିଲା। ଏବେ ସରକାରରେ ମନ୍ତ୍ରୀ ଥିବା ମୁକେଶ ମହାଲିଙ୍ଗ, ସୂର୍ଯ୍ୟବଂଶୀ ସୂରଜ, ଗଣେଶ ରାମସିଂ ଖୁଣ୍ଟିଆଙ୍କ ସମେତ ଏକାଧିକ ବିଧାୟକ ଦସ୍ତଖତ କରି ଦାବିପତ୍ରକୁ ପ୍ରଦାନ କରିଥିଲେ। ହେଲେ ସରକାରକୁ ଆସିଲା ପରେ ସେମାନଙ୍କ ଆଭିମୁଖ୍ୟ ବଦଳିଗଲା। ଏବେ ଗେଟ୍ ମାଧ୍ୟମରେ ପରୀକ୍ଷା କରିବାକୁ ବିଜେପି ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଥଚ ଲୋକେ କଥା ହେଲା, ଗେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପିଲାମାନେ ମଧ୍ୟ ଏଇଇ ପରୀକ୍ଷା ପାଇଁ ଆବେଦନ କରିପାରୁନାହାନ୍ତି। କାରଣ ଗେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ୩ବର୍ଷ ମଧ୍ୟରେ ଏଇଇ ପରୀକ୍ଷା ହେବା ଆବଶ୍ୟକ। ଅନ୍ୟଥା ସେମାନେ ସ୍ୱତଃପ୍ରବୃତ୍ତ ଭାବେ ଅଯୋଗ୍ୟ ହୋଇଯିବେ। ଜେବେ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିବ, ସେତେବେଳେ କୌଣସି ସ୍ପଷ୍ଟତା ନଥିବା ବେଳେ ଆଶାୟୀମାନେ ପ୍ରତିବର୍ଷ ଗେଟ୍ ପରୀକ୍ଷା ଦେବାକୁ ବାଧ୍ୟ ହେଉଛନ୍ତି। ଫଳରେ ସେମାନେ ଉଚ୍ଚଶିକ୍ଷା କିମ୍ବା ଅନ୍ୟାନ୍ୟ ପରୀକ୍ଷା ପାଇଁ ଆଉ ପଢ଼ି ପାରୁନାହାନ୍ତି। ଏଣୁ ଏହି ପ୍ରସଙ୍ଗରେ ସ୍ୱଚ୍ଛତା ଆଣିବା ସହ ସମାଧାନ ପାଇଁ ବିଧାନସଭାରେ ପ୍ରସଙ୍ଗ ଉଠାଇବାକୁ ସମସ୍ତ ବିଧାୟକଙ୍କୁ ଆଶାୟୀମାନେ ପତ୍ର ଲେଖିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସଭାପତି ସମୀର ରଞ୍ଜନ ସାହୁ, ସମ୍ପାଦକ ପ୍ରଶୟ ପ୍ରଧାନ, ଶେଖ୍ ସାଫିକ୍‌ଙ୍କ ସମେତ ବହୁ ଆଶାୟୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ**

# ସହରାଞ୍ଚଳ ବିକାଶର ପ୍ରତିଛବି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧।୮ (ସମିସ): ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମ୍‌ରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହର ବାସିନ୍ଦାଙ୍କ ପାଇଁ ଏକାଧିକ ଘୋଷଣା କରିଛନ୍ତି। ୨୦୨୬ ଏପ୍ରିଲ ସୁଦ୍ଧା ରାଜ୍ୟର ସମସ୍ତ ପୌରାଞ୍ଚଳକୁ ଗର୍ତ୍ତମୁକ୍ତ ଏବଂ ମୁକୁଳା ଡ୍ରେନ୍ ବନ୍ଦ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ସହରାଞ୍ଚଳଗୁଡ଼ିକ ହେଉଛି ବିକାଶର ପ୍ରତିଛବି। ତେଣୁ ସହରାଞ୍ଚଳଗୁଡ଼ିକର ରାସ୍ତାଘାଟ ଯଦି ପରିଷ୍କାର ପରିଚ୍ଛନ୍ନ ଏବଂ ଗର୍ତ୍ତମୁକ୍ତ ନରହେ, ତେବେ ଆମର ଲକ୍ଷ୍ୟ ଅପୂରଣୀୟ ରହିବ। ଆସନ୍ତା ଏପ୍ରିଲ ମଧ୍ୟରେ ରାଜ୍ୟର ସମସ୍ତ ପୌରାଞ୍ଚଳରରେ ଏହି କାମ ଶେଷ ହେବ। ଆସନ୍ତା ବର୍ଷ ଏପ୍ରିଲରେ ଯେଉଁ ଜନଶୁଣାଣି ହେବ, ସେଥିରେ ଯେପରି ଏ ସଂପର୍କିତ ଅଭିଯୋଗ ନ ଆସିବ, ସେଥିପାଇଁ ଧ୍ୟାନ ଦେବାକୁ ସେ କର୍ମଚାରୀମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ୨୦୨୬ ଏପ୍ରିଲ ଶେଷ ସୁଦ୍ଧା ସମସ୍ତ ପୌରାଞ୍ଚଳ ନିଜେ ନିଜେ ସାର୍ଟିଫିକେଟ ଦେବେ ଯେ ତାଙ୍କ ଅଞ୍ଚଳର ରାସ୍ତା ଗର୍ତ୍ତମୁକ୍ତ ହୋଇସାରିଛି। ଶାସନ ବ୍ୟବସ୍ଥାକୁ ସମାଜର ଶେଷସ୍ତରକୁ ଆଣିବା ପାଇଁ ଶେଷ ଧାଡ଼ିରେ ଥିବା ଲୋକଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା କ୍ଷେତ୍ରରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଏକ ମହତ୍ତ୍ୱପୂର୍ଣ୍ଣ ବ୍ୟବସ୍ଥା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ନେସ୍‌ନାଲ କମନ୍ ମୋବିଲିଟି କାର୍ଡ'ର ଶୁଭାରମ୍ଭ କରି କହିଥିଲେ ଯେ ଏହାଦ୍ୱାରା ଦେଶର ଜନସାଧାରଣ ଯେକୌଣସି ସହରରେ ବିଭିନ୍ନ ଟ୍ରାନ୍ସପୋର୍ଟ ସେବା ସୁବିଧାରେ ପାଇପାରିବେ। ଏହି କାର୍ଡର ସୁବିଧା ଆଗାମୀ ଦିନରେ ଓଏସ୍‌ଆରଟିସି ବସ୍‌ଗୁଡ଼ିକରେ ମଧ୍ୟ ଲାଗୁ କରାଯିବ। ଏହାସହ 'ଆମ ବସ୍' ବୁକିଂ କରିବା ପାଇଁ ଏକ ହ୍ୱାଟ୍‌ସ ଆପ୍ ଟିକେଟିଂ ସେବା ମଧ୍ୟ ଆରମ୍ଭ ହୋଇଛି। ଏହି ଡିଜିଟାଲ ଟିକେଟରେ ମହିଳାମାନଙ୍କ ପାଇଁ ୧୫ ପ୍ରତିଶତ ରିହାତି ରହିବ। ଅନ୍ୟମାନଙ୍କ ପାଇଁ ୧୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି। ଏହାସହ ମୁଖ୍ୟମନ୍ତ୍ରୀ ପ୍ରାୟ ୧୦୯ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ୪୩ଟି ବହୁମୁଖୀ ଭବନର ଲୋକାର୍ପଣ କରିବା ସହିତ ଭୁବନେଶ୍ୱର ମହାନଗର ନିଗମ ପାଇଁ ହ୍ୱାଟ୍‌ସ-ଆପ୍ ବଟ୍ ସେବା ଆରମ୍ଭ କରିଥିଲେ।

କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆ ଧନ୍ୟବାଦ ଦେଇଥିଲେ।

# ନୋବେଲ ବିଜେତା ପ୍ରଫେସର୍ ମାଇକେଲ କ୍ରେମର୍‌ଙ୍କ କୃଷି ଭବନ ପରିଦର୍ଶନ



**ରାଜ୍ୟର ପାଣିପାଗ ଓ କୃଷି ଉପଦେଶ ମଡେଲର ପ୍ରଶଂସା**

ଭୁବନେଶ୍ୱର,୩୧।୮ (ସମିସ): ଚିକାଗୋ ବିଶ୍ୱବିଦ୍ୟାଳୟର ନୋବେଲ ପୁରସ୍କାର ବିଜେତା ପ୍ରଫେସର୍ ମାଇକେଲ କ୍ରେମର ଏବଂ ତାଙ୍କର ୧୨ ଜଣିଆ ଦଳ ଶନିବାର କୃଷି ଭବନ ପରିଦର୍ଶନ କରିଛନ୍ତି। ରାଜ୍ୟର ଚାଷୀ ସମାଜ ମଧ୍ୟରେ ପାଣିପାଗ ପୂର୍ବାନୁମାନ ପ୍ରସାରଣ ଏବଂ ଏହାର ଆବଶ୍ୟକତା, ବୈଧତା ଏବଂ ଗ୍ରହଣୀୟତା ବିଷୟରେ ଆଲୋଚନା କରିବା ପାଇଁ କୃଷି ଭବନରେ ଏକ ବୈଠକର ଆୟୋଜନ କରାଯାଇଥିଲା। କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଉପସ୍ଥିତିରେ କୃଷି ଭବନ ସମ୍ମିଳନୀ କକ୍ଷରେ ପ୍ରଫେସର କ୍ରେମର କୃଷି ସମୃଦ୍ଧି ହେଲ୍ପଲାଇନ(କେଏସଏଚ୍) ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ କୃଷି ସମୃଦ୍ଧି ହେଲ୍ପଲାଇନ୍ ରାଜ୍ୟର ପ୍ରତ୍ୟେକ ଚାଷୀଙ୍କୁ ଜଳବାୟୁ ପ୍ରତିକୂଳ ପରିସ୍ଥିତିରୁ ତାଙ୍କ ଫସଲକୁ ରକ୍ଷା କରିବାରେ ସାହାଯ୍ୟ କରିବ। ବର୍ଷା, ତାପମାତ୍ରା ଏବଂ ଆର୍ଦ୍ରତାକୁ ବିଚାରକୁ ନେଇ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆଧାରିତ ପୂର୍ବାନୁମାନ ପ୍ରଚଳନ କରିବାକୁ ମତ ଦେଇଥିଲେ। ବୈଠକରେ, କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା, ମୃତ୍ତିକା ସଂରକ୍ଷଣ ଏବଂ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ସୁବ୍ରତ ପଣ୍ଡାଙ୍କ ବରିଷ୍ଠ ବିଭାଗୀୟ ଅଧିକାରୀ, ଓୟୁଏଟିର ବୈଜ୍ଞାନିକ ଏବଂ ଜଳବାୟୁ ଅନୁଶୀଳନ କକ୍ଷ (ସିଆରସି)ର ସଦସ୍ୟମାନେ ଉପସ୍ଥିତ ଥିଲେ।

■ **ଜଳକ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଆ ଝିଅଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା**

# ଚନ୍ଦ୍ରଶେଖରପୁରରେ 'ମନ୍ କି ବାତ୍' ଶୁଣିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩୧।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଚନ୍ଦ୍ରଶେଖରପୁର ଶିଶୁ ବିହାରରେ ସ୍ଥାନୀୟ ଲୋକଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ୧୨୫ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କି ବାତ୍' ରେ ପ୍ରତ୍ୟେକ ଥର ପରି ସେ ବିଭିନ୍ନ କ୍ଷେତ୍ରର ସାଧାରଣ ଲୋକଙ୍କ ସଫଳତାକୁ ପ୍ରଶଂସା କରି ଲୋକଲୋଚନକୁ ଆଣିଥିଲେ। ଆଜି ପ୍ରଧାନମନ୍ତ୍ରୀ ଓଡ଼ିଆ ଝିଅ ରଶ୍ମିତା ସାହୁଙ୍କ ସହିତ କଥା ହୋଇ ତାଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ରଶ୍ମିତା ନିକଟରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ କାନୋଇଙ୍ଗ୍ (ଜଳକ୍ରୀଡ଼ା) ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦୁଇଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଓଡ଼ିଶା କାୟାକିଙ୍ଗ୍ ଓ କାନୋଇଙ୍ଗ୍ ଆସୋସିଏସନର ସହଯୋଗରେ ଜଗତପୁରର ସାଇ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଓଡ଼ିଶାର କ୍ରୀଡ଼ା ପ୍ରତିଭାମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ଦିଆଯାଉଛି। ରଶ୍ମିତା ମଧ୍ୟ ଜଗତପୁରରେ କାନୋଇଙ୍ଗ୍ ପ୍ରଶିକ୍ଷଣ ପାଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମଧ୍ୟ ଅନେକ ଦିନ ଧରି ଓଡିଶା କାୟାକିଙ୍ଗ୍ ଓ କାନୋଇଙ୍ଗ୍ ଆସୋସିଏସନର ସଭାପତି ଥିଲେ। ବର୍ତ୍ତମାନ ସେ ଏହି ସଂସ୍ଥାର ମୁଖ୍ୟ ପୃଷ୍ଠପୋଷକ ଅଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଲୋକଙ୍କୁ ସମ୍ବର୍ଦ୍ଧିତ ମଧ୍ୟ କରିଥିଲେ। ଦୁଇ ଜଣ ବରିଷ୍ଠ ନାଗରିକ ତଥା ସମାଜସେବୀ ରାଜେନ୍ଦ୍ର ବାରିକ ଓ ବି.ବି. ମିଶ୍ର ଏବଂ ଶିଶୁ ବିହାର ଯୋଗ କେନ୍ଦ୍ରର ପ୍ରମୁଖ ବିଶ୍ୱନାଥ ନାୟକ, ଭାରତୀ ପ୍ରଧାନ ଓ ଏଲ୍.ଡି ସାହୁ ସମ୍ବର୍ଦ୍ଧିତ ହୋଇଥିଲେ।

# ବିଧାନସଭା ଘେରିବ ମାଧ୍ୟମିକ ଏନ୍‌ପିଏସ୍ ଶିକ୍ଷକ ସଂଘ

ଭୁବନେଶ୍ୱର, ୩୧।୮ (ସମିସ): ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକଙ୍କ ବିଭିନ୍ନ ଦାବି ନେଇ ବାରମ୍ବାର ଦାବି ଓ ଆଲୋଚନା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ସରକାରଙ୍କ ଉଦାସୀନତା ଓ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ସେମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ହେଉନାହିଁ। ଦାବି ପୂରଣ ପାଇଁ ସରକାର ତ୍ୱରିତ ପଦକ୍ଷେପ ନନେଲେ ସେପ୍ଟେମ୍ବର ୧୮ ତାରିଖରୁ ବିଧାନସଭା ସମ୍ମୁଖରେ ଧାରଣା ଦେବେ ବୋଲି ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି। ଦାବି ହାସଲ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘର ଆବାହକ ଭବକୃଷ୍ଣ ମହାନ୍ତି, ଅମରେନ୍ଦ୍ର ସ୍ୱାଇଁ, ଶୁଭ୍ରଜିତ ପଢ଼ିଆରୀ, ବିଶ୍ୱଜିତ ବିଶ୍ୱାଳ, ପଞ୍ଚାନନ ଜେନା ଓ ରାଜେନ୍ଦ୍ର ମଲ୍ଲିକ ପ୍ରମୁଖ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

**AFFIDAVIT**

I, Pradip Kumar Nayak, S/o- Jayaram Nayak, Resident of Village: Kanaka, PO.: Kanaka, PS.: Khallikote, Dist- Ganjam, Pin-761028, Odisha declare by this Affidavit No. A/3046, Dated 30.08.2025, that now onwards I shall be known as **PRADIP NAYAK** for all future purposes.

**AFFIDAVIT**

By virtue of an affidavit (CF No. 81) sworn before The Executive Magistrate, Karlamunda on dated-30/08/2025. I, **Kavita Rana,** W/o Rajat Kumar Rana, resident of At- Sanrengali, Po- Rinja, Ps- M.Rampur, Dist- Kalahandi, Odisha, Pin-766031 declare that I have changed my name from **Kavita Pande** (old name) to **Kavita Rana** (new name). Henceforth, I shall be known as **Kavita Rana** (new name) for all future purposes.

**Kavita Rana**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନବୀନଙ୍କ ପ୍ରସ୍ତାବରେ...

ରାଜ୍ୟ ମଧ୍ୟରେ ଆଲୋଚନାରେ ସ୍ୱଚ୍ଛତା ଅବଲମ୍ବନ ଓ ଉତ୍ତରଦାୟିତ୍ୱ ରହିବା ଆବଶ୍ୟକ ବୋଲି ନବୀନ କହିଥିଲେ। ଛତିଶଗଡ଼ର ବିଜେପି ସରକାରଙ୍କ ସହିତ କେଉଁ ପ୍ରକାରର ଆପୋଷ ବୁଝାମଣା ପାଇଁ ବିଚାର କରାଯାଉଛି କିମ୍ବା ଏନେଇ ନିଷ୍ପତ୍ତି ନିଆସରିଛି, ସେନେଇ ସ୍ୱଷ୍ଟତା ଆଣିବା ପାଇଁ ରାଜ୍ୟ ସରକାର ତୁରନ୍ତ ଏକ ସର୍ବଦଳୀୟ ବୈଠକ ଡାକିବା ଉଚିତ ବୋଲି ନବୀନ ମତ ଦେଇଥିଲେ।

ଅପରପଟେ ମହାନଦୀ ସହ ଜଡ଼ିତ ବିଭିନ୍ନ ସାମାଜିକ ସଂଗଠନ, ଜଳ ବିଶେଷଜ୍ଞ ସରକାର କେବଳ ନିଜ ମଧ୍ୟରେ ଆଲୋଚନାକୁ ସୀମିତ ନ ରଖି ଏହାକୁ ସାର୍ବଜନୀନ କରିବାକୁ ଦାବି କରୁଛନ୍ତି। ମହାନଦୀ ବିବାଦ ଆଲୋଚନା ସମୟରେ ନଦୀ ସହିତ ସଂଶ୍ଲିଷ୍ଟ ଅଂଶୀଦାରମାନଙ୍କୁ ସାମିଲ ନିମନ୍ତେ ଦାବି କରି ଆସିଛନ୍ତି। ନିକଟରେ ସାମାଜିକ ସଂସ୍ଥା ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ମଧ୍ୟ ବିବାଦର ସମାଧାନ ପାଇଁ ଛତିଶଗଡ଼ର ରାୟପୁରଠାରେ ମହାନଦୀ ସମସ୍ୟାର ସମାଧାନ ପାଇଁ ଏକ ଗୋଲଟେବୁଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳପୁରୁଷ ରାଜେନ୍ଦ୍ର ସିଂ, ଜଳ ଆନ୍ଦୋଳନ ସହ ସମ୍ପୃକ୍ତ ସୁଦର୍ଶନ ଦାସଙ୍କ ସହ ରାଜ୍ୟର ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ବୈଠକରେ ଦୁଇ ରାଜ୍ୟର ସରକାର ନିଜ ଭିତରେ ଆଲୋଚନାକୁ ସୀମିତ ନ ରଖି ଏଥିରେ ନଦୀ ସହିତ ସଂଶ୍ଲିଷ୍ଟ ଅଂଶୀଦାରମାନଙ୍କୁ ସାମିଲ କରିବାକୁ ଅନୁରୋଧ କରାଯାଇଥିଲା। ଏହାସହ କୌଣସି ଆପୋସ ସମାଧାନକୁ ଯିବା ପୂର୍ବରୁ ଅଣ ମୌସୁମୀ ସମୟରେ ଯେତିକି ପାଣି ଓଡ଼ିଶାର ଆବଶ୍ୟକତା ଅଟେ, ତାହା ଛାଡ଼ିବାକୁ ସର୍ତ୍ତ ରହିବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ମହାନଦୀ ବଞ୍ଚାଅ,ଜୀବିକା ବଞ୍ଚାଅ ଆନ୍ଦୋଳନ ମଧ୍ୟ ସରକାରଙ୍କ ନିକଟରେ ଦାବି ରଖିଛି। ଆନ୍ଦୋଳନର ଆବାହକ ସୁଦର୍ଶନ ଛୋଟରାୟ ସରକାରଙ୍କ ଉଦ୍ୟମକୁ ସ୍ୱାଗତ କରିଛନ୍ତି। ଟ୍ରିବ୍ୟୁନାଲରେ କୌଣସି ମାମଲାର ସମାଧାନ ଅତ୍ୟନ୍ତ ଜଟିଳ ପ୍ରକ୍ରିୟା। ଆପୋସ ସମାଧାନ ସ୍ୱାଗତଯୋଗ୍ୟ ହେଲେ ହେଁ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସରକାର ସମସ୍ତ ଅଂଶୀଦାରଙ୍କୁ ତୁରନ୍ତ ଆଲୋଚନାକୁ ଡାକି ପରାମର୍ଶ କରନ୍ତୁ ବୋଲି ଶ୍ରୀ ଛୋଟରାୟ ଦାବି କରିଛନ୍ତି।

### ମାନବତା ପାଇଁ...

କିନ୍ତୁ ସମ୍ପୂର୍ଣ୍ଣ ଭରସା ଫେରିବାକୁ କିଛି ସମୟ ଲାଗିପାରେ। ଚୀନ୍ ସାମ୍ବାଦିକ ଏବଂ ପର୍ଯ୍ୟଟକଙ୍କ ପାଇଁ ଭିସା ନିୟମକୁ କୋହଳ କରିବା ନିମନ୍ତେ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପୁଣି ଥରେ ବ୍ରହ୍ମପୁତ୍ର ନଦୀର ତଥ୍ୟ ସେୟାର କରିବାକୁ ସହମତି ପ୍ରକାଶ ପାଇଛି। ଏସ୍‌ସିଓ ଏବଂ ବ୍ରିକ୍ସ ଭଳି ସଂଗଠନରେ ଉଭୟେ ବହୁମୁଖୀ ବ୍ୟବସ୍ଥାକୁ ସମର୍ଥନ ଦେଉଛନ୍ତି। ତେବେ ଏଲଏସି ନିର୍ଦ୍ଧାରଣ ହୋଇ ନ ଥିବାରୁ ସମସ୍ୟା ରହିଛି। ଏ ପର୍ଯ୍ୟନ୍ତ ଏହାର ସ୍ଥାୟୀ ସମାଧାନ ହୋଇପାରି ନାହିଁ। ଚୀନ୍ ବ୍ରହ୍ମପୁତ୍ରରେ ବନ୍ଧ ନିର୍ମାଣ କରୁଥିବାବେଳେ ଭାରତ ଏହାକୁ ବିରୋଧ କରୁଛି। ପାକିସ୍ତାନ ସହ ଚୀନ୍‌ର ମଜବୁତ ସମ୍ବନ୍ଧ ଏହି କ୍ଷେତ୍ରରେ କିଛିଟା ସମସ୍ୟା ହୋଇପାରେ। ଅନ୍ୟପକ୍ଷରେ ଏହି ଦ୍ୱାପିକ୍ଷାକ ସମ୍ମିଳନୀ ପରେ ମୋଦୀ ଏସ୍‌ସିଓ ବୈଠକରେ ସାମିଲ ହୋଇଛନ୍ତି। ଏଠାରେ ସବୁ ନେତାଙ୍କ ସହ ମିଶି ମୋଦୀ ଗ୍ରୁପ ଫଟୋ ନେଇଛନ୍ତି। ତେବେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ତୁର୍କୀ ରାଷ୍ଟ୍ରପତି ରେସେପି ଏର୍ଦୋଗାନଙ୍କୁ ମୋଦୀ ଅଣଦେଖା କରିଛନ୍ତି। ଏଠାରେ ସେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଆମେରିକା ଏହି ବୈଠକ ଉପରେ ତୀକ୍ଷଣ ନଜର ରଖିଛି। ଶୁଳ୍କକୁ କାଉଣ୍ଟର କରିବା ପାଇଁ ରୁଷ, ଚୀନ୍ ଏବଂ ଭାରତ ମଧ୍ୟରେ ବଡ଼ ଆଲୋଚନା ହୋଇପାରେ ବୋଲି କୁହାଯାଉଛି।

ଏହି ସମ୍ମିଳନୀରେ ଭାରତ, ଚୀନ୍, ରୁଷ, ପାକିସ୍ତାନ, ତୁର୍କୀ ସମେତ ୯ ରାଷ୍ଟ୍ର ସାମିଲ ହୋଇଛନ୍ତି। ଏହା ଚୀନ୍ ଇତିହାସର ସବୁଠୁ ବଡ଼ ଏସ୍‌ସିଓ ସମ୍ମିଳନୀ। ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଦୁଇ ଦେଶ ପାରସ୍ପରିକ ବିଶ୍ୱାସ ବୃଦ୍ଧି, ମତଭେଦକୁ ବିବାଦରେ ରୂପ ନ ଦେବାକୁ, ଆହ୍ୱାନର ମିଳିତ ମୁକାବିଲା କରିବାକୁ, ସହମତି ପ୍ରକାଶ କରିଛନ୍ତି। ଉଭୟ ନେତା ସମସ୍ୟାର ସମାଧାନ ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି।

### ସ୍ତ୍ରୀ-ଶାଶୂଙ୍କୁ...

ଯୁକ୍ତି ବଢ଼ିବାରେ ଲାଗିଥିଲା। ପ୍ରିୟା ନିଜ ବାପଘର ସପକ୍ଷରେ ନେଇ ବେରୋଜଗାର ଥିବା ଯୋଗେଶଙ୍କୁ ଆକ୍ଷେପ କରି କହିଥିଲେ। ଫଳରେ ଯୋଗେଶ ରାଗିଯାଇଥିଲେ। ଯୋଗେଶ ଓ ପ୍ରିୟାଙ୍କର ଦୁଇଟି ପୁଅ ଅଛନ୍ତି। ଘଟଣା ସମୟରେ ଦୁଇ ପୁଅ ସ୍କୁଲ ଯାଇଥିଲେ। ଦୁଇ ପୁଅଙ୍କୁ ସ୍କୁଲକୁ ଆଣିବାକୁ ଯାଇ ଯୋଗେଶ ବୁଲୁଥିବା ବେଳେ ପୁଲିସ ତାକୁ ଗିରଫ କରିଥିଲା।

### ୧୬ ନୂଆ ଏନ୍‌ଏସି...

ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏବେ ମୁଖ୍ୟମନ୍ତ୍ରୀ ଆଉ ୧୬ ସହରକୁ ଏନ୍‌ଏସି ଘୋଷଣା କରିଛନ୍ତି। ସେହିପରି ଏନ୍‌ଏସି ଓ ମ୍ୟୁନିସିପାଲିଟି ଗଠନ ଦ୍ୱାରା ଅଧିକ ଲୋକଙ୍କୁ ସହରର ମୌଳିକ ସୁବିଧା ମିଳିବ ବୋଲି ସେ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନେକ ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସହରର ସମସ୍ତ ଲୋକଙ୍କ ପାଇଁ ସରକାରୀ ଯୋଜନାଗୁଡ଼ିକର ଲାଭ ସୁବିଧାରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ପୌରାଞ୍ଚଳକୁ 'ସହଯୋଗ' କାର୍ଯ୍ୟକ୍ରମ ସଂପ୍ରସାରିତ ହେଲା ବୋଲି ଘୋଷଣା କରିଛନ୍ତି। ସହରର ଲୋକଙ୍କ ପାଇଁ ସରକାରୀ ଯୋଜନା ଗୁଡ଼ିକର ଲାଭ ସୁବିଧାରେ ପହଞ୍ଚାଇବା ପାଇଁ ମେ ମାସରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୪୪ଟି ପୌରାଞ୍ଚଳରେ ସହଯୋଗ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏଥିରେ ଟାଟାଷ୍ଟିଲ ଫାଉଣ୍ଡେସନ ସହଯୋଗ ଯୋଗାଇ ଦେଉଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଟାଟାଷ୍ଟିଲକୁ ଧନ୍ୟବାଦ ଦେଇଛନ୍ତି। ଏହାସହିତ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ, ପ୍ରଶ୍ନ କିମ୍ବା ପ୍ରସ୍ତାବ ପାଇଁ ମୁଖ୍ୟମନ୍ତ୍ରୀ ଏକ ଟୋଲ୍ ଫ୍ରି ନମ୍ବର-୧୯୨୯ ର ଶୁଭାରମ୍ଭ କରିଛନ୍ତି ଓ ଏହି ନମ୍ବରକୁ "ସହର ସାଥୀ' ବୋଲି ନାମିତ କରାଯାଇଛି। ଏହାଦ୍ୱାରା ଲୋକମାନେ ଆଉ ପୌରପାଳିକା କାର୍ଯ୍ୟାଳୟକୁ ନ ଯାଇ, ଏହି ନମ୍ବରରେ ଫୋନ କଲେ ସମସ୍ୟାର ସମାଧାନ କରାଯିବ। ଏହି ସେବା ୨୪ ଘଣ୍ଟା ଉପଲବ୍ଧ ହେବ। "ସହର ସାଥୀ' କଲ୍ ସେଣ୍ଟରର ଶୁଭାରମ୍ଭ କରି ପୌରସଂସ୍ଥା କର୍ମଚାରୀଙ୍କ ପାଇଁ ସାଧାରଣ ଉପଭୋକ୍ତା ଗୋଷ୍ଠୀ ସିୟୁଜି ନମ୍ବର ବଣ୍ଟନ ମଧ୍ୟ କରାଯାଇଛି।

### ଆଜିଠୁ ବଢ଼ିବ...

ଆକଳନ କରିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରବିବାର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ସମ୍ଭବତଃ ସୋମବାର କିମ୍ବା ମଙ୍ଗଳବାର ସୁଦ୍ଧା ଏକ ଲଘୁଚାପ ହୋଇ ଦକ୍ଷିଣ ଓଡ଼ିଶା ଏବଂ ସଂଲଗ୍ନ ଆନ୍ଧ୍ର ଉପକୂଳ ବଙ୍ଗୋପସାଗରରେ ରହିବ। ଏହା ତିନିଦିନ ପର୍ଯ୍ୟନ୍ତ ସେହି ସ୍ଥାନରେ ରହିବା ସହ ସେପ୍ଟେମ୍ବର ୪ରେ କିଛି ଦୁର୍ବଳ ହୋଇ ୫-୬ରେ ଓଡ଼ିଶା ଉପକୂଳ ନିକଟତର ହେବ। ଆକଳନ କରାଯାଉଛି ଯେ ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରୁ ସମ୍ବଲପୁର ସଂଯୋଗ କରୁଥିବା ସରଳରେଖାର ଦକ୍ଷିଣରେ ବର୍ଷା ହେବ। ଅବିଭକ୍ତ କୋରାପୁଟ, ବିଶେଷକରି ମାଲକାନଗିରି ଓ ନବରଙ୍ଗପୁରରେ ଏହି ତିନିଦିନ ୧୫-୨୫ ମିମି ଲେଖାଏଁ ବର୍ଷା ହେବ। ସମ୍ବଲପୁରଠାରୁ କଳାହାଣ୍ଡି ପର୍ଯ୍ୟନ୍ତ ସ୍ୱଳ୍ପ (୧୫ ମିମି ଲେଖାଏଁ) ଏବଂ ଅନ୍ୟାନ୍ୟ ସ୍ଥାନ ୧୦-୧୫ ମିମି ଲେଖାଏଁ ବର୍ଷା ହୋଇପାରେ। ସୁନ୍ଦରଗଡ଼, ମୟୂରଭଞ୍ଜ ଓ ବାଲେଶ୍ୱରରେ କାଁ ଭାଁ ହାଲୁକା ସ୍ଥାନେ ସ୍ଥାନେ ସ୍ୱଳ୍ପ ବର୍ଷା ହୋଇପାରେ। ୪ ତାରିଖରେ ବିକ୍ଷିପ୍ତ ବର୍ଷା ହେବା ସହ ୫ ତାରିଖରେ ଉପକୂଳ, ଢେଙ୍କାନାଳ, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ସ୍ୱଳ୍ପ ସ୍ଥାନେସ୍ଥାନେ ମଧ୍ୟମ ବର୍ଷା ହୋଇପାରେ। ୬ ତାରିଖରେ ସାରା ଓଡ଼ିଶାରେ ସ୍ଥାନେ ସ୍ଥାନେ ସ୍ୱଳ୍ପ ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ କଳାହାଣ୍ଡି, କନ୍ଧମାଳ ଓ କୋରାପୁଟରେ ସବୁଠୁ ଅଧିକ ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, ଗଜପତି, ବଲାଙ୍ଗିର ଓ ନୂଆପଡ଼ାରେ ମଧ୍ୟ ବର୍ଷାର ପ୍ରଭାବ ଭଲ ରହିବ। ଏହା ବ୍ୟତୀତ ବାକି ସବୁ ଅଞ୍ଚଳରେ ସ୍ୱଳ୍ପ ବର୍ଷା ଆକଳନ କରି ସାରା ଓଡ଼ିଶା ପାଇଁ ବର୍ଷା ଚେତାବନୀ ଜାରି ହୋଇଛି। ସମ୍ଭାବ୍ୟ ଲଘୁଚାପ ଯୋଗୁଁ ଉତ୍ତର ବଙ୍ଗୋପସାଗରର ଓଡ଼ିଶା ଉପକୂଳ ସମୁଦ୍ର ମଧ୍ୟରେ ୩୦-୪୦ ଓ ଝଟକା ପବନ ୫୦ କିମି ପହଞ୍ଚିବ। ଏଥିପାଇଁ ସମୁଦ୍ର ଅଶାନ୍ତ ରହିବାର ଆଶଙ୍କା କରି ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି। ଏହି ଲଘୁଚାପର ପ୍ରଭାବ ପରେ ପରେ ଅର୍ଥାତ ଆସନ୍ତା ୧୧-୧୨ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ସମ୍ଭାବନା ରହିଛି।

### ପାଣିପାଗ କେନ୍ଦ୍ରରେ...

ଦେଓ ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ। ଏହାପରେ ଡ଼ପଲାର ରାଡ଼ାର ସମ୍ବଲପୁରରେ ଖୁବ୍‌ଶୀଘ୍ର ବସିବ ବୋଲି ଆଇଏମ୍‌ଡି ସୂଚନା ଦେଇଛି।

୨୦୦୫ରେ ଓଡ଼ିଶାର ୪ଟି ସ୍ଥାନରେ ଡପ୍‌ଲର ରାଡାର ଲଗାଇବାକୁ ଆଇଏମ୍‌ଡି ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ପାରାଦୀପ, ଗୋପାଳପୁର, ବାଲେଶ୍ୱର ଓ ସମ୍ବଲପୁରରେ ରାଡାର ବସାଇବାକୁ ନିଷ୍ପତ୍ତି ହୋଇଥିଲା। ଆଇଏମ୍‌ଡି ପାରାଦୀପରେ ନିଜସ୍ୱ ଖର୍ଚ୍ଚରେ ଡପଲାର ରାଡାର ଲଗାଇବାକୁ ନିଷ୍ପତ୍ତି ନେଇଥିବା ବେଳେ ରାଜ୍ୟ ସରକାର ଗୋପାଳପୁର, ବାଲେଶ୍ୱର ଓ ସମ୍ବଲପୁରରେ ମାଗଣାରେ ଜମି ଯୋଗାଇ ଦେବା ସହ ଏଥିପାଇଁ ଆବଶ୍ୟକ ୪ ମହଲା କୋଠା ନିର୍ମାଣ ଖର୍ଚ୍ଚ ବହନ କରିବା ନେଇ ଆଇଏମ୍‌ଡି ସହ ବୁଝାମଣା ହୋଇଥିଲା। ଏହାକୁ ଆଧାର କରି ରାଜ୍ୟ ସରକାର ୨୦୧୧ରୁ କୋଠା ନିର୍ମାଣ କାମ ଶେଷ କରିଥିଲେ। କେବଳ ପାରାଦୀପ ଓ ଗୋପାଳପୁରରେ ୨ଟି ରାଡାର ଲାଗିଥିବା ବେଳେ ଅନ୍ୟ ଦୁଇଟି ସ୍ଥାନରେ ଲାଗିବା ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁ ଏଭଳି ଅବସ୍ଥା ଭୋଗିବାକୁ ପଡୁଛି। ଦୀର୍ଘ ୨୦ ବର୍ଷ ବିତିଯାଇଥିଲେ ସୁଦ୍ଧା ପ୍ରକଳ୍ପ ଏବେ ମଧ୍ୟ ଅଧାପନ୍ତରିଆ ହୋଇପଡିଛି। ଅନ୍ୟପଟେ ଗୋପାଳପୁର ରାଡାର ମଧ୍ୟ ପ୍ରାୟ ୮ ମାସ ହେବ ଅଚଳ ହୋଇପଡ଼ିଛି। ଯାହାଫଳରେ ଆଇଏମ୍‌ଡି ଏବେ କେବଳ ପାରାଦୀପ ରାଡାର ତଥ୍ୟ ଉପରେ ଭରସା କରି ରହିଛି। ବଜ୍ରପାତର ପୂର୍ବାନୁମାନ ପାଇଁ ବାଲେଶ୍ୱର ଓ ସମ୍ବଲପୁର ରାଡାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହାଦ୍ୱାରା ପଶ୍ଚିମ ଓଡ଼ିଶା ସମେତ ଛତିଶଗଡ଼ର କିଛି ଜିଲ୍ଲା ମଧ୍ୟ ଉପକୃତ ହୋଇପାରିବ। ହେଲେ ରାଡାର ପରିସର ମଧ୍ୟରେ ରାଜ୍ୟର ଏହି ଦୁଇ ପ୍ରମୁଖ ଅଞ୍ଚଳ ଆସିପାରୁ ନ ଥିବା ହେତୁ ପ୍ରତିବର୍ଷ ଏଠାରେ ଶତାଧିକ ଲୋକ ବଜ୍ରପାତ ଯୋଗୁଁ ପ୍ରାଣ ହରାଉଛନ୍ତି। ରାଡାର ସ୍ଥାପନ ପରେ ଅକାରଣରେ ଚାଲିଯାଉଥିବା ଜୀବନ ରୋକିବାରେ ଯଥେଷ୍ଟ ସହାୟକ ହେବ ବୋଲି ଆଶା ରହିଛି।

### ବେଆଇନ ବାଣ...

ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଆହତଙ୍କୁ ସ୍ଥାନୀୟ ଲୋକ ହସ୍ପିଟାଲରେ ପହଞ୍ଚାଇଥିଲେ। ବାରାବଙ୍କିରୁ ଦମକଳ ଦଳ ଆସି ପହଞ୍ଚିଥିଲେ। ଜିଲ୍ଲା ମୁଖ୍ୟାଳୟଠାରୁ ୨୦ କିମି ଦୂରରେ ଥିବା ଗୁଡମ୍ବା ଥାନା ଅଞ୍ଚଳର ବେହଟା ଗାଁରେ ଏହି ବିସ୍ଫୋରଣ ହୋଇଥିଲା। ଫରେନସିକ ଟିମ୍ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିଛି।

**ସର୍ବଭାରତୀୟ ସାୟତ ଶାସନ ଦିବସ-୨୦୨୫ ଉପଲକ୍ଷେ ବିଜ୍ଞାପିତ ଅଂଚଳ ପରିଷଦ, ଆଠଗଡ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି**

ସହରର ଉନ୍ନତି ପାଇଁ

୧. ଆପଣଙ୍କର ପ୍ରଦତ୍ତ ଟିକସ ହିଁ ସହରର ବିକାଶ ପାଇଁ ମୂଳ ପୁଞ୍ଜି । ଏଣୁ ଠିକ୍ ସମୟରେ ଘର ଏବଂ ଅଲୋକ ଟିକସ, ଦୋକାନଘର ଭଡା, ଲାଇସେନ୍ସ ଫି ୟୁଜର୍ସ ଫି ପୈଠ କରନ୍ତୁ।
୨. ଜନ୍ମ ମୃତ୍ୟୁ ପଞ୍ଜିକରଣ ଠିକ୍ ସମୟରେ କରାଇ ନିଅନ୍ତୁ।
୩. ରାସ୍ତାକଡ କିମ୍ବା ୱାର୍ଡ ମାନଙ୍କରେ ଲାଗିଥିବା ବିଜୁଳିବତୀ ଓ ପାଣିକଳକୁ ଭାଙ୍ଗନ୍ତୁ ନାହିଁ।
୪. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ।
୫. ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ।
୬. ପଲିଥିନ ବ୍ୟବହାର ସର୍ବଦା ବର୍ଜନ କରନ୍ତୁ।
୭. ଦୈନନ୍ଦିନ ବର୍ଜ୍ୟବସ୍ତୁ ସଂଗୃହିତ ରଖି ପରିଷଦର କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ। ପଲିଥିନ ଜରି ଓ ବ୍ୟାଗ୍ ସର୍ବଦା ବର୍ଜନ କରନ୍ତୁ।
୮. ଗାଈଗୋରୁମାନଙ୍କୁ ରାସ୍ତା ଉପରେ ବାନ୍ଧି ଅବରୋଧ କରନ୍ତୁ ନାହିଁ ଓ ନିଜସ୍ୱ ଗୋଶାଳାରେ ବାନ୍ଧି ରଖନ୍ତୁ।
୯. ସର୍ବସାଧାରଣ ରାସ୍ତା ଉପରେ ପଥର, ଇଟା, ବାଲି, ଗୋଡି ଇତ୍ୟାଦି ପକାଇ ରାସ୍ତା ଅବରୋଧ କରନ୍ତୁ ନାହିଁ । ଆପଣଙ୍କର ଅକୁଣ୍ଠ ସାହାଯ୍ୟ, ସଦିଚ୍ଛା ଓ ସହଯୋଗ ଆମର ଏକାନ୍ତ କାମ୍ୟ ।

ବଳୟ ଦେହୁରୀ
ନିର୍ବାହୀ ଅଧିକାରୀ

ସସ୍ମିତା ରାଉତ
ଅଧ୍ୟକ୍ଷା

ବି. ଶୁଭ୍ର ଶଙ୍କର ଜ୍ୟୋତି
ଉପାଧ୍ୟକ୍ଷ
ଏବଂ ସମସ୍ତ କାଉନସିଲ ବୃନ୍ଦ

**ବିଜ୍ଞାପିତ ଅଂଚଳ ପରିଷଦ, ଆଠଗଡ଼**

DSPL-233

**ଜଳେଶ୍ୱର ପୌର ପାଳିକା , ଜଳେଶ୍ୱର**

ଜଳେଶ୍ୱର ପୌରପାଳିକା ସର୍ବ ଭାରତୀୟ ସ୍ୱାୟତ୍ତ ଶାସନ ଦିବ ସ -୨୦୨୫ ଅବସରରେ ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ନିମ୍ନ ଲିଖିତ କାର୍ଯ୍ୟ କ୍ରମରେ ଜନ ସାଧାରଣଙ୍କ ସହଯୋଗ କାମନା କରୁଅଛି । ଆସନ୍ତୁ ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ।

୧ ) ଆପଣଙ୍କ ପ୍ରଦତ୍ତ ଟିକସ ସହରର ବିକାଶ ମୂଳକ କାର୍ଯ୍ୟରେ ଲାଗିଥାଏ । ଏଣୁ ପରିଷଦର ଦେୟ ଯଥା ସମୟରେ ପଇଠ କରନ୍ତୁ ।
୨ ) ଅଳିଆ ଆବର୍ଜନାକୁ ଏଣେ ତେଣେ ନ ଫିଙ୍ଗି ପୌର ପାଳିକାରୁ ଆସୁଥିବା ଅଳିଆ ସଂଗ୍ରହ ଗାଡିରେ ଅଲଗା ଅଲଗା କରି ଦିଅନ୍ତୁ ଓ ବର୍ଜ୍ୟବସ୍ତୁ ପରିଚାଳନା ଦେୟ ( User fee ) ଠିକ ସମୟରେ ସ୍ୱଚ୍ଛ ସାଥୀଙ୍କୁ ପଇଠ କରି ଉତ୍ତମ ପରିମଳ ସେବା ଦାବି କରନ୍ତୁ ।
୩ ) ପଲିଥିନ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରି ଜଳେଶ୍ୱର ପୌରପାଳିକାକୁ ପଲିଥିନ ମୁକ୍ତ ସହର ଭାବେ ପରିଗଣନା କରନ୍ତୁ ।
୪ ) ପାଇଖାନା କିମ୍ବା ସେପଟିକ ଟାଙ୍କିର ପାଇପକୁ ସିଧା ସଳଖ ଭାବରେ ଡ୍ରେନକୁ ସଂଯୋଗ କରନ୍ତୁ ନାହିଁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସ୍ୱୀକୃତି ପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ cesspole ଦ୍ୱାରା ସଫା କରନ୍ତୁ ।
୫ ) ସର୍ବସାଧାରଣଙ୍କ ରାସ୍ତା ଉପରେ , ନାଳ ନର୍ଦ୍ଦମା ଇତ୍ୟାଦିରେ କୌଣସି ବର୍ଜ୍ୟ ବସ୍ତୁ ତଥା ଗୃହ ନିର୍ମାଣ ସାମଗ୍ରୀ ଇତ୍ୟାଦି ପକାଇ ଅବରୋଧ କରନ୍ତୁ ନାହିଁ ।
୬ ) ନିଜ ପଟ୍ଟା ଭୁକ୍ତ ଜମିରେ ଘର ନିର୍ମାଣ କରିବା ପୂର୍ବରୁ ପରିଷଦରୁ ଅନୁମତି ନେଇ ନିର୍ମାଣ କରନ୍ତୁ ।
୭) ସରକାରୀ ଓ ସର୍ବସାଧାରଣଙ୍କ ଜାଗାକୁ ଜବର ଦଖଲ କରନ୍ତୁ ନାହିଁ ।
୮ ) ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହାନ ପାର୍କିଂ କରନ୍ତୁ ।
୯ ) ଡେଙ୍ଗୁ , ମ୍ୟାଲେରିଆ , ଡାଇରିଆ ଓ ସ୍ୱାଇନ ଫ୍ଲୋ ପ୍ରଭୃତି ରୋଗରୁ ମୁକ୍ତି ପାଇବା ପାଇଁ ନିଜ ଘରର ପରିବେଶକୁ ସଫା ସୁତୁରା ରଖିବା ସଙ୍ଗେ ସଙ୍ଗେ ଉପରୋକ୍ତ ରୋଗ ଗୁଡିକ ପାଇଁ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ।

ଆପଣଙ୍କ ସେବାରେ ଜଳେଶ୍ୱର ପୌରପାଳିକା ।



ଶ୍ରୀ ହେମନ୍ତ କୁମାର ସିଂ, ଓ.ରା.ସେ (DR-୨୦୨୦)
କାର୍ଯ୍ୟ ନିର୍ବାହୀ ଅଧିକାରୀ
ଜଳେଶ୍ୱର ପୌରପାଳିକା



ଶ୍ରୀମତୀ ପୁଷ୍ପପ୍ରିୟା କାମିଲା
ଉପ-ନଗରପାଳ
ଜଳେଶ୍ୱର ପୌରପାଳିକା



ଶ୍ରୀ ପ୍ରଦିପ କୁମାର ପ୍ରଧାନ
ନଗରପାଳ
ଜଳେଶ୍ୱର ପୌରପାଳିକା

ଏବଂ ପରିଷଦର ସମସ୍ତ ସଭ୍ୟ / ସଭ୍ୟା
ଜଳେଶ୍ୱର ପୌରପାଳିକା

OIPR-13126/13/0026/2526

# ବିଭିନ୍ନ ସ୍ଥାନରେ ସ୍ୱାୟତ୍ତ ଶାସନ ଦିବସ

## ରାୟଗଡ଼ା ପୌର ପରିଷଦରେ ୩ ବହୁମୁଖୀ ଭବନ ଉଦ୍‌ଘାଟିତ



ରାୟଗଡ଼ା,୩୧।୮ (ସମିସ): ଆଜି ରାୟଗଡ଼ା ପୌର ପରିଷଦ ସ୍ଥିତ ଅଡିଟୋରିୟମଠାରେ ସ୍ୱାୟତ୍ତ ଶାସନ ଦିବସ -୨୦୨୫' ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ତଥା ସମ୍ମାନୀୟ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶୁଭାରମ୍ଭ କରାଯାଇଥିଲା। ଚଳିତ ବର୍ଷ ଏକ ସପ୍ତାହ ବ୍ୟାପୀ ଅର୍ଥାତ ଅଗଷ୍ଟ ମାସ ୨୫ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇଥିଲା। ଏହି ଏକ ସପ୍ତାହ ମଧ୍ୟରେ ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ବୃକ୍ଷ ରୋପଣ, ସଫେଇ ଶୋଭାଯାତ୍ରା, ସଫେଇ କାର୍ଯ୍ୟକ୍ରମ ଇତ୍ୟାଦି କରାଯାଇଥିଲା। ସ୍ୱାୟତ୍ତ ଶାସନ ଦିବସ ପରିପ୍ରେକ୍ଷୀରେ ପୌର ପରିଷଦ ଆନୁକୁଲ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରି ସେମାନଙ୍କର କୃତିତ୍ୱ ପ୍ରଦର୍ଶନ କରିବା ସହିତ ସମ୍ମାନ ପତ୍ର ପାଇଥିଲେ। ପ୍ରତିଯୋଗିତା ଗୁଡିକରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ମଞ୍ଚରେ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ପରିଷଦରେ କାର୍ଯ୍ୟରତ ବରିଷ୍ଠ କର୍ମକର୍ତ୍ତାମାନଙ୍କୁ ସମ୍ମାନ ପତ୍ର ପ୍ରଦାନ କରାଯାଇଥିଲା। ପରିଷଦର କର୍ମକର୍ତ୍ତାମାନଙ୍କ ଉତ୍ସାହ ବୃଦ୍ଧି ନିମିତ୍ତେ ସେମାନଙ୍କ ମଧ୍ୟରେ କ୍ରିକେଟ ମ୍ୟାଚ୍, ଭଲିବଲ ମ୍ୟାଚ, ମ୍ୟୁଜିକାଲ ଚେୟାର, ଲେମନ ଚାମଚ ଇତ୍ୟାଦି ପ୍ରତିଯୋଗିତାମାନ ଆୟୋଜନ କରାଯାଇ ସେମାନଙ୍କୁ ପୁରସ୍କୃତ ଏବଂ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜାନା ୨.୦ରେ ଗୃହିତ ହୋଇଥିବା ୩୦ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଆଜି ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ଭର୍ଚୁଆଲ୍ ମାଧ୍ୟମରେ ରାୟଗଡ଼ା ପୌର ପରିଷଦରେ ୩ ଗୋଟି ବହୁମୁଖୀ ଭବନର ଉଦ୍‌ଘାଟନ କରିଥିଲେ। ରାୟଗଡ଼ା ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଳଦୀପ କୁମାର ଆଜିର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସଞ୍ଚାଳନ କରିଥିଲେ। ଏହି ସମାରୋହରେ ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ କୁମାର ଖେମୁଣ୍ଡୁ, ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ରାୟଗଡ଼ା ପୌରପରିଷଦର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା, ପରିଷଦର ସମସ୍ତ ପାରିଷଦ ବର୍ଗ, ଟିମ୍ ଲିଡ ଦୂତା, ସମସ୍ତ ପୌର କର୍ମଚାରୀ ତଥା ସାମାଜିକ ଗଣମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ।

## ମାଲକାନଗିରିରେ ୪ଟି ବହୁମୁଖୀ ଭବନ ଲୋକାର୍ପିତ



ମାଲକାନଗିରି,୩୧।୮ (ସମିସ): ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ମାଲକାନଗିରି ଦ୍ୱାରା ଜିଲ୍ଲାସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି। ଆଜି ଏହି ଅବସରରେ ମାଲକାନାଗିରି ସଦର ମହକୁମାରେ ବହୁମୁଖି ଭବନ ତଥା ମଲ୍ଟି ପୋରପୋଜ୍ ହଲ୍‌ର ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧିନରେ ଭୁବନେଶ୍ୱର ସ୍ଥିତ ରେଳ ଅଡିଟୋରିୟମଠାରେ ଆୟୋଜିତ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଭାସି ମାଧ୍ୟମରେ ୩ ଗୋଟି ବହୁମୁଖି ହଲ୍ ଓ ଗୋଟିଏ ଟାଉନ୍ ହଲ୍ ଅର୍ଥାତ୍ ଚାରି ଗୋଟି ହଲ୍‌ର ଲୋକାର୍ପଣ କରିଛନ୍ତି। ମାଲକାନଗିରିଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମାଲକାନଗିରି ପୌର ପରିଷଦ ଅଧ୍ୟକ୍ଷ ମନୋଜ ବାରିକ ଓ ପୌର ପରିଷଦ ଉପାଧ୍ୟକ୍ଷା କବିତା ମହନ୍ତଙ୍କ ସମେତ ପୌର ପରିଷଦର ୧୯ ଜଣ କାଉନସିଲର ଯୋଗଦେଇଥିଲେ। ମାଲକାନଗିରି ସୁକୁମା ରୋଡ ପାଶ୍ୱର୍ ଚକ୍ରିଗୁଡ଼ାଠାରେ ୩୦୦ ସିଟ୍ ବିଶିଷ୍ଟ, ତାରିଣୀ ମନ୍ଦିର ପଛ ପାଶ୍ୱର୍ ସ୍ଥିତ ୫୦୦ ସିଟ୍ ବିଶିଷ୍ଟ ଓ ସ୍ୱଧାର ଗୃହ ନିକଟବର୍ତ୍ତୀ ୫୦୦ ସିଟ୍ ବିଶିଷ୍ଟ ମଲ୍ଟି ପୋର୍ପୋଜ ହଲ୍ ଏବଂ ୩୦୦ ସିଟ୍ ବିଶିଷ୍ଟ ମାଲକାନଗିରି ଟାଉନ୍ ହଲ୍‌ର ଲୋକାର୍ପଣ କରାଯାଇଛି। ଯାହାଦ୍ୱାରା ମାଲକାନଗିରି ଜିଲ୍ଲାବାସୀ ଉପକୃତ ହେବେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ମୁଖ୍ୟମନ୍ତ୍ରୀଙ୍କୁ ଆଭାସି ମାଧ୍ୟମରେ ଧନ୍ୟବାଦ୍ ଜଣାଇଥିଲେ। ସେ କହିଥିଲେ, ଜିଲ୍ଲାରେ ମାଲକାନଗିରି ଓ ବାଲିମେଳା ଦୁଇ ଗୋଟି ନଗରାଞ୍ଚଳରେ ୬ ଗୋଟି ମଲ୍ଟି ପୋର୍ପୋଜ୍ ହଲ୍ କରାଯାଇଛି। ଏହାଦ୍ୱାରା ବିଶେଷ ଭାବେ ସୁଲଭ ଦରରେ ମାଙ୍ଗଳିକ କାର୍ଯ୍ୟ, ସଭା ସମିତି ଇତ୍ୟାଦି ହୋଇପାରିବ। ତତ୍ ସଙ୍ଗେ ସଙ୍ଗେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବନ୍ୟା ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରାଯାଇପାରିବ ବୋଲି ଜିଲ୍ଲାପାଳ କହିଛନ୍ତି। ସେହିପରି ମାଲକାନଗିରି ପୌରାଞ୍ଚଳର ଦୁଇ ଜଣ ମହିଳା ସ୍ନେହଲତା ମହାନ୍ତି ଓ ପ୍ରମିଳା କଟିମ୍ ମୁଖ୍ୟମନ୍ତ୍ରୀଙ୍କ ସହ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା ପରିଷଦ ଅର୍ଥ ପରିଚାଳକ ମାନସ ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ ପରିଚାଳନା କରିଥିବା ବେଳେ ପୌର ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଖଇରପୁଟ ବ୍ଲକ୍ ଆଦିମ ବଣ୍ଡା ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ବିଡ୍ ୱର୍କ୍ ଫ୍ରେମ୍‌କୁ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ଅନ୍ୟାନ୍ୟ ଅତିଥିମାନଙ୍କୁ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଯାହା ଜିଲ୍ଲା ପାଇଁ ଏକ ଗୌରବର ବିଷୟ। ଆଦିମ ବଣ୍ଡା ଜନଜାତିଙ୍କ ଉତ୍ପାଦକୁ ଲୋକଲୋଚନକୁ ଆଣିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱତନ୍ତ୍ର ଭାବେ ଅର୍ଡର ଦେଇ ଏହି ବିଡ୍ ୱର୍କକୁ ଆଜିର ଦିନରେ ଉପଯୋଗ କରିଛନ୍ତି ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା।

## ବାଲିମେଳା ଏନ୍‌ଏସି ପକ୍ଷରୁ ପଥ ଉତ୍ସବ ଓ ମିନିମାରାଥନ୍



ବାଲିମେଳା/କୋରୁକୋଣ୍ଡା,୩୧।୮ (ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ଏନ୍‌ଏସିରେ ଆଜି ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପ୍ରାତଃ ସମୟରେ ରାମଧୂନର ଧ୍ୱନିରେ ପ୍ରଥମେ ସମଗ୍ର କାର୍ଯ୍ୟାଳୟ କମ୍ପି ଉଠିଥିଲା। ଏହାପରେ ଏନ୍‌ଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଏନ୍‌ଏସିର ସମସ୍ତ କର୍ମଚାରୀ ଓ କାଉନସିଲରମାନେ ଉପସ୍ଥିତ ଥିଲେ। ପରେ ବାଲିମେଳା ସହରର ଗୋପବନ୍ଧୁ ଛକଠାରୁ ଆରମ୍ଭ କରି ଏନ୍‌ଏସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଥ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ବିଦ୍ୟାଳୟର ଛାତ୍ରମାନଙ୍କୁ ନେଇ ମିନି ମାରାଥନ ଦୌଡ଼ ପ୍ରତିଯୋଗିତା ହୋଇଥିଲା। ଏହି ପଥ ଉତ୍ସବରେ ନୃତ୍ୟ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଯୁବକ, ଏସଏଚଜି ମହିଳା ଏବଂ ସ୍କୁଲ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପରେ ସହରର ମୁଖ୍ୟ ଛକ ଗୁଡିକରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମେଡିକାଲରେ ଥିବା ରୋଗୀମାନଙ୍କୁ ଫଳ ବଣ୍ଟନ ଓ ୩ ନଂ ୱାର୍ଡରେ ଥିବା ଅନାଥ ଆଶ୍ରମକୁ ୫ ଗୋଟି ଖଟ ଏବଂ କିଛି ଚେୟାର ପ୍ରଦାନ କରାଯାଇଥିଲା। ସନ୍ଧ୍ୟା ସମୟରେ ଟାଉନ ହଲ ଠାରେ ସହରବାସୀଙ୍କ ଉଦ୍ଦେଶ୍ୟରେ ରଙ୍ଗାରଙ୍ଗ ମେଲୋଡି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଥମେ ସହରର ବରିଷ୍ଠ ନାଗରିକ ଏବଂ ବରିଷ୍ଠ ସାମ୍ବାଦିକମାନଙ୍କୁ ଏନ୍‌ଏସି ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏଥିସହ ଏନଏସି ଅଧୀନରେ କରୁଥିବା ସଫେଇ କର୍ମଚାରୀମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସୁଦୂର ବଲାଙ୍ଗୀରରୁ କ୍ରିଷ୍ଣା ମଲୋଡି ଆସି ସହରବାସୀଙ୍କ ମନୋରଞ୍ଜନ କରିଥିଲା। ସମ୍ବଲପୁରୀ ଗୀତର ତାଳେ ତାଳେ ବିଳମ୍ବିତ ରାତି ଯାଏଁ ଝୁମିଥିଲେ ଦର୍ଶକ। ଏହି କାର୍ଯ୍ୟକ୍ରମରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରା, ଉପାଧ୍ୟକ୍ଷା ରଶ୍ମିତା ବାଙ୍କାଙ୍କ ସମେତ ଅନ୍ୟ କାଉନ୍‌ସିଲରମାନେ ଉପସ୍ଥିତ ଥିଲେ।

## ଗୁଡାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ



ଗୁଡାରୀ,୩୧।୮ (ସମିସ):

ଗୁଡାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ପରିଷଦର ପ୍ରାଙ୍ଗଣରେ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଏନଏସି ଅଧ୍ୟକ୍ଷ ପତାକା ଉତ୍ତୋଳନ କରିଥିଲେ। ଏଥିରେ ମୁଖ୍ୟଅତିଥି ଅଧ୍ୟକ୍ଷା ସରମିତା ଶବର, ସମ୍ମାନିତ ଅତିଥି ଗୁଡାରୀ ଥାନାଧିକାରୀ ସମର୍ପିତା ସ୍ୱାଇଁ, ଉପାଧ୍ୟକ୍ଷ ବି. ଓଗେଷା, ଯୋଗାଣ ଅଧିକାରୀ ସୁପ୍ରିୟ କୁମାର, ଏମ୍‌ପି ପ୍ରତିନିଧି ମିନାକ୍ଷୀ, ଗୁଡାରୀ କାର୍ଯ୍ୟନିବାହୀ ଅଧିକାରୀ ପ୍ରସନ୍ନ ପାଢ଼ି ମଞ୍ଚାସୀନ ଥିଲେ। ସମସ୍ତ ଅତିଥି ବୃନ୍ଦଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଶେଷରେ ବିଭିନ୍ନ ସରକାରୀ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ଥିବାବେଳେ ସହରର ଏସ୍‌ଏଚ୍‌ଜି ଗ୍ରୁପ୍‌ର ମହିଳାମାନେ ଯୋଗଦେଇଥିଲେ। ଭୋଜନ ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## 'ସହରକୁ ସ୍ୱଚ୍ଛ ସବୁଜ ଓ ପଲିଥିନ ମୁକ୍ତ ସହର ଗଠନ କରିବାକୁ ଆହ୍ୱାନ'




ଗୁଣୁପୁର,୩୧।୮ (ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ପୌର ପାରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଉତ୍ସାହ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି। ସକାଳେ ପୌର ପାରିଷଦ ପକ୍ଷରୁ ଅଧ୍ୟକ୍ଷା ମମତା ଗୌଡ଼, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ସହ ଅନ୍ୟ ଅଧିକାରୀ ସହରରେ ଥିବା ମହାପୁରୁଷ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ପୌର ପାରିଷଦର ଅଫିସରେ ପହଞ୍ଚି ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଗୁଣୁପୁର ଡାକ୍ତରଖାନା, ସେବା ସମାଜ ଓ ବାଳ ନିକେତନକୁ ଯାଇ ଫଳ ମୂଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପୌର ପରିଷଦ ଅଫିସରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଗୁଣୁପୁର ବିଡ଼ିଓ ସ୍ୱସ୍ତିକ ଜମାଦାର, ସମ୍ମାନିତ ଅତିଥି ଭାବେ ପୌର ପାରିଷଦର ଅଧ୍ୟକ୍ଷା ମମତା ଗୌଡ଼, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ବରିଷ୍ଠ ନାଗରିକ ସଂଘର ସଭାପତି ସୂର୍ଯ୍ୟ ନାରାୟଣ ରଥ ମଞ୍ଚାସିନ ଥିଲେ। ମୁଖ୍ୟଅତିଥି ଶ୍ରୀ ଜମାଦାର ସହରକୁ ସ୍ୱଚ୍ଛ ସବୁଜ ଓ ସୁନ୍ଦର ଭାବେ ଗଢ଼ିବା ସହ ପଲିଥିନ ମୁକ୍ତ ସହର ଗଠନ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷା ମମତା ଗୌଡ଼ ନିଜ ବକ୍ତବ୍ୟରେ ବାଇପାସରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି ସ୍ଥାପନା, ନୂଆ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ଫୁଡ଼ ପାର୍କ ନିର୍ମାଣ , ଏଣ୍ଟ୍ରିଗେଟ୍ ନିର୍ମାଣ, ସହରରେ ଆଉ ୪ଟି କଲ୍ୟାଣ ମଣ୍ଡପ ନିର୍ମାଣ, ବିଭିନ୍ନ ସ୍ଥାନରେ ପାଦଚଲା ରାସ୍ତା ନିର୍ମାଣ, ନୂଆ ପୌର କାର୍ଯ୍ୟାଳୟ କୋଠା ନିର୍ମାଣ କରିବାକୁ ପ୍ରୟାସ ଜାରି ରହିଛି ବୋଲି କହିଥିଲେ। ସହରକୁ ନୂଆ ବାଇପାସ ରାସ୍ତା ଓ ବଂଶଧାରା ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ କରିବାକୁ ସରକାରଙ୍କ ପାଖରେ ଆଜି ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ଦାବି କରିଥିଲେ। ଏହି ଅବସରରେ ପୌର ପାରିଷଦର ସମସ୍ତ କାଉନସିଲର ଓ ୪ ଜଣ ବରିଷ୍ଠ ନାଗରିକ ସୂର୍ଯ୍ୟ ରଥ, କୈଳାସ ଦାସ, ନୀଳମାଧବ ପାଢ଼ୀ, ପ୍ରଶାନ୍ତ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସ୍ୱାୟତ୍ତ ଶାସନ ଦିବସ ଅବସରରେ ସ୍କୁଲ ଓ କଲେଜସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଫେଇ କର୍ମଚାରୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇ ପୋଷାକ ଓ ଶାଢ଼ୀ ବଣ୍ଟନ କରାଯାଇଥିଲା। ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ୩୪ ଜଣଙ୍କୁ ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯାଇଥିଲା ଓ ୬ ଜଣଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ୱାୟତ୍ତ ଶାସନ ଦିବସରେ ନଗର ଉନ୍ନୟନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଭାଷଣର ସିଧା ପ୍ରସାରଣ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ସଂଯୋଜନା କରିଥିବା ବେଳେ ମଞ୍ଚକୁ ସଙ୍ଗୀତା ପଟ୍ଟନାୟକ ଓ ଅନନ୍ତ ପାତ୍ର ପରିଚାଳନା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ପୌର ପରିଷଦର ସହକାରୀ ଯନ୍ତ୍ରୀ ୱାଇ ଯୁଧିଷ୍ଠିର, କନିଷ୍ଠ ଯନ୍ତ୍ରୀ ଦୁତିକା ମୁଦୁଲି, ସିଓ ସଙ୍ଗୀତା ପଟ୍ଟନାୟକ, ଭାସ୍କର ପ୍ରଧାନ, ସୁଭାଶିଷ ସ୍ୱାଇଁ, ତାପସ ପଟ୍ଟନାୟକ, ରଶ୍ମି ଚୌଧୁରୀ, ପିଣ୍ଟୁ ପଟ୍ଟନାୟକ, ମୀନା ବାଉରୀ ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ଚଢ଼ାଦରରେ ସାର ବିକ୍ରି ପ୍ରତିବାଦରେ ଚାଷୀଙ୍କ ରାସ୍ତା ଅବରୋଧ



କାଲିମେଳା/ଏମଭି୭ ୯, (ସମିସ) ୩୧।୮: ସାର କଳାବଜାର, ଅପମିଶ୍ରଣ ଏବଂ ବଜାରରେ ୟୁରିଆ ମିଳୁ ନଥିବାରୁ ଚାଷୀକୁଳ ହନ୍ତସନ୍ତ ହେଉଛନ୍ତି। ଚଢ଼ାଦରରେ ସାର ବିକ୍ରି ଓ କଳାବଜାରୀର ପ୍ରତିବାଦରେ ପୁସୁଗୁଡ଼ା ପଞ୍ଚାୟତର ଚାଷୀମାନେ ରବିବାର ୩୨୬ ନମ୍ବର ଜାତୀୟ ରାଜପଥର ଅବରୋଧ କରିଥିଲେ। ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ୍‌ରେ ପ୍ରାୟ ୭୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ। ତେବେ ଏବେ ଏକ ମାସରୁ ଊର୍ଦ୍ଧ୍ୱ ହେବ ଚାଷ କାମ ସରିଥିବା ବେଳେ ଜମିରେ ଖାଲି ସାର ପକାଇବା ବାକି ରହିଛି। କିନ୍ତୁ ସାର ଯୋଗାଣରେ ସରକାର ବିଫଳ ହେଉଥିବା ବେଳେ ଏହାର ଫାଇଦା ନେଇ ଚାଷୀଙ୍କୁ ଖାଲି ଲୁଟି ଚାଲିଛନ୍ତି ସାର ବେପାରୀମାନେ ବୋଲି ରାସ୍ତାରୋକ ସମୟରେ ଅନ୍ଦୋଳନକାରୀମାନେ ଅଭିଯୋଗ କରିଥିଲେ। ୟୁରିଆ ସାର ବସ୍ତାର ସରକାରୀ ଦାମ ୨୬୮ ଟଙ୍କା ରହିଥିବା ବେଳେ ପୁସୁଗୁଡ଼ା ପଞ୍ଚାୟତର ଜ୍ୟୋତିର୍ମୟୀ ଆଣ୍ଡ ସୁଧର୍ଶନ ଟ୍ରାଡ଼ର୍ଶ , ଏମ୍.ଏସ୍. ମିରିକାଙ୍କ ମିସ୍ତ୍ରୀ ଡିଲର ସାର ପ୍ୟାକେଟ ପିଛା ୮୦୦ ରୁ ୧୦୦୦ ଟଙ୍କାରେ ବିକ୍ରି କରୁଥିବା ଚାଷୀ ଅଭିଯୋଗ କରିଥିଲେ। ସାର ବେପାରୀମାନଙ୍କୁ ନିର୍ଦ୍ଧାରିତ ଦରରେ ସାର ବିକ୍ରି କରିବା ପାଇଁ ନିର୍ଦ୍ଦେଶ ଦେବାକୁ ପ୍ରଶାସନ ନିକଟରେ ଚାଷୀମାନେ ଦାବି କରିଛନ୍ତି। ତେବେ ଖବରପାଇ ମୋଟୁ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିବା ଦେଖିବାକୁ ମିଳିଛି।

## ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର

ପଦ୍ମପୁର,୩୧।୮ (ସମିସ): ରବିବାର ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ସମରଝୋଲ ସ୍ଥିତ ଶଙ୍କର ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ଓ ପରଳ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଉକ୍ତ ଶିବିରକୁ ଅତିରିକ୍ତ ତହସିଲଦାର ସଂଜୟ ଦାସ ବାନାର୍ଜୀ ଉଦ୍‌ଘାଟନ କରିଥିଲେ। ଏହା ସହିତ ଗୁଣୁପୁର ସଂକୁଳ ପ୍ରମୁଖ ଜଗନ୍ନାଥ ପଟ୍ଟନାୟକ, ଡା. ଲାଡି ରାକେଶ, ଡା. ଅରୁଣ କୁମାର ମାନସିଂ, ସ୍କୁଲ ସମ୍ପାଦକ ସୁନୀଲ କୁମାର ମିଶ୍ର ଉପସ୍ଥିତ ଥିଲେ। ସ୍କୁଲର ପ୍ରଧାନ ଆଚାର୍ଯ୍ୟ ରାଧାକୃଷ୍ଣ ସାହୁ ଶିବିରକୁ ପରିଚାଳନା କରିଥିଲେ। ଏଥିରେ ମୋଟ ୧୦୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ୧୨୫ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇ ୩୫ ଜଣଙ୍କ ପରଳ ବା ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା। ୨୫ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ମାଗଣାରେ ହସ୍ପିଟାଲକୁ ଯିବାର ବ୍ୟବସ୍ଥା କରାଯାଇଥିଲା। ୧୯ ଜଣଙ୍କର ରେଟିନା ଚେକ ଅପ କରାଯାଇଥିଲା। ହସ୍ପିଟାଲ ଷ୍ଟାଫ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା, ପଦ୍ମପୁରର ସମାଜସେବୀ, ଗ୍ରାମବାସୀମାନେ ସହଯୋଗ କରିଥିଲେ। ଉକ୍ତ ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଅରୁଣ କୁମାର ମାନସିଂ, ଡା. ଲାଡୀ ରାକେଶ, ଫାର୍ମାସିଷ୍ଟ ରଶ୍ମୀ ରଞ୍ଜନ ପାଢ଼ୀ, ଫାର୍ମାସିଷ୍ଟ ମୋନଜ କୁମାର ସୁବୁଦ୍ଧି, ସ୍ୱାସ୍ଥ୍ୟ କର୍ମୀ ଲଳିତା ଶବର, ଫାର୍ମାସିଷ୍ଟ ପ୍ରବୀଣ କୁମାର ପଣ୍ଡୁସାହୁ, ସ୍ୱାସ୍ଥ୍ୟକର୍ମୀ ସୁଜାତା ହୋତା, ସିଏଚ୍‌ଓ ରଂଜିତା ପ୍ରଧାନ, ଶ୍ରୀକାନ୍ତ ଦାସ, ଶଙ୍କର ଚକ୍ଷୁ ଚିକିତ୍ସାଳୟର ଷ୍ଟାଫ୍ ନଳିନୀକାନ୍ତ ରାଉତ, ପାର୍ବତୀ ସ୍ୱାଇଁ, ସୋନାଲି ସ୍ୱାଇଁ, ସ୍ନେହଲତା ସ୍ୱାଇଁ, ପୂଜା ପ୍ରଧାନ, ସୁନିତା ମଣ୍ଡଳ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ରାୟଗଡ଼ା ଜିଲ୍ଲାରେ କଚ୍ଛପ ଗତିରେ ଚାଲିଛି ପିଏମ୍ ଜନମନ ଯୋଜନା



➤ ସମ୍ପୂର୍ଣ୍ଣ ହୋଇଛି ମାତ୍ର ୪୩ ପ୍ରତିଶତ ଗୃହ
➤ ସେପ୍ଟେମ୍ବର ସୁଦ୍ଧା ଟାର୍ଗେଟ୍ ପୂରଣ ଲକ୍ଷ୍ୟ
➤ ଛୁଟି ଦିନରେ ବି ସ୍ଥିତି ପରଖିଲେ ଅଧିକାରୀ

ରାୟଗଡ଼ା,୩୧।୮ (ସମିସ): ପିଏମ୍ ଜନମନ ଯୋଜନାରେ ହିତାଧିକାରୀମାନେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିବା ବେଳେ ଅନେକ କିସ୍ତି ଅନୁଯାୟୀ ସହାୟତା ରାଶି ମଧ୍ୟ ପାଉଛନ୍ତି। ତଥାପି ରାୟଗଡ଼ା ଜିଲ୍ଲାରେ ଏହି ଯୋଜନାରେ ଗ୍ରାମୀଣ ଗୃହ ନିର୍ମାଣ କାର୍ଯ୍ୟ ଏକ ପ୍ରକାର ମନ୍ଥର ଗତିରେ ଚାଲିଛି। ଯାହାକୁ ନେଇ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଟାର୍ଗେଟ ଆସନ୍ତା ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ପୂରଣ ହେବ କି ନାହିଁ ତାକୁ ନେଇ ଚିନ୍ତାରେ ରହିଛି ପ୍ରଶାସନ। ଫଳରେ ଛୁଟି ଦିନରେ ମଧ ଦୁର୍ଗମ ଅଞ୍ଚଳ ଗସ୍ତ କରି ସ୍ଥିତି ପରଖୁଛନ୍ତି ଅଧିକାରୀ। ଜିଲ୍ଲାର ମୁନିଗୁଡା ବ୍ଲକ୍ ଅନ୍ତର୍ଗତ ମୁନିଖୋଲ ଗ୍ରାମ ପଞ୍ଚାୟତର ଅତ୍ୟନ୍ତ ଦୁର୍ଗମ ଅଞ୍ଚଳକୁ ଶୁକ୍ରବାର ଗସ୍ତ କରିଛନ୍ତି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଅକ୍ଷୟ କୁମାର ଖେମୁଣ୍ଡୁ। ପ୍ରଥମେ ସେ ମୁନିଗୁଡ଼ା ବ୍ଲକ୍ ସ୍ଥିତ ମୁନିଖୋଲ ଗ୍ରାମ ପଞ୍ଚାୟତ ଅଫିସକୁ ପହଞ୍ଚିଥିଲେ, ସେଠାରେ ଉପସ୍ଥିତ ଥିବା ପଞ୍ଚାୟତର ସରପଞ୍ଚ, ପିଇଓ, ଜିଆରଏସ ଏବଂ ପିଏମ ଜନମନ ହିତାଧିକାରୀଙ୍କ ପାଇଁ କାର୍ଯ୍ୟ କରୁଥିବା ସମସ୍ତ ମିସ୍ତ୍ରୀ, ପଞ୍ଚାୟତ ପ୍ରତିନିଧିଙ୍କ ସହ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି କିଭଳି ପିଏମ୍ ଜନମନ ଘର ଆଗାମୀ ଏକ ମାସ ମଧ୍ୟରେ ଅର୍ଥାତ ସେପ୍ଟେମ୍ବର ୩୦ ସୁଧା କାର୍ଯ୍ୟ ସମାପନ କରାଯିବ ତାହାର ଏକ ବିସ୍ତୃତ ଖସଡା ପ୍ରସ୍ତୁତ କରିଥିଲେ। ପରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଖେମୁଣ୍ଡୁ ବ୍ଲକର କିଛି ପଦାଧିକାରୀଙ୍କ ସହ ବଡ ଓ ସାନ ଡେଙ୍ଗୁଣି ଓ ଶକଟା ଗ୍ରାମ ଅଭିମୁଖେ ବାହାରିଥିଲେ। ଅଧା ବାଟରେ ଗାଡି ରଖି କିଛି ବାଟ ମୋଟରସାଇକେଲ ଏବଂ କିଛିବାଟ ଚାଲି ଚାଲି ଯାଇ ଉକ୍ତ ଗ୍ରାମ ଗୁଡିକର ପରିସ୍ଥିତି ପରଖିଥିଲେ। ବିଶେଷଭାବରେ ସରକାରଙ୍କ ଦ୍ୱାରା ଦିଆଯାଉଥିବା ସମସ୍ତ ସୁବିଧା ସୁଯୋଗ ଆଦିମ ଜନଜାତି (ପିଭିଟିଜି) ଗରିବ ଓ ଆର୍ଥିକ ଅନଗ୍ରସର ଲୋକଙ୍କ ପାଖରେ ପହଞ୍ଚୁଛି କି ନାହି ତା'ର ସବିଶେଷ ତଥ୍ୟ ଗ୍ରାଉଣ୍ଡ ଜିରୋରୁ ନେଇଥିଲେ। ବର୍ଷାଦିନ ପାଇଁ ରାସ୍ତା ଏକ ପ୍ରମୁଖ ଅସୁବିଧା ହେଉଥିବା ଯୋଗୁଁ ପିଏମ୍ ଜନମନ ଯୋଜନାରେ ତିଆରି ହେଉଥିବା ଘର ଗୁଡିକର ଅଗ୍ରଗତି ଧିମା ପଡିଥିବା ମୁଖ୍ୟ ଉନ୍ନୟନ ଅଧିକାରୀ ଜାଣିବାକୁ ପାଇଥିଲେ। ହିତାଧିକାରୀମାନେ କିଭଳି ଭାବରେ ଠିକ ସମୟରେ ଘର କରିପାରିବେ ସେଥିପାଇଁ ସମସ୍ତ ଆନୁସଙ୍ଗିକ ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ ବ୍ଲକ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦୁର୍ଗମ ଅଞ୍ଚଳ ଗ୍ରାମରେ ବିଜୁଳି ଓ ପିଇବା ପାଣିର ବ୍ୟବସ୍ଥା ଥିବା ଦେଖି ଖୁସି ପ୍ରକଟ କରିବା ସହ କିଭଳି ଭାବରେ ମନେରଗା ମାଧ୍ୟମରେ ପିଭିଟିଜି ହିତାଧିକାରୀମାନେ ନିଜର ଛେଳି, ଘୁଷୁରି, କୁକୁଡା ପାଳନ କରି ନିଜେ ଅର୍ଥନୀତି ଦୃଷ୍ଟିକୋଣରୁ ସ୍ୱାବଲମ୍ବୀ ହୋଇପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ତେବେ ଜିଲ୍ଲାର ୪ଟି ଆକାଂକ୍ଷା ବ୍ଲକ୍ ମୁନିଗୁଡା, ପଦ୍ମପୁର, ବିଷମକଟକ ଓ ରାମନାଗୁଡ଼ାରେ ଏହି ଜନମନ ଯୋଜନାରେ ୭୭୦୫ଟି ଗ୍ରାମୀଣ ଗୃହ ନିର୍ମାଣ ପାଇଁ ଗତ ଆର୍ଥିକ ବର୍ଷରୁ କାର୍ଯ୍ୟାରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୩୦୯ଟି ଗୃହ ନିର୍ମାଣ ହୋଇଛି, ଯାହାକି ଲକ୍ଷ୍ୟ ଧାର୍ଯ୍ୟର କେବଳ ୪୩ ପ୍ରତିଶତ। ବଳକା ୫୩ ପ୍ରତିଶତ ତଥା ୪୩୯୬ ଗୃହ ନିର୍ମାଣ ଦିଗରେ ଯଥାସମ୍ଭବ ଉଦ୍ୟମ କରାଯାଉଥିବା ବେଳେ ବ୍ଲକ୍ ଗୁଡିକର ଭୌଗଳିକ ସ୍ଥିତିକୁ ଅନୁଧ୍ୟାନ କଲେ ଦୁର୍ଗମ ଅଞ୍ଚଳରେ ଗୃହ ନିର୍ମାଣ ପାଇଁ ଗମନାଗମନରେ ରାସ୍ତା ସମସ୍ୟା ବାଧକ ସାଜିଥିବା ଏକ ମୁଖ୍ୟ ସମସ୍ୟା ହୋଇଛି ବୋଲି ବିଭାଗୀୟ ଅଧିକାରୀ ଏପିଡି ଆରଏଚ ପ୍ରଭାତ ଲେଙ୍କା ପ୍ରକାଶ କରିଛନ୍ତି। ଲକ୍ଷ୍ୟ ଧାର୍ଯ୍ୟ ପୂରଣ ନ ହେଲେ ସରକାରଙ୍କ ତରଫରୁ ଆଉ ମାସେ ଦୁଇ ମାସ ସମୟ ଅବଧି ଦିଆଯିବ ବୋଲି ସେ କହିଛନ୍ତି। ସେହିପରି ମୁନିଗୁଡ଼ା ବ୍ଲକରେ ୪୮୩ ଗୃହ ନିର୍ମାଣ କାର୍ଯ୍ୟାଦେଶ ବଣ୍ଟନ ହୋଇଥିବା ବେଳେ କେବଳ ୭୩ଟି ଘର ସମ୍ପୂର୍ଣ୍ଣ ହୋଇଛି, ବଳକା କେଉଁଠି ଅଧାପନ୍ତରିଆ ରହିଛି ତ କେଉଁଠି ମୂଳରୁ ଆରମ୍ଭ ହୋଇ ନ ଥିବା ଶୁଣିବାକୁ ମିଳିଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଖେମୁଣ୍ଡୁଙ୍କ ସହ ସ୍ଥାନୀୟ ସରପଞ୍ଚ ପାଇକ ଜାକୋକା, ଏପିଡି ଆରଏଚ ପ୍ରଭାତ କୁମାର ଲେଙ୍କା, ପିଇଓ ଦିନେଶ କୁମାର ଶବର, ଜିଆର୍‌ଏସ୍ ଅଜିତ ନାଗ ଏହି ଅଞ୍ଚଳକୁ ମୋଟର ସାଇକେଲ ଓ ଚାଲି ଚାଲି ନେବାରେ ସହଯୋଗ କରିବା ସହ ଲୋକଙ୍କ ମୌଳିକ ସମସ୍ୟାକୁ ଉନ୍ନୟନ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ପରେ ମୁନିଗୁଡ଼ା ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

# ସୀମାନ୍ତରେ ୭ ମାଓବାଦୀଙ୍କ ଆତ୍ମସମର୍ପଣ




ମାଲକାନଗିରି, ୩୧।୮ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନା ରାଜ୍ୟର ମୁଲୁଗୁ ଜିଲ୍ଲାରେ ୭ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସୂଚନାନୁଯାୟୀ, ମୁଲୁଗୁ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଏସ୍‌ପିଙ୍କ ନିକଟରେ ଏହି ନକ୍ସଲମାନେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା ନକ୍ସଲ ରହିଛନ୍ତି। ସମସ୍ତ ନକ୍ସଲ ଛତିଶଗଡ଼ର ବିଜାପୁର ଜିଲ୍ଲାର ବାସିନ୍ଦା ବୋଲି ଜଣାପଡିଛି। ମାଓ ସଙ୍ଗଠନ ଭାଙ୍ଗିବା ସହ ପଥ ଭ୍ରଷ୍ଟ ହେଉଥିବାରୁ ଏମାନେ ସାଧାରଣ ଜୀବନଯାପନ ପାଇଁ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ଥାତି ଉଙ୍ଗି(୩୫), କୋଡସେ ସୁକ୍କୁ(୩୪), ସୋଡି ଭୀମେ(୨୦), କୁଞ୍ଜମ ବାରଲକ୍ଷ୍ମୀ(୧୮), ପଦ୍ମ ଜଗା(୫୧), କୋରସା ପାଇକୀ(୩୪) ଏବଂ ସୋଡି ଆଡମା(୪୦)। ଏମାନଙ୍କ ମୁଣ୍ଡରେ ୭ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ରବିବାର ସମସ୍ତ ନକ୍ସଲଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

# ଘର ଭିତରକୁ ମାଡ଼ିଗଲା କାର୍



ଟିକିରି,୩୧।୮ (ସମିସ): ଶନିବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ଘର ଭିତରକୁ ମାଡିଯାଇଛି କାର। ଏହି ଘୋଟଣା ରାୟଗଡ଼ା ଜିଲ୍ଲା ଟିକିରି ଥାନା ଅନ୍ତର୍ଗତ ସାନମାଟିକଣା ଗ୍ରାମରେ ଘଟିଛି। ଉକ୍ତ ଗାଁ ମଝିଦେଇ ଗ୍ରାମ୍ୟଉନ୍ନୟନ ବିଭାଗର ରାସ୍ତା ଯାଇଛି। ଏହି ରାସ୍ତାଦେଇ ଦୈନିକ ଶତାଧିକ ୨ ଚକିଆ ଓ ଚାରି ଚକିଆ ଗାଡି ଯିବା ଆସିବା ହେଉଛି। ରାତି ୧୧ଟା ସମୟରେ ସ୍ଥାନୀୟ ଏକ କାର୍ଯ୍ୟରତ ଏକ ଠିକା ସଂସ୍ଥାର ଫର୍ଚୁନର ଗାଡି ( ଡିଏଲ ୧୦ସିଜି ୪୧୪୭) କଂସାରିଗୁଡ଼ା ଠାରୁ ଟିକିରି ଯିବା ସମୟର ଭାରସାମ୍ୟ ହରାଇ ସାନମାଟିକଣା ଗ୍ରାମର ଚନ୍ଦ୍ରମଣି ନାଏକଙ୍କ ଘର ଭିତରକୁ ପଶିଯିବା ଫଳରେ ଘରଟି ଭାଙ୍ଗି ଚୁରମାର ହୋଇଯାଇଛି। ଏଥିସହ ଅଜୟ ନାଏକଙ୍କ ଘରର କ୍ଷୟକ୍ଷତି ହୋଇଛି। ଖବର ପାଇ ଟିକିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଥିବା ଡ୍ରାଇଭର ଓ ଅନ୍ୟ ଜଣେ ଯାତ୍ରୀଙ୍କୁ ଉଦ୍ଧାର କରି ଉଷାପଡାସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ରାସ୍ତା ଅବୋରଧ କରି ଗାଡିଟି ଫସି ରହିଥିବାରୁ ସାନମାଟିକଣ ଦେଇ ଟିକିରି ଓ ପୋଡାପାଡି ଚଳାଚଳ ଠପ୍ ହୋଇଯାଇଛି। ଅଣଓସାରିଆ ରାସ୍ତା ହୋଇଥିବାରୁ ସବୁ ସମୟରେ ଛଟବଡ ଅଘଟଣ ଘଟୁଛି। ବାଇପାସ ରାସ୍ତା ତିଆରି ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଖବର ଲେଖାହେବା ସୁଦ୍ଧା କ୍ଷତିପୂରଣର ସମାଧାନ ହୋଇପାରି ନଥିବାରୁ ରାସ୍ତା ଉପରୁ ଗାଡିଟିକୁ ହଟାଯାଇ ପାରିନାହିଁ।

# ଶିକ୍ଷକ ତପନ କୁମାର ବାଇନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଏମଭି ୭୯,(ସମିସ)୩୧।୮: କାଲିମେଲା ବ୍ଲକ୍ ଶିକ୍ଷା ଅନ୍ତର୍ଗତ ଲୁଗେଲ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୩୯ ବର୍ଷର ଦୀର୍ଘ ଶିକ୍ଷକତା ଜୀବନ ସଫଳତାର ସହ ସମାପନ କରିଥିବା ବରିଷ୍ଠ ଶିକ୍ଷକ ତପନ କୁମାର ବାଇନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ବାରୋଇ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଧନେଶ୍ୱର ନାୟକ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ନିମାଇଁ ପାଲ ପ୍ରମୁଖ ଉପସ୍ଥିତ ଥିଲେ। ଦାମୋଦର ଦୁରୁଆଙ୍କ ସଭାପତିତ୍ୱରେ ଏହି ସ୍ମରଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶ୍ରୀ ବାଇନଙ୍କର ଦୀର୍ଘ ବର୍ଷର ଶିକ୍ଷକତା ଜୀବନରେ ତାଙ୍କର ଅବଦାନ, ନିଷ୍ଠା ଏବଂ ସଫଳତା ବିଷୟରେ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଶ୍ରୀ ବାଇନଙ୍କୁ ସମ୍ମାନଜନକ ଭାବେ ବିଦାୟ ଦିଆଯାଇ ତାଙ୍କର ସୁଖମୟ ଓ ସ୍ୱାସ୍ଥ୍ୟକର ଭବିଷ୍ୟତ ନିମନ୍ତେ ସମସ୍ତେ କାମନା କରିଥିଲେ। ଆଜିର ଏହି ଏହି ସମ୍ବର୍ଦ୍ଧନା ସଭାରେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ପରିମଳ ସାନା, ସୁରେଶ ବଳ, ଅକ୍ଷୟ କୁମାର ରାଉତ, ପାର୍ବତୀ ପ୍ରଧାନ, ଲାଛି ସୋଡ଼ୀ, ସାବିତ୍ରୀ ମାଡ଼ୁମ, ଗୋବିନ୍ଦ ମଣ୍ଡଳ ପ୍ରମୁଖ ଥିଲେ। ଶିକ୍ଷକ ସଚିନ କୃଷ୍ଣ ସାନା, ଗୋଦାବରୀଶ ଦାସ ଏବଂ କୃଷ୍ଣ ମଣ୍ଡଳ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅବସରପ୍ରାପ୍ତ ଯବାନଙ୍କ ପରଲୋକ

ଗୁଣୁପୁର,୩୧।୮ (ସମିସ): ସ୍ଥାନୀୟ ବ୍ରାହ୍ମଣ ସାହିର ମୁଳବାସିନ୍ଦା ଅବସରପ୍ରାପ୍ତ ଭାରତୀୟ ସେନାର ଯବାନ ମନୋରଞ୍ଜନ ରଥଙ୍କର ୮୫ ବର୍ଷ ବୟସରେ ଆଜି ସକାଳେ ଦେହାନ୍ତ ହୋଇଯାଇଛି। ସେ କିଛିବର୍ଷ ହେବ କର୍କଟ ରୋଗରେ ପିଡିତ ହୋଇ ଚିକିତ୍ସିତ ହେଉଥିଲେ। ଏବେ ସେ ମୁମ୍ବାଇରେ ବଡପୁଅ ପାଖରେ ରହି ଚିକିତ୍ସିତ ହେଉଥିବା ଅବସ୍ଥାରେ ଦେହାନ୍ତ ହୋଇଥିଲା। ସ୍ଥାନୀୟ ଜିଆଇଇଟିର ଉଦ୍ୟୋକ୍ତା ଗୃପ୍‌ରେ ମଧ୍ୟ ସେ ସାମିଲ ଥିଲେ। ଗୁଣୁପୁରରେ ନୂତନ ଶ୍ରୀ ଜଗନ୍ନାଥ ମନ୍ଦିର ନିର୍ମାଣରେ ମଧ୍ୟ ତାଙ୍କର ଯଥେଷ୍ଟ ଅବଦାନ ରହିଥିଲା। ବ୍ଲକ ନିକଟସ୍ଥ ଗଜଲକ୍ଷ୍ମୀ ପୂଜା କମିଟିର ସେ ବହୁବର୍ଷ ସଭାପତି ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

# ଜୋର୍ ଧରିଲା ବିଷମ କଟକକୁ ଉପଖଣ୍ଡ ମାନ୍ୟତା ଦାବି

## ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ପାଇଁ ସଜବାଜ



ବିଷମ କଟକ,୩୧।୮ (ସମିସ): ରାୟଗଡା ଜିଲ୍ଲା ବିଷମ କଟକ ସହରକୁ ଉପଖଣ୍ଡ ମାନ୍ୟତା ପାଇଁ ଦାବି ଜୋର୍ ଧରିଛି। ଏନେଇ ବିଷମ କଟକ ନାଗରିକ ମଞ୍ଚ ତରଫରୁ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଷମ କଟକ ବିକାଶ ମଞ୍ଚର ସଭାପତି ଗପାଳ କୃଷ୍ଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବିଷମ କଟକ ଓକିଲ ସଂଘ, ସାମ୍ବାଦିକ ସଂଘ, ବିଭିନ୍ନ ରାଜନୈତିକ ଦଳ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସୂଚନାଅନୁଯାୟୀ, ଗତ ଅଗଷ୍ଟ ମାସରେ ରାଜ୍ୟସରକାର ବିଷମ କଟକ ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିଛନ୍ତି। ହେଲେ ପୂର୍ବରୁ ବିଷମ କଟକ ସହରକୁ ଉପଖଣ୍ଡ ମାନ୍ୟତା ଦାବିରେ ବିଷମ କଟକ ବିକାଶ ମଞ୍ଚ, ଓକିଲ ସଂଘ, ବଣିକ ସଂଘ ଏବଂ ସହରବାସୀଙ୍କ ତରଫରୁ ବିଭିନ୍ନ ସମୟରେ ଆନ୍ଦୋଳନ ହୋଇଆସିଥିଲା। ଉପଖଣ୍ଡ ମାନ୍ୟତା ନେଇ ବିଭିନ୍ନ ସମୟରେ ୧୨ ଘଣ୍ଟିଆ ବନ୍ଦ ଡାକରା ମଧ୍ୟ ଦିଆଯାଇଥିଲା। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅମଳରୁ ବିଷମ କଟକ ସହରକୁ ଉପଖଣ୍ଡ ମାନ୍ୟତା ଦାବି ହୋଇ ଆସିଥିଲା। ପୂର୍ବରୁ ବିଷମ କଟକ ସହରକୁ ଉପଖଣ୍ଡ ମାନ୍ୟତା ପାଇଁ ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ବର୍ତ୍ତମାନ ବିଷମ କଟକ ସହରକୁ ରାଜ୍ୟ ସରାକରଙ୍କ ତରଫରୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ହୋଇସାରିଛି। ବିଷମ କଟକ ସହର ଉପଖଣ୍ଡ ମାନ୍ୟତା ପାଇଁ ସମସ୍ତ ପ୍ରକାର ଯୋଗ୍ୟତା ରହିଛି। ଉପଖଣ୍ଡ କାର୍ଯ୍ୟାଳୟ ନିମନ୍ତେ ପର୍ଯ୍ୟାପ୍ତ ସରକାରୀ ଜାଗା ରହିଛି। ବିଷମ କଟକ ସହରକୁ ଉପଖଣ୍ଡ ମାନ୍ୟତା ମିଳିଲେ ବିଷମ କଟକ, ମୁନିଗୁଡା ଓ ଚନ୍ଦ୍ରପୁର ବ୍ଲକର ଲୋକେ ଉପକୃତ ହେବେ। ବର୍ତ୍ତମାନ ଏହି ତିନଟି ବ୍ଲକ୍‌ର ଜନସାଧାରଣ ଗୁଣୁପୁର ଉପଖଣ୍ଡ ଉପରେ ନିର୍ଭର କରିବାକୁ ପଡୁଛି। ଗରିବ ଶ୍ରେଣୀର ଲୋକେ କୌଣସି କୋର୍ଟ କଚେରୀ କାର୍ଯ୍ୟ କିମ୍ବା କୌଣସି ସରକାରୀ କାର୍ଯ୍ୟ ପାଇଁ ଗୁଣୁପୁର ଉପରେ ନିର୍ଭର କରିବାକୁ ପଡୁଛି। ଗୁଣୁପୁର ଯିବାକୁ ହେଲେ ଠିକ୍ ସମୟ ବସ୍ ସେବା ନଥିବାରୁ ସ୍ୱତନ୍ତ୍ର ଗାଡି ଭଡ଼ା କରି ଯିବାକୁ ପଡୁଛି। ଏଥିପାଇଁ ଲୋକେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଚନ୍ଦ୍ରପୁର ବ୍ଲକରୁ ଗୁଣୁପୁର ୧୪୦ କିଲୋମିଟର, ମୁନିଗୁଡାରୁ ଗୁଣୁପୁର ୯୦ କିଲୋମିଟର ଓ ବିଷମ କଟକରୁ ଗୁଣୁପୁରକୁ ୬୫ କିଲୋମିଟର ଦୂରତା ରହିଛି। ତିନୋଟି ବ୍ଲକ୍ ମଧ୍ୟଭାଗରେ ବିଷମ କଟକ ରହିଛି। ତେଣୁ ବିଷମକଟକ ସହରକୁ ଉପଖଣ୍ଡ ମାନ୍ୟତା ଦିଆଗଲେ ତିନିଟି ବ୍ଲକର ଜନସାଧାରଣ ଉପକୃତ ହେଇପାରିବେ। ରାଜ୍ୟସରକାରଙ୍କ ତରଫରୁ ୩୧ ଡିସେମ୍ବର ସୁଦ୍ଧା ସୀମା ନିର୍ଦ୍ଧାରଣ କରି ଜିଲ୍ଲା, ଉପଖଣ୍ଡ ଓ ବ୍ଲକ୍ ପୁନର୍ଗଠନ ପାଇଁ ପଦକ୍ଷେପ ନେବାକୁ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଷମକଟକକୁ ଉପଖଣ୍ଡ ମାନ୍ୟତା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ଦାବି କରାଯାଇଛି। ଆଜିର ପ୍ରସ୍ତୁତି ବୈଠକରେ ଉପଖଣ୍ଡ ମାନ୍ୟତା ଦାବି ଉପସ୍ଥାପନା କରିବା ପାଇଁ ସମସ୍ତ ପ୍ରକାର ଖସଡା ପ୍ରସ୍ତୁତି କରାଯାଇଛି। ଆସନ୍ତା ରବିବାର ବିଷମ କଟକର ଏକ ଦଳ ରାୟଗଡ଼ା ଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେବାପାଇଁ ନିଷ୍ପତ୍ତି ନିଆଯାଇଛି। ଆୟୋଜିତ ବୈଠକରେ ବିଷମ କଟକ ଓକିଲ ସଂଘର ସଭାପତି ସନ୍ତୋଷ ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ନବୀନ ଟ୍ରଷ୍ଟର ସଭାପତି ବାଲା ମୁକୁନ୍ଦ ପାଳ, ରବୀନ୍ଦ୍ର ପଣ୍ଡା, ଡ଼ି. ଶିବା, କାଟୁ ରଣା, ପ୍ରଶାନ୍ତ ରଥ, ବିନାୟକ ହତା ଜି. ଶ୍ରୀନିବାସ କୁମାର, ଶିବ ନରେନ୍ଦ୍ର ଓ ଶୁଭମ ମହାପାତ୍ରଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ।

# କାର୍ ସହ ୧୦୦ କେଜି ଗଞ୍ଜେଇ ଜବତ; ୩ ଗିରଫ



ମାଲକାନଗିରି,୩୧।୮ (ସମିସ): ପୁଲିସ ପାଟ୍ରୋଲିଙ୍ଗ ବେଳେ କାର ସହ ୧୦୦ କେଜି ଗଞ୍ଜେଇ ଜବତ କରିବା ସହ ୩ ଜଣ ଚୋରା ଚାଲାଣକାରୀଙ୍କୁ ଗିରଫ କରିଛି ମାଲକାନଗିରି ପୁଲିସ। ଶନିବାର ସନ୍ଧ୍ୟାରେ ମାଲକାନଗିରି ଥାନା ସବ୍‌ଇନ୍ସପେକ୍ଟର ସର୍ବେଶ୍ୱର ଭୋଇଙ୍କ ନେତୃତ୍ୱରେ ମାଲକାନଗିରି-ଜୟପୁର ୩୨୬ ନମ୍ବର ଜାତୀୟ ରାଜପଥ ଚମ୍ପାଖାରୀ ପୁଲିସ ଚେକ୍ ପୋଷ୍ଟ ନିକଟରେ ପାଟ୍ରୋଲିଙ୍ଗ କରୁଥିଲେ। ସେହି ରାସ୍ତାରେ ଏକ କାର ଦୃତଗତିରେ ଯାଉଥିବାର ଦେଖି ଅଟକାଇ ଯାଞ୍ଚ କରିବାରୁ କାର୍ ମଧ୍ୟରୁ ୪ଟି ଜରି ବସ୍ତାରେ ଗଞ୍ଜେଇ ଥିବାର ଦେଖିଥିଲେ। କାର୍ ଜବତ କରି ସେ ତିନିଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେମାନେ ଗଞ୍ଜେଇ ଚାଲାଣ କରୁଥିବା ଜଣାପଡ଼ିଥିଲା। ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ରାଜ୍ୟ ଦୁର୍ଗ ଅଞ୍ଚଳର ଲାଲା ଯାଦବ (୧୯), ସୁକୁମା ଅଞ୍ଚଳର ଗୋଲକ ବିଶ୍ୱାସ (୩୩), ବିହାର ଅଞ୍ଚଳର ଲାଲାଜି ରାଜଭର(୨୬) । ସେମାନେ ମାଲକାନଗିରି ରୁ ଗଞ୍ଜେଇ କ୍ରୟ କରି ଛତିଶଗଡ଼ ଦୁର୍ଗ ଅଞ୍ଚଳର ଜଣେ ପଣ୍ଡିତଙ୍କୁ ଗଞ୍ଜେଇ ବିକ୍ରୀ କରିବା ନିମନ୍ତେ ନେଉଥିଲେ। ପୁଲିସ ସେମାନଙ୍କ ନିକଟରୁ ଏକ କ୍ୱିଣ୍ଟାଲ ଗଞ୍ଜେଇ, କାର, ୩ଟି ମୋବାଇଲ ଫୋନ, ନଗଦ ୭ ହଜାର ଟଙ୍କା ଜବତ କରିଛି। ଆଜି ମାଜିଷ୍ଟ୍ରେଟ ଦାୟିତ୍ୱ ଥିବା ସହକାରୀ ଜିଲ୍ଲାପାଳ ଅଜୟ ମାଣ୍ଡାଙ୍ଗୀ ଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯାଇଥିଲା। ୧୦୦ କେଜି ତଥା ଏକ କ୍ୱିଣ୍ଟାଲ ଗଞ୍ଜେଇ ହୋଇଥିଲା। ଗଞ୍ଜେଇ ଚୋରା ଚାଲାଣ କାରି ୩ ଜଣଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ହୋଇଥିବା ଯୁବକଙ୍କ ବୟାନ ଅନୁଯାୟୀ, ଗଞ୍ଜେଇ ବିକ୍ରୀ ଓ ଚାଲାଣରେ ସହଯୋଗ କରିଥିବା ଅନ୍ୟ ତିନିଜଣଙ୍କୁ ପୁଲିସ ଖୋଜୁଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି।

# ଶୋଇଥିଲା ବେଳେ ଘରୁ ଚୋରି

ରାୟଗଡ଼ା,୩୧।୮ (ସମିସ): ରାୟଗଡ଼ା ସହର ଗୌତମ ନଗର ଦ୍ୱିତୀୟ ଲେନର ବାସିନ୍ଦା ଇପିଲି ସର୍ବେଶ୍ୱରଙ୍କ ଘରେ ରବିବାର ଭୋର ସକାଳୁ ଚୋରି ହୋଇଛି। ଉଭୟ ସ୍ୱାମୀସ୍ତ୍ରୀ ଘରେ ଶୋଇଥିବା ବେଳେ ବେଡ୍‌ରୁମ କବାଟ ବାହାର ପଟୁ କିଳି ଦେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ତେବେ ଘରୁ ପିତ୍ତଳ ହାଣ୍ଡି ଓ କିଛି ପୂଜା ସାମଗ୍ରୀ ଚୋରି ହୋଇଥିବା କହିଛନ୍ତି ସର୍ବେଶ୍ୱର। ଏନେଇ ରାୟଗଡ଼ା ଥାନାରେ ଏତଲା ଦେବା ପରେ ଟାଉନଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାରୁ ପ୍ରକାଶ, ଶନିବାର ରାତିରେ ସର୍ବେଶ୍ୱର ଓ ତାଙ୍କ ପତ୍ନୀ ବେଡରୁମ୍‌ରେ ଶୋଇଥିଲେ। ରବିବାର ଭୋର ୪ଟାରେ ତାଙ୍କ ଘର ପଛ ପଟୁ ଦୁର୍ବୃତ୍ତ ଗ୍ରିଲକୁ ଲୁହାରଡରେ ତାଡି ଘର ଭିତରେ ପଶିଥିଲେ। ସର୍ବେଶ୍ୱର ଓ ତାଙ୍କ ପତ୍ନୀ ଶୋଇଥିବା ରୁମ୍‌କୁ ବାହାର ପଟୁ ବନ୍ଦ କରିଦେଇ ଘରେ ଚୋରି କରିଥିଲେ ଦୁର୍ବୃତ୍ତ। ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚଳାଇଛି।

# କଲେଜ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଗୁଣୁପୁର,୩୧।୮ (ସମିସ): ଗୁଣୁପୁର କଲେଜ ପକ୍ଷରୁ ଆଜି ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗନ୍ନାଥ ଦୀପ ସ୍ୱାଗତ ଭାଷଣ ଦେଇଥିଲେ। ପରେ କର୍ମଚାରୀମାନେ ଅଧ୍ୟକ୍ଷ ଶ୍ରୀ ମହାନ୍ତିଙ୍କ ନେତୃତ୍ୱକୁ ପ୍ରଶଂସା କରିଥିଲେ। ଅଧ୍ୟକ୍ଷଙ୍କ ସ୍ମୃତିରେ ଏକ ଭିଡିଓ ପ୍ଲେ କରାଯାଇଥିଲା। ପ୍ରାଧାପିକା କଳ୍ପନା ବେହେରା, ପ୍ରାଧାପକ ଡ. ଜୱାହାରଲାଲ୍ ଚୌଧୁରୀ, ଅଧାପକ ସତୀଶ କୁମାର ପଟ୍ଟନାୟକ, ପ୍ରସନ୍ନ କୁମାର ମିଶ୍ର, ଅଧାପିକା ଦୀପିକା ପଟ୍ଟନାୟକ, ଡ. ସତ୍ୟବାନ୍ ଗରଡ଼ା, ଅଧାପକ ତାମିଲା ପରାସେଠ ପ୍ରମୁଖ ଓ ଅନ୍ୟମାନେ ସଭାରେ ଉପସ୍ଥିତ ଥିଲେ। ଗୁଣୁପୁର କଲେଜରେ ଶ୍ରୀ ମହାନ୍ତିଙ୍କ ଅବଦାନକୁ ସ୍ୱୀକାର କରି ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟକ୍ଷ ମହାନ୍ତି ନିଜେ ସମାବେଶକୁ ସମ୍ବୋଧିତ କରିଥିଲେ। ଏହି ସଭାରେ ଗାନ୍ଧୀ ବିଶ୍ୱବିଦ୍ୟାଳୟର ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ସଭାପତିତ୍ୱ କରି ଅଧ୍ୟକ୍ଷଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରାକ୍ତନ ଛାତ୍ର ଅଶୋକ ସାହୁ, କୃଷ୍ଣଚନ୍ଦ୍ର ଅଧିକାରୀ, ଆଦିତ୍ୟ ପାଣିଗ୍ରାହୀ, ଅର୍ଚ୍ଚନା ରଥ ଓ ଅନ୍ୟମାନେ ସଭା ପରିଚାଳନାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଏହା ସହିତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରାକ୍ତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅଧ୍ୟକ୍ଷଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ମୁଖ୍ୟ ଉମାଶଙ୍କର ଦାଶ, ଡକ୍ଟର ପ୍ରଶାନ୍ତ ହୋତା ଓ ଅନ୍ୟମାନେ ନିଜର ଅନୁଭୂତି ପ୍ରକାଶ କରିଥିଲେ। ଏହା ସହିତ ରଞ୍ଜିତ ପାଢ଼ୀ, ଲକ୍ଷ୍ମୀ ମହାକୁଡ଼, ରାଜେଶ ପାଢ଼ୀ, ଶେଷ ସାଇ ସେନାପତି ଆଦି ଏଇ ସଭାରେ ଉପସ୍ଥିତ ରହି ଅଧ୍ୟକ୍ଷଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିବା ସହ ଅବସର ପରବର୍ତ୍ତୀ ଜୀବନର ଶୁଭ ମନାସିଥିଲେ । ଅଧ୍ୟାପକ ଜ୍ୟୋତି ରଞ୍ଜନ ପଟ୍ଟନାୟକଙ୍କ ଧନ୍ୟବାଦ ଅର୍ପଣ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା, ସମସ୍ତ ଉପସ୍ଥିତ ଏବଂ ଅଂଶଗ୍ରହଣକାରୀଙ୍କୁ ଶ୍ରୀ ମହାନ୍ତି ସେମାନଙ୍କର ଅଂଶଗ୍ରହଣ ପାଇଁ କୃତଜ୍ଞତା ଜଣାଇଥିଲେ। ଏହି ଶୁଭ ଅବସରରେ ମହାବିଦ୍ୟାଳୟ ପରିସର ମଧ୍ୟରେ ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।

# ବସ୍‌ଷ୍ଟାଣ୍ଡରୁ ୧୮ ଝିଅ ଉଦ୍ଧାର

## ତେଲେଙ୍ଗାନାକୁ କାମ କରିବାକୁ ହେଉଥିଲେ ଚାଲାଣ

ମାଲକାନଗିରି,୩୧।୮ (ସମିସ): ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୮ ଜଣ ଗରିବ ଝିଅଙ୍କୁ ତେଲେଙ୍ଗାନା ରାଜ୍ୟକୁ କାମ କରିବା ପାଇଁ ଚାଲାଣ ହେଉଥିବା ବେଳେ ମାଲକାନଗିରି ବସ୍‌ଷ୍ଟାଣ୍ଡରୁ ଉଦ୍ଧାର କରିଛି ଶ୍ରମବିଭାଗ ଓ ପୁଲିସ। ଆଜି ମାଲକାନଗିରି ବସ୍‌ଷ୍ଟାଣ୍ଡଠାରେ ଗୋଟିଏ ସ୍ଥାନରେ ୧୮ ରୁ ଊର୍ଦ୍ଧ୍ୱ ଝିଅ ଏକତ୍ରିତ ଥିବାର ଦେଖି ଜଣେ ଓକିଲ ଓ ସମାଜସେବୀ ପଚାରିବାରୁ ଝିଅମାନେ ତାଙ୍କୁ ଜଣେ ଲୋକ ତେଲେଙ୍ଗାନା ରାଜ୍ୟକୁ କାମ କରିବାକୁ ନେଉଥିବା କହିଥିଲେ। ସନ୍ଦେହ ହେବାରୁ ଓକିଲ ଓ ସମାଜସେବୀ ଥାନା ଓ ଶ୍ରମବିଭାଗକୁ ଫୋନ କରି ଜଣାଇଥିଲେ। ମାଲକାନଗିରି ଥାନା ପୁଲିସ, ଶ୍ରମବିଭାଗ ଅଧିକାରୀ ବସଷ୍ଟାଣ୍ଡଠାରେ ପହଞ୍ଚି ସେ ଝିଅମାନଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ଭାରପ୍ରାପ୍ତ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା ଉଦ୍ଧାର ଝିଅମାନଙ୍କୁ କାଉନସେଲିଂ କରିବା ପରେ ଝିଅମାନେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ହୋଇଥିବା ବେଳେ ଗଞ୍ଜାମ ଅଞ୍ଚଳର ସନ୍ତୋଷ ନାହାକ ନାମକ ଯୁବକ ତେଲେଙ୍ଗାନାର ଏକ ସୁତାକଳରେ କାମ କରିବା ପାଇଁ ସେମାନଙ୍କୁ ପଠାଉଥିଲେ, ସେମାନେ ବସଷ୍ଟାଣ୍ଡଠାରେ ହାଇଦ୍ରାବାଦ ବସକୁ ଜଗିଥିଲେ। ସେ ଯୁବକର ଶ୍ରମିକ ଚାଲାଣ ଲାଇସେନ୍ସ ନଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ତଦନ୍ତ କରିବା ପାଇଁ ପୁଲିସକୁ ଶ୍ରମବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ସନ୍ତୋଷକୁ ଥାନାରେ ଅଟକ ରଖି ପୁଲିସ ପଚରାଉଚରା ଚଳାଇଛି।

**■ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନକୁ ପିଟିଲା ଟ୍ୟାଙ୍କର**

# ଦୁଇ ବଳଦ ସହ ଡ୍ରାଇଭର ମୃତ



ମୁନିଗୁଡ଼ା,୩୧।୮ (ସମିସ): ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ରାୟଗଡ଼ା ଜିଲ୍ଲା ଅମ୍ବାଦଳାରୁ ମୁନିଗୁଡା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଡିଜେଲ ଟ୍ୟାଙ୍କର ଗାଡି ଉକ୍ତ ପିକ୍‌ଅପ୍ ଭ୍ୟାନକୁ ପିଟିବାରୁ ଘଟଣା ସ୍ଥଳରେ ପିକ୍‌ପ୍ ଭ୍ୟାନର ଡ୍ରାଇଭର ସହ ଦୁଇଟି ବଳଦର ମୃତ୍ୟୁ ହୋଇଥିବା ଜଣାପଡିଛି। ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି ଅମ୍ବାଦଳା ଥାନା ଅନ୍ତର୍ଗତ ବଡ ମଞ୍ଜୁରୁକୁପା ନିକଟରେ। ଦୁର୍ଘଟଣା ଘଟିବା ପରେ ଡ୍ରିଜେଲ ଟ୍ୟାଙ୍କର ଡ୍ରାଇଭର ଓ ହେଲପର ଗାଡି ଛାଡ଼ି ଫେରାର ହୋଇଥିବା ଜଣାପଡିଛି। ଖବରପାଇ ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପିକ୍‌ଅପ୍ ଭ୍ୟାନ ଭିତରେ ଫସିଥିବା ଗୋରୁଙ୍କୁ ଉଦ୍ଧାର କରିଥିଲେ। ଅମ୍ବଦଳା ଥାନା ପୋଲିସ ପହଞ୍ଚି ଗାଡି ଜବତ କରିବା ସହ ମୃତକଙ୍କ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ମୁନିଗୁଡ଼ା ପଠାଇ ତଦନ୍ତ ଜାରି ରଖିଛି। ମୃତ ଡ୍ରାଇଭର ଜଣଙ୍କ ହେଲେ ଆନ୍ଧ୍ର ପ୍ରଦେଶର ବିଜୟନଗର ଜିଲ୍ଲା ପ୍ରଶାନ୍ତି ପରମ ଥାନା ଅନ୍ତର୍ଗତ ଜଗନନ୍ଧା ପରମ ଗ୍ରାମର ଚନ୍ଦକା ପବନ କୁମାର ବୋଲି ପୁଲିସ ପକ୍ଷରୁ ସୁଚନା ମିଳିଛି।

## ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ତାଗିଦ୍ ପରେ ତତ୍ପରତା

# ଗୁଣୁପୁର ବାଇପାସ୍ ରାସ୍ତାରୁ ବିଦ୍ୟୁତ୍ ଖୁଣ୍ଟ ହଟିବା ଆରମ୍ଭ



ଗୁଣୁପୁର,୩୧।୮ (ସମିସ): ରବିବାରଠାରୁ ଗୁଣୁପୁର ବାଇପାସ୍ ରାସ୍ତା ମଝିରୁ ବିଦ୍ୟୁତ୍ ଖୁଣ୍ଟ ଗୁଡ଼ିକୁ ସ୍ଥାନାନ୍ତରିତ କରିବା ଆରମ୍ଭ କରିଛି ବିଦ୍ୟୁତ୍ ବିଭାଗ। ଏହି ବାଇପାସ୍ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ଠାରୁ ବର୍ତ୍ତମାନ ସୁଦ୍ଧା ଦୁର୍ଘଟଣା ଯୋଗୁଁ ୪ ଜଣ ବ୍ୟକ୍ତିଙ୍କ ଜୀବନ ଚାଲିଯିବା ସହ ଶତାଧିକ ଲୋକେ ଆହତ ହୋଇଛନ୍ତି। ରାୟଗଡା ଜିଲ୍ଲାର ନୂତନ ଜିଲ୍ଲାପାଳ ଅସୁତୋଷ କୁଲକର୍ଣ୍ଣି ଏବଂ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ ତାଗିଦ୍ କରିବା ପରେ ପୂର୍ତ୍ତବିଭାଗ ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ ତତ୍ପରତା ଦେଖାଯାଇଛି। ଆସନ୍ତା କିଛି ଦିନ ମଧ୍ୟରେ ବାଇପାସ୍ ରାସ୍ତା ମଝିର ସମସ୍ତ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତରିତ ହୋଇଯିବ ବୋଲି ସୂଚନା ମିଳିଛି। ପୂର୍ତ୍ତବିଭାଗ ଓ ଠିକା ସଂସ୍ଥା ରାସ୍ତା ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟ ଯୋଗୁଁ ରାସ୍ତା ନିର୍ମାଣ କାର୍ଯ୍ୟ ଆଗେଇବାରେ ବାଧା ସୃଷ୍ଟି ହେଉଛି ବୋଲି କହୁଥିଲେ। ଅନ୍ୟପଟରେ ଅନେକ ସ୍ଥାନରେ ରାସ୍ତାର ଦୁଇ ପାଶ୍ୱର୍ରେ ଥିବା ଡ୍ରେନ୍ ଉପରେ ଛାତ ପଡ଼ିନଥିବା ଯୋଗୁଁ ମଧ୍ୟ ଗାଈଗୋରୁମାନେ ନାଳରେ ପଡି ଆହତ ହୋଇଛନ୍ତି। ତେବେ ବିଦ୍ୟୁତ୍ ଖୁଣ୍ଟ ଯୋଗୁଁ ରାସ୍ତା ନିର୍ମାଣରେ ଯଦି ବାଧା ସୃଷ୍ଟି ହେଉଥିଲା ତେବେ ରାସ୍ତା ଦୁଇ ପାଶ୍ୱର୍ରେ ଥିବା ଡ୍ରେନ୍ ଉପରେ ଛାତ ପକାଇବା ପାଇଁ କ'ଣ ଅସୁବିଧା ହେଉଥିଲା ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଆଗକୁ ଦଶହରା ଆଉ ଏକ ମାସ ରହିଥିବାରୁ ଦିନରାତି ଏକ କରି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରାଗଲେ ଅନେକ ଲୋକଙ୍କ ଜୀବନ ବଞ୍ଚିବା ସହ ଅନେକ ଲୋକେ ଦୁର୍ଘଟଣାରୁ ମୁକ୍ତି ପାଇ ପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘର ଜରୁରୀକାଳୀନ ବୈଠକ




ମାଲକାନଗିରି,୩୧।୮ (ସମିସ): ମାଲକାନଗିରି ଜିଲ୍ଲା ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘର ଜରୁରୀକାଳୀନ ବୈଠକ ଆଜି କାର୍ଯ୍ୟାଳୟ ପରିସର ରେ ରାଜ୍ୟ କମିଟିର ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅକ୍ଷୟ କୁମାର ତ୍ରିପାଠୀ, ଗଗନ କୁମାର ସ୍ୱାଇଁ, ଜେ. ରାମା ରାଜୁ, ମଳୟ କୁମାର ପଟନାୟକ, ଦୀନବନ୍ଧୁ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ବୈଠକରେ ବିଭିନ୍ନ ସମସ୍ୟା ଓ ଠିକା ଶ୍ରମିକମାନେ କିପରି ଭାବରେ ଚାକିରିରେ ନିୟମିତ ହେବେ, କର୍ମଚାରୀଙ୍କୁ ଠିକା ସଂସ୍ଥା ଦ୍ୱାରା ଶୋଷଣ, ସେମାନେ କାମ କରୁଥିବା ବେଳେ ମୃତ୍ୟୁବରଣ କଲେ ଉପଯୁକ୍ତ ପେନସନ ବ୍ୟବସ୍ଥା, ବୀମା ବ୍ୟବସ୍ଥା, ନିୟମିତ କର୍ମଚାରୀମାନଙ୍କ ପାଇଁ ଦୁର୍ଗମ ଅଞ୍ଚଳ ଭତ୍ତା ଏବଂ କିଛି ନିୟମିତ କର୍ମଚାରୀଙ୍କ ବଦଳି, ପଦୋନ୍ନତି ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସୁନୀଲ ସାବତ, ଗୌରହରୀ ସାମଲ, ତ୍ରିଲୋଚନ ସାହୁ, ସୁଶାନ୍ତ କର, ଜଜନ ପ୍ରସାଦ ସିଂ, ପି. ପ୍ରଶାନ୍ତ କୁମାର, ଆଜିର ବୈଠକରେ ମାଲକାନାଗିରି ଡିଭିଜନର ବହୁ ସଂଖ୍ୟାରେ ସଭ୍ୟ ସହ ସୁଦୂର ପଡ଼ିଆ, କାଲିମେଳା, ଏମ୍‌ଭି ୭୯, ଚିତ୍ରକୋଣ୍ଡା, ଗୋବିନ୍ଦପାଲି, ମାଥିଲି କମିଟିର ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୫ • ପାଉଣ୍ଡ ୧୧୯.୮୨
- ୟୁରୋ ୧୦୩.୦୨ • ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୩,୬୮୭ (ନୂଆଦିଲ୍ଲୀ)
- ରୁପା : ୧,୧୭,୫୭୨ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ 79,809.00
- ନିଫ୍ଟି 24,426.00



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଟ୍ରମ୍ପ-ଟାରିଫ୍-ଟେରର୍

# କଡ଼ା ଜବାବ୍ ଦେବେ ଭାରତ-ଚୀନ୍-ରୁଷ !

ନୂଆଦିଲ୍ଲୀ,୩୧।୮ (ଏଜେନ୍ସି)

ରବିବାର ଚୀନ୍‌ର ତିଆନଜିନ୍ ସହରରେ ଦୁଇ ଦିନିଆ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀ ଆରମ୍ଭ ହୋଇଛି। ଚୀନ୍, ଭାରତ ଏବଂ ରୁଷ ସହିତ ୨୦ ଦେଶର ନେତା ଏଥିରେ ଯୋଗଦେବେ। ବୈଠକରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଭେଟିଛନ୍ତି। ଚୀନ୍ ରାଷ୍ଟ୍ରପତି ବୈଠକ ସମୟରେ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଭାରତ ଏବଂ ଚୀନ୍ ପାଇଁ ସଠିକ୍ ବିକଳ୍ପ ହେଉଛି ଯେ ଉଭୟ ବନ୍ଧୁ ଏବଂ ଅଂଶୀଦାର ହୁଅନ୍ତୁ। ସେହି ସମୟରେ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ମଧ୍ୟ ଚୀନ୍ ପହଞ୍ଚିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଲାଗୁ ପରେ, ଏହି ତିନୋଟି ଦେଶ (ଭାରତ, ରୁଷ ଏବଂ ଚୀନ୍) ଏବେ ପରସ୍ପରର ବହୁତ ନିକଟତର ହେଉଛନ୍ତି। ଏବେ ପ୍ରଶ୍ନ ଉଠୁଛି କି ଏହି ତିନି ଦେଶ ଏକାଠି ଆମେରିକାର ଶୁଳ୍କର ସମାଧାନ ବାଟ ଖୋଜିପାରିବେ କି? ଚୀନ୍‌ରେ ଏପରି ସମୟରେ ଏସ୍‌ସିଓ ଶିଖର ସମ୍ମିଳନୀ ଅନୁଷ୍ଠିତ ହେଉଛି, ଯେତେବେଳେ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ୫୦% ଶୁଳ୍କ ଲଗାଇଛନ୍ତି। ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ଟ୍ରମ୍ପଙ୍କ ଶୁଳ୍କ ବିବାଦ ମଧ୍ୟରେ ଏହି ଶିଖର ସମ୍ମିଳନୀ ନିବେଶକମାନଙ୍କ ପାଇଁ ଭଲ ଖବର।



### • ଭାରତକୁ କ'ଣ ଲାଭ ଦେବ

ଏହି ସମ୍ମିଳନୀ ଭାରତ, ଚୀନ୍, ରୁଷ ଏବଂ ଅନ୍ୟାନ୍ୟ ଅଂଶଗ୍ରହଣକାରୀ ଦେଶଗୁଡ଼ିକୁ ଗୋଟିଏ ମଞ୍ଚରେ ଏକତ୍ର କରେ। ଏହା ଆମେରିକାର ଶୁଳ୍କ ବିରୁଦ୍ଧରେ ଏକତା ଏବଂ ସାମୂହିକ ଶକ୍ତି ପ୍ରଦର୍ଶନ କରେ। ଫିନୋକ୍ରେଟ୍ ଟେକ୍ନୋଲୋଜିର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ଗୌରବ ଗୋୟଲ କହିଛନ୍ତି ଯେ ଭାରତ ଆଉ ଆମେରିକା ଉପରେ ନିର୍ଭରଶୀଳ ହେବାକୁ ଚାହୁଁନାହିଁ, ବରଂ ଏହାର ଚାରିପାଖରେ ଥିବା ଦେଶମାନଙ୍କ ସହିତ ମିଶି କାମ କରିବାକୁ ଚାହୁଁଛି। ଚୀନ୍ ଏବଂ ରୁଷ ଉଭୟ ଏବେ ଭାରତ ପାଇଁ ସେମାନଙ୍କର ଅର୍ଥନୀତିକୁ ଆହୁରି ଖୋଲିଦେଉଛନ୍ତି, ବାଣିଜ୍ୟ ବୃଦ୍ଧି କରିବାରେ ଏବଂ ଆମେରିକାର ଶୁଳ୍କର ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରୁଛନ୍ତି। ଭାରତ ବାଣିଜ୍ୟରୁ ଲାଭ ପାଇବା ପାଇଁ ଚୀନ୍ ସହିତ ତାର ସମ୍ପର୍କ ଉନ୍ନତ କରୁଛି। ଏହି ସମ୍ମିଳନୀ ଶକ୍ତି, ଭିତ୍ତିଭୂମି ଏବଂ ପେମେଣ୍ଟ କ୍ଷେତ୍ରରେ ମଧ୍ୟ ବ୍ୟାପକ ସହଯୋଗକୁ ପ୍ରୋତ୍ସାହିତ କରେ।

### • ତିନୋଟି ଦେଶର ଜିଡିପି କେତେ ?

ରିପୋର୍ଟ ଅନୁଯାୟୀ, ଭାରତ, ଚୀନ୍ ଏବଂ ରୁଷ ମିଳିତ ଭାବରେ ବିଶ୍ୱ ଜିଡିପିରେ ୫୩.୯ ଟ୍ରିଲିୟନ ଡଲାର ଯୋଗଦାନ କରନ୍ତି, ଯାହା ବିଶ୍ୱର ମୋଟ ଉତ୍ପାଦନର ପ୍ରାୟ ଏକ ତୃତୀୟାଂଶ। ସେମାନଙ୍କର ରପ୍ତାନି ୫ ଟ୍ରିଲିୟନ ଡଲାରରୁ ଅଧିକ। ସେମାନଙ୍କର ବୈଦେଶିକ ମୁଦ୍ରା ଭଣ୍ଡାର ୪.୭ ଟ୍ରିଲିୟନ ଡଲାର, ଯାହା ବିଶ୍ୱର ମୋଟ ମୁଦ୍ରା ଭଣ୍ଡାରର ୩୮%। ଏହି ତିନି ରାଷ୍ଟ୍ରଙ୍କ ମିଳିତ ଜନସଂଖ୍ୟା ୩.୧ ବିଲିୟନ, ଯାହା ବିଶ୍ୱର ମୋଟ ଜନସଂଖ୍ୟାର ପ୍ରାୟ ୩୮%। ତିନୋଟି ଦେଶର ମିଳିତ ସାମରିକ ଖର୍ଚ୍ଚ ୫୪୯ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ବିଶ୍ୱର ପ୍ରତିରକ୍ଷା ବଜେଟର ଏକ ପଞ୍ଚମାଂଶ। ଏହି ତିନି ଦେଶ ବିଶ୍ୱର ୩୫% ଶକ୍ତି ବ୍ୟବହାର କରନ୍ତି। ପ୍ରତ୍ୟେକ ଦେଶର ନିଜସ୍ୱ ଶକ୍ତି ଅଛି। ଯଦି ଏହି ତିନୋଟି ଦେଶ ଏକତ୍ରିତ ହୁଅନ୍ତି, ତେବେ ଏହା ପଶ୍ଚିମ ଦ୍ୱାରା ପ୍ରାଧାନ୍ୟିତ ଏକ ଧ୍ରୁବୀୟ ବିଶ୍ୱରୁ ଏକ ବହୁଧ୍ରୁବୀୟ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରିବ। ଏହି ବ୍ୟବସ୍ଥାରେ, ୟୁରେସିଆନ୍ ବାଣିଜ୍ୟ କରିଡର ଏବଂ ସ୍ଥାନୀୟ ମୁଦ୍ରା ଆମେରିକୀୟ ଡଲାରର ପ୍ରାଧାନ୍ୟକୁ ଚ୍ୟାଲେଞ୍ଜ କରିବ।

### • ଭାରତ ପାଇଁ ଆମେରିକା କେତେ ଗୁରୁତ୍ୱପୂର୍ଣ୍ଣ?

କିନ୍ତୁ ଆମେରିକା ଏବେ ବି ଅପରିବର୍ତ୍ତନୀୟ। ଆର୍ଥିକ ଦୃଷ୍ଟିରୁ, ଆମେରିକା ଭାରତର ସର୍ବବୃହତ ରପ୍ତାନି ବଜାର। ବ୍ୟାଙ୍କ ଅଫ୍ ବରୋଦାର ରିପୋର୍ଟ ଅନୁଯାୟୀ, ଆମେରିକାର ଗ୍ରାହକମାନେ ୨୦୨୪ରେ ୭୭.୫ ବିଲିୟନ ଡଲାର ମୂଲ୍ୟର ଭାରତୀୟ ସାମଗ୍ରୀ କିଣିଥିଲେ। ଯୁକ୍ତରାଷ୍ଟ୍ର ବାଣିଜ୍ୟ ପ୍ରତିନିଧି (ୟୁଏସ୍‌ଟିଆର୍) ରୁ ମିଳିଥିବା ତଥ୍ୟ ଦର୍ଶାଉଛି ଯେ ୨୦୨୪ରେ ସାମଗ୍ରୀ ଏବଂ ସେବା କ୍ଷେତ୍ରରେ ଆମେରିକା-ଭାରତ ମୋଟ ବାଣିଜ୍ୟ ଆନୁମାନିକ ୨୧୨.୩ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ୨୦୨୩ ତୁଳନାରେ ୮.୩ ପ୍ରତିଶତ (୧୬.୩ ବିଲିୟନ ଡଲାର) ଅଧିକ।

### • ଭାରତ ପାଇଁ ଏହି ମେଣ୍ଟ କେତେ ଭଲ ?

ଭାରତ ପାଇଁ, ରୁଷ ଏବଂ ଚୀନ୍ ସହିତ ଏକାଠି ହେବା ଉଭୟ ସୁବିଧା ଏବଂ ଅସୁବିଧାର ଏକ ଚୁକ୍ତି। ଏହା ଆମେରିକାର ଚାପ ବିରୁଦ୍ଧରେ ଏକ ମଞ୍ଚ ପ୍ରଦାନ କରେ, କିନ୍ତୁ ଏହା ସହିତ ଅନେକ ବିପଦ ଜଡିତ। ଚୀନ୍ ସହିତ ବିଶ୍ୱାସର ଅଭାବ ଏବଂ ପାକିସ୍ତାନ ସହିତ ଜଡିତ ସୁରକ୍ଷା ଚିନ୍ତା ଏହାକୁ ଅଧିକ କଷ୍ଟକର କରିଦେଇଛି। ଏତାଛଡା ଆମେରିକା ଉପରେ ଭାରତର ନିର୍ଭରଶୀଳତା ମଧ୍ୟ ଏକ ବଡ଼ କାରଣ।

## ଉଚ୍ଚ ଟାରିଫ୍‌କୁ ଆମେରିକୀୟ ସାମ୍ବାଦିକଙ୍କ ସମାଲୋଚନା

# 'ଭାରତ ସହ ସ୍କୁଲ ପିଲାଙ୍କ ପରି ବ୍ୟବହାର କରୁଛନ୍ତି ଟ୍ରମ୍ପ୍'

ନୂଆଦିଲ୍ଲୀ,୩୧।୮ (ଏଜେନ୍ସି): ରୁଷରୁ ତେଲ କିଣିବାକୁ ନେଇ ଭାରତ ଉପରେ ଶୁଳ୍କ ଲଗାଇବା ଟ୍ରମ୍ପ୍ ପ୍ରଶାସନର ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିଛନ୍ତି ଆମେରିକୀୟ ସାମ୍ବାଦିକ ରିକ୍ ସାଞ୍ଚେଜ୍। କେବଳ ରୁଷଠାରୁ ତେଲ କିଣିବା ନେଇ ରୁଷ୍ ଠାରୁ ଅଶୋଧିତ ତୈଳ କ୍ରୟ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ୨୫% ଅତିରିକ୍ତ ଶୁଳ୍କ ଲଗାଇବା ପଦକ୍ଷେପ ଏକ ଅପମାନଜନକ ଏବଂ ଅଜ୍ଞତାପୂର୍ଣ୍ଣ ନୀତିକୁ ଦର୍ଶାଉଛି। ‹ଏହା ଏକ ଅତ୍ୟନ୍ତ ଅହଂକାରୀ ନୀତି। ଟ୍ରମ୍ପ ପ୍ରଶାସନ ଭାରତକୁ ସ୍କୁଲ ପିଲା ପରି ବ୍ୟବହାର କରୁଛି। କିନ୍ତୁ ଭାରତ ସ୍କୁଲ ପିଲା ନୁହେଁ ବରଂ ଏକ ବଡ଼ ଶକ୍ତି। ଭାରତର ଏକ ଇତିହାସ ଅଛି, ଏହାର ସମ୍ବଳ ଏବଂ ବହୁତ କ୍ଷମତା ଅଛି। ଭାରତ ବିଶ୍ୱ ପାଇଁ ଯାହା କରିଛି ତାହା ବହୁତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱ ଇତିହାସରେ ଭାରତର ଅବଦାନ ୟୁରୋପ ଏବଂ ମେସୋପୋଟାମିଆ ଠାରୁ କମ୍ ନୁହେଁ। କିନ୍ତୁ ଯେତେବେଳେ ଆପଣ ଏହାକୁ ସ୍କୁଲ ପିଲା ବୋଲି ବିବେଚନା କରନ୍ତି, ଭାରତ ଆମେରିକାକୁ କୁହେ ଯେ ଆପଣ ଆମକୁ କ'ଣ କରିବାକୁ ହେବ ତାହା କହିବେ ନାହିଁ। ଏହା ଏକ ପରିବର୍ତ୍ତନକାରୀ ସମୟ। ଯେତେବେଳେ ଇତିହାସକାରମାନେ ପଛକୁ ଫେରି ଚାହିଁବେ, ଏହା ସେହି ମୁହୂର୍ତ୍ତ ହେବ ଯେତେବେଳେ ବିଶ୍ୱର ମହାଶକ୍ତି ଆମେରିକାର ପ୍ରାଧାନ୍ୟ ହ୍ରାସ ପାଇବା ଆରମ୍ଭ କରିବ। ବର୍ତ୍ତମାନ ବିଶ୍ୱ ଶକ୍ତି ଦକ୍ଷିଣ ଆଡକୁ ଗତି କରୁଛି, ଯେଉଁଥିରେ ଭାରତ, ଚୀନ୍, ରୁଷ, ଦକ୍ଷିଣ ଆଫ୍ରିକା ଏବଂ ବ୍ରାଜିଲ୍ ଭଳି ଦେଶ ଅନ୍ତର୍ଭୁକ୍ତ ବୋଲି ସାଞ୍ଚେଜ୍ କହିଛନ୍ତି।

ସାଞ୍ଚେଜ୍ କହିଛନ୍ତି ଯେ 'ଗ୍ଲୋବାଲ୍ ସାଉଥ୍ ବିଷୟରେ ମୋ ଦେଶର ବୁଝାମଣା ବହୁତ ସୀମିତ। ସେମାନେ ଭାରତର ଇତିହାସ, ଭାରତ-ଚୀନ୍ ସମ୍ପର୍କ ଏବଂ ରୁଷ-ୟୁକ୍ରେନ ସମ୍ପର୍କ ବିଷୟରେ କିଛି ଜାଣନ୍ତି ନାହିଁ। ସେଥିପାଇଁ ସେମାନେ ମୂର୍ଖତାପୂର୍ଣ୍ଣ ବୟାନ ଦିଅନ୍ତି। ଯେତେବେଳେ ଟ୍ରମ୍ପଙ୍କ ବାଣିଜ୍ୟ ପରାମର୍ଶଦାତା ପିଟର ନାଭାରୋ ୟୁକ୍ରେନ୍ ଯୁଦ୍ଧକୁ ମୋଦିଙ୍କ ଯୁଦ୍ଧ ବୋଲି କହିଥିଲେ, ସେ କହିଥିଲେ ଯେ 'ତାଙ୍କ ବକ୍ତବ୍ୟକୁ କେବଳ ହସିହେବ। ସେ ଜଣେ ବହୁତ ବୁଦ୍ଧିମାନ ବ୍ୟକ୍ତି ନୁହଁନ୍ତି କିମ୍ବା ସେ ଜଣେ ମହାନ ଚିନ୍ତାନାୟକ ନୁହଁନ୍ତି। ନବ-ରକ୍ଷଣଶୀଳ, ଅସ୍ତ୍ରଶସ୍ତ୍ର ଶିଳ୍ପ ସହିତ ଜଡିତ ଲୋକମାନେ ଟ୍ରମ୍ପଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ କୌଣସି ସ୍ଥାନରେ ଟ୍ରମ୍ପ ଅନୁଭବ କରିଛନ୍ତି ଯେ ସେ ଏକ ଭୁଲ ମୋଡ଼ ନେଇଛନ୍ତି ଏବଂ ସେଥିପାଇଁ ଟ୍ରମ୍ପ ଏବେ ଗ୍ଲୋବାଲ୍ ସାଉଥ୍ ଏବଂ ୟୁରୋପୀୟ ୟୁନିଅନକୁ ସମାନ ଗୁରୁତ୍ୱ ଦେଉଛନ୍ତି ଏବଂ ଏକ ସନ୍ତୁଳନ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି।

# ଅନୁଗୋଳରେ ଖୋଲିଲା ଖିମ୍‌ଜୀ ଜୁଏଲର୍ସର ନୂଆ ଶୋ' ରୁମ୍



ଅନୁଗୋଳ,୩୧।୮ (ସମିସ)

ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଅନୁଗୋଳ ସହରରେ ୬୦୦୦ ବର୍ଗଫୁଟ୍‌ର ଅଳଙ୍କାର ଶୋ' ରୁମ୍ ରବିବାର ଶଙ୍କର ସିନେମା ରୋଡ଼ଠାରେ ଖୋଲିଛି। ଏହି ଶୋ'ରୁମ୍ ଅନୁଗୋଳର ସବୁଠାରୁ ବଡ଼ ଅଳଙ୍କାର ଶୋ'ରୁମ ତଥା ରାଜ୍ୟରେ ୧୦ମ ଖିମ୍‌ଜୀ ଶୋ'ରୁମ୍ ବୋଲି ସୂଚନା ଦିଆଯାଇଛି। ଏଠାରେ ସୁନା, ହୀରା, ପ୍ଲାଟିନମ୍ ଏବଂ ରୂପା ଅଳଙ୍କାରର ବ୍ୟାପକ ସଂଗ୍ରହ ସହ ଫ୍ୟାଶନ ଜୁଏଲାରୀ ଏବଂ କର୍ପୋରେଟ୍ ଉପହାରର ବ୍ୟାପକ ସମ୍ଭାର ଉପଲବ୍ଧ। ଉଦ୍‌ଘାଟନ ସମାରୋହରେ ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ, ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ସୁମିତ୍ ଖିମ୍‌ଜୀ, ପରିବାରର ସଦସ୍ୟଙ୍କ ସହିତ ମାନ୍ୟଗଣ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଶେଷ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ଶୋ ରୁମ୍‌କୁ ଉଦ୍‌ଘାଟନ କରିଥିଲେ। ସୁନା ଅଳଙ୍କାର ଗଢ଼ା ମଜୁରି ଉପରେ ଅଫର ୫୦% ରିଆତି, ହୀରାରେ ୨୦% ପର୍ଯ୍ୟନ୍ତ ରିଆତି, ରୁପା ସାମଗ୍ରୀ ଗଢ଼ା ମଜୁରିରେ ୨୫% ରିଆତି, ରୁପା ଏବଂ ଫେସନ ଜୁଏଲାରି ମୂଲ୍ୟରେ ୧୫% ରିଆତି ଓ କଳାକୃତି ଉପରେ ୧୦% ରିଆତି ରହିଥିବା ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ ପ୍ରକାଶ କରିଛନ୍ତି। ଖିମ୍‌ଜୀରେ ଲାଟେଷ୍ଟ ଭେରାଇଟିର କଲେକ୍ସନ ମିଳିଥାଏ। ଏଥିପାଇଁ ଗ୍ରାହକଙ୍କୁ ଭୁବନେଶ୍ୱର ଯିବାକୁ ପଡିଥାଏ। ଅନୁଗୋଳ ସହରରେ ଏହି ନୂତନ ଶୋ ରୁମ ଗ୍ରାହକ ଚାହିଦା ପୂରଣ କରିପାରିବ ବୋଲି ଆଜି ପ୍ରଥମ ଦିନରେ ଗ୍ରାହକମାନେ ଆଶାବାଦୀ ଥିବା ଜଣାପଡିଛି।

## ଟାରିଫ୍ ଟେନ୍‌ସନ୍‌ରେ ଭାରତର ବଡ଼ ନିଷ୍ପତ୍ତି

# ଆମେରିକାକୁ ସବୁ ଡାକ ସେବା ବନ୍ଦ

ନୂଆଦିଲ୍ଲୀ,୩୧।୮ (ଏଜେନ୍ସି)

ଆମେରିକାର ନୂତନ ସୀମା ଶୁଳ୍କ ନିୟମରେ ଅସ୍ପଷ୍ଟତା ଯୋଗୁଁ, ଇଣ୍ଡିଆ ପୋଷ୍ଟ ଆମେରିକାକୁ ଯାଉଥିବା ସମସ୍ତ ଡାକ ସେବାର ବୁକିଂ ଅସ୍ଥାୟୀ ଭାବରେ ବନ୍ଦ କରିଦେଇଛି। ଡାକ ବିଭାଗ ରବିବାର ଏକ ସରକାରୀ ବିବୃତ୍ତି ଜାରି କରି କହିଛି ଯେ ଏବେ ଆମେରିକାକୁ ଚିଠି, ଡକ୍ୟୁମେଣ୍ଟ କିମ୍ବା ଉପହାର ସାମଗ୍ରୀ ପଠାଯାଇପାରିବନାହିଁ। ପୂର୍ବରୁ, ଇଣ୍ଡିଆ ପୋଷ୍ଟ କେବଳ ୧୦୦ ଆମେରିକୀୟ ଡଲାରରୁ ଅଧିକ ମୂଲ୍ୟର ଉପହାର ସାମଗ୍ରୀ ବୁକିଂ ଉପରେ ପ୍ରତିବନ୍ଧକ ଲଗାଇଥିଲା। କିନ୍ତୁ ବର୍ତ୍ତମାନ ପରିସ୍ଥିତି ଅଧିକ ଗମ୍ଭୀର ହୋଇଯାଇଛି କାରଣ ଆମେରିକାର ସୀମା ଶୁଳ୍କ ବିଭାଗର ନୂତନ ପ୍ରକ୍ରିୟା ସମ୍ପର୍କରେ ସ୍ପଷ୍ଟ ନିୟମ ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଏହି କାରଣରୁ ବିମାନ କମ୍ପାନୀଗୁଡ଼ିକ ମଧ୍ୟ ଆମେରିକାକୁ ପାର୍ସଲ ନେବାକୁ ପ୍ରସ୍ତୁତ ନୁହଁନ୍ତି।





ଇଣ୍ଡିଆ ପୋଷ୍ଟ ତା'ର ବିବୃତ୍ତିରେ କହିଛି ଯେ ଅଗଷ୍ଟ ୨୨ରେ ଜାରି କରାଯାଇଥିବା ନୋଟିସ୍‌ର ସମୀକ୍ଷା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଯେହେତୁ ଆମେରିକାକୁ ଯାଉଥିବା ଡାକ ପରିବହନରେ ନିରନ୍ତର ସମସ୍ୟା ରହିଛି ଏବଂ ନିୟମ ସ୍ପଷ୍ଟ ନୁହେଁ, ବର୍ତ୍ତମାନ ପାଇଁ ସମସ୍ତ ବର୍ଗର ଡାକ ସେବା ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଦିଆଯାଇଛି। ଡାକ ବିଭାଗ ଗ୍ରାହକମାନଙ୍କୁ ଆଶ୍ୱାସନା ଦେଇଛି ଯେ ଯେଉଁମାନଙ୍କର ସାମଗ୍ରୀ ବୁକ୍ କରାଯାଇଛି କିନ୍ତୁ ପଠାଯାଇପାରିଲା ନାହିଁ, ସେମାନଙ୍କୁ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରାଯିବ। ବିଭାଗ କହିଛି ଯେ ସରକାର ପରିସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ସମସ୍ୟାର ସମାଧାନ ହେବା ମାତ୍ରେ ସେବା ପୁନର୍ବାର ଆରମ୍ଭ କରାଯିବ।

ସୂଚନାଯୋଗ୍ୟ ଯେ ଜୁଲାଇ ୩୦ରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ଏକ କାର୍ଯ୍ୟକାରୀ ନିର୍ଦ୍ଦେଶ ଅନୁଯାୟୀ, ଅଗଷ୍ଟ ୨୯ରୁ ୧୦୦ ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ଉପରେ ଆମେରିକାରେ ସୀମା ଶୁଳ୍କ ବାଧ୍ୟତାମୂଳକ କରାଯାଇଥିଲା। ଏହାସହିତ, ବାହକ ଏବଂ ଯୋଗ୍ୟ ପକ୍ଷମାନଙ୍କୁ ଶୁଳ୍କ ସଂଗ୍ରହ କରି ଆମେରିକା କଷ୍ଟମ ବିଭାଗରେ ଜମା କରିବାକୁ ଦାୟିତ୍ୱ ଦିଆଯାଇଥିଲା। ଅଗଷ୍ଟ ୧୫ରେ ଆମେରିକାର ସୀମା ଏବଂ ସୀମା ସୁରକ୍ଷା ବିଭାଗ ଏ ବିଷୟରେ କିଛି ନିର୍ଦ୍ଦେଶାବଳୀ ଜାରି କରିଥିଲା। ଏଥିରେ ଯୋଗ୍ୟ ପକ୍ଷଙ୍କ ନିଯୁକ୍ତି ଏବଂ ଡ୍ୟୁଟି ସଂଗ୍ରହ ପାଇଁ ବୈଷୟିକ ବ୍ୟବସ୍ଥା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ସ୍ପଷ୍ଟ କରାଯାଇ ନ ଥିଲା। ଏହି କାରଣରୁ ଏୟାରଲାଇନ୍ସ ଅଗଷ୍ଟ ୨୫ ରୁ ପାର୍ସଲ ନେବାକୁ ମନା କରିଦେଇଥିଲା।

**ସପ୍ତାହକରେ ସୁନା ୩୩୦୦ ଟଙ୍କା ମହଙ୍ଗା**

# ଭୁବନେଶ୍ୱରରେ ତନିସ୍କର ପ୍ରାକୃତିକ ହୀରାର ସ୍ୱତନ୍ତ୍ର ପ୍ରଦର୍ଶନୀ

ଭୁବନେଶ୍ୱର,୩୧।୮: ଗହଣା ରିଟେଲ୍ ବ୍ରାଣ୍ଡ ତନିସ୍କ ପକ୍ଷରୁ ଭୁବନେଶ୍ୱରରେ ଏହାର ସର୍ବୋତ୍ତମ ପ୍ରାକୃତିକ ହୀରା ସମ୍ଭାରର ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ୩୧ରେ ଭୁବନେଶ୍ୱରସ୍ଥିତ ମେ' ଫେୟାର ଲାଗୁନ୍ କନଭେସନ ସେଣ୍ଟରରେ ଆୟୋଜିତ ଏହି ପ୍ରଦର୍ଶନୀ ଗ୍ରାହକଙ୍କୁ ଅସାଧାରଣ କାରିଗରୀ ଏବଂ କାଳଜୟୀ ଡିଜାଇନ୍ ସହିତ ପ୍ରାକୃତିକ ହୀରା ଜଗତର ଏକ ନିବିଡ଼ ଯାତ୍ରାକୁ ନେଇଯାଇଥିଲା। ଅନନ୍ୟ କାରିଗରୀର ପ୍ରଦର୍ଶନ ସହିତ ଏହି ଅବସରରେ ଏକ ବ୍ୟାପକ ହୀରା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଥିରେ ଲାଇଟ୍ ସ୍କୋପ୍ ଏବଂ ସିନ୍ଥ ଡିଟେକ୍ଟର ଭଳି ହାଇଟେକ୍ ହୀରା ମାନ ଚିହ୍ନଟ ମେଶିନଗୁଡ଼ିକୁ ବ୍ୟବହାର କରାଯାଇଥିଲା। ଏହି ମେଶିନ୍‌ଗୁଡ଼ିକ ଡିବିୟର୍ସ ସହଯୋଗିତାରେ ବିକଶିତ ହୋଇଛି। ଲାଇଟ ହୋପ ଏକ ହୀରାର ଲାଇଟ୍ ପ୍ରଦର୍ଶନକୁ ମାପିଥାଏ। ଅନ୍ୟପକ୍ଷରେ, ସିନ୍ଥ ଡିଟେକ୍ଟର କୃତ୍ରିମ ବିକଳ୍ପଗୁଡ଼ିକରୁ ପ୍ରାକୃତିକ ହୀରାକୁ ପୃଥକ କରିଥାଏ। ଏହା ମାଧ୍ୟମରେ ସମସ୍ତ ଗ୍ରାହକ ବ୍ୟକ୍ତିଗତ ଭାବେ ପ୍ରାକୃତିକ ହୀରାର ପ୍ରାମାଣିକତା ଏବଂ ଗୁଣବତ୍ତାକୁ ଅନୁଭବ ଓ ପରଖିପାରିବେ ବୋଲି ଏହି ଅବସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ତନିସ୍କର ସର୍କଲ ବିଜ୍‌ନେସ୍ ମ୍ୟାନେଜର(ଓଡ଼ିଶା ଏବଂ ଉତ୍ତର-ପୂର୍ବାଞ୍ଚଳ) ଅରିନ୍ଦମ ପ୍ରାମାଣିକ କହିଛନ୍ତି। ଏଥିରେ ବିଜ୍‌ନେସ୍ ଆସୋସିଏଟ୍ସ ଯୋଗେନ୍ଦ୍ର ହଂସ କହିଲେ, ଏହି ପ୍ରଦର୍ଶନୀ ଅନନ୍ୟ କାରିଗରୀ, ନବସୃଜନ ଏବଂ କାଳଜୟୀ ଡିଜାଇନ୍‌ର ପ୍ରକୃତ ସେଲିବ୍ରେଶନ୍। ଭୁବନେଶ୍ୱର ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଏବଂ ଆମର ବହୁ ମୂଲ୍ୟବାନ ଗ୍ରାହକଙ୍କଠାରୁ ଏତେ ମାତ୍ରାରେ ରେସ୍‌ପନ୍ସ ପାଇ ଆମେ ଅତ୍ୟନ୍ତ ଉତ୍ସାହିତ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏବିଏମ୍ କୌଶିକ୍ ବାନାର୍ଜୀ ଉପସ୍ଥିତ ଥିଲେ।



## କଳା ଟଙ୍କା ଆଇନରେ ବଡ଼ ସଂଶୋଧନ

# ଚାଲିବନି ମାମଲା, ଲାଗିବନି ଜୋରିମାନା

ନୂଆଦିଲ୍ଲୀ,୩୧।୮ (ଏଜେନ୍ସି)

ଏଣିକି କଳାଧନ ରଖୁଥିବା ଲୋକଙ୍କ ଉପରେ କୌଣସି ଦଣ୍ଡବିଧାନ ହେବ ନାହିଁ। ଏପରିକି ସେମାନଙ୍କ ବିରୁଦ୍ଧରେ କୌଣସି ପ୍ରକାରର ମାମଲା ରୁଜୁ କରାଯିବନାହିଁ।





### ସରକାର ବଦଳାଇଲେ ନିୟମ

କାରଣ କେନ୍ଦ୍ର ସରକାର କଳାଧନ ସହିତ ଜଡିତ କିଛି ନିୟମ ପରିବର୍ତ୍ତନ କରିଛନ୍ତି। ତଥାପି, ଏହା ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ। କିଛି ସର୍ତ୍ତ ସହ ସରକାର 'କଳାଧନ' ରଖିବା ପାଇଁ କେତେକାଂଶରେ ଛାଡ ଦେଇଛନ୍ତି।

କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) କଳା ଟଙ୍କା ଆଇନ, ୨୦୧୫ ସହିତ ଜଡିତ ଏହାର ନିୟମରେ କିଛି ପରିବର୍ତ୍ତନ କରିଛି। ଏହି ପରିବର୍ତ୍ତନ ଅଗଷ୍ଟ ୧୮ରେ ଏକ ଆଭ୍ୟନ୍ତରୀଣ ନିର୍ଦ୍ଦେଶନାମାରେ କରାଯାଇଛି। ନୂତନ ନିୟମଅନୁଯାୟୀ, ଧାରା ୪୯/୫୦ ଅନୁଯାୟୀ ମାମଲା ରୁଜୁ କରାଯିବନାହିଁ। ଏହା ସେହି କ୍ଷେତ୍ରରେ ଲାଗୁ ହେବ ଯେଉଁଠାରେ ଧାରା ୪୨/୪୩ ଅନୁଯାୟୀ ଦଣ୍ଡ ଲାଗୁ କରାଯାଇ ନାହିଁ କିମ୍ବା 'ଲାଗୁ କରାଯାଇପାରେ'। ଏହି ପରିବର୍ତ୍ତନ ୨୦୨୪ ଅକ୍ଟୋବର ପହିଲାରୁ କାର୍ଯ୍ୟକାରୀ ହୋଇଛି। ପୂର୍ବରୁ, ଯଦି କାହାର ବିଦେଶରେ ଏକ ବ୍ୟାଙ୍କ ଆକାଉଣ୍ଟ ଥାଏ ଏବଂ ସେଥିରେ ଥିବା ଜମା ରାଶି ୫ ଲକ୍ଷ ଟଙ୍କାରୁ କମ୍ ଥାଏ, ତେବେ ସେ ବିଷୟରେ ସୂଚନା ନ ଦେବା ପାଇଁ ତାଙ୍କୁ ଜରିମାନା କରାଯାଉ ନ ଥିଲା। କିନ୍ତୁ, ବର୍ତ୍ତମାନ ଏହି ନିୟମ ପରିବର୍ତ୍ତନ ହୋଇଛି। ଏବେ, ଯଦି ଆପଣଙ୍କର ବିଦେଶରେ କୌଣସି ଚଳନ୍ତି ସମ୍ପତ୍ତି (ଯେପରିକି ଏକ ବ୍ୟାଙ୍କ ଆକାଉଣ୍ଟ, ସେୟାର କିମ୍ବା ଅନ୍ୟ କିଛି) ଅଛି ଏବଂ ଏହାର ମୂଲ୍ୟ ୨୦ଲକ୍ଷ ଟଙ୍କାରୁ କମ୍, ତେବେ ଆପଣଙ୍କୁ ଏହା ବିଷୟରେ ଚିନ୍ତା କରିବାକୁ ପଡ଼ିବନାହିଁ। ଯଦି ଆପଣ ଆୟକର ବିଭାଗକୁ ସୂଚନା ନ ଦିଅନ୍ତି, ତେବେ ଆପଣଙ୍କୁ ଧାରା ୪୨ ଏବଂ ୪୩ଅନୁଯାୟୀ ଜରିମାନା ଦେବାକୁ ପଡ଼ିବନାହିଁ। ଏହା ସହିତ, ଆପଣଙ୍କ ବିରୁଦ୍ଧରେ ଧାରା ୪୯ ଏବଂ ୫୦ ଅନୁଯାୟୀ ମାମଲା ମଧ୍ୟ ରୁଜୁ ହେବନାହିଁ। ଏହି ନିୟମ ବିଦେଶରେ କମ୍ ମୂଲ୍ୟର ସମ୍ପତ୍ତି ଥିବା ଲୋକଙ୍କ ପାଇଁ ବହୁତ ଲାଭଦାୟକ। ଏହା ସେମାନଙ୍କୁ ଅଯଥା ହଇରାଣରୁ ରକ୍ଷା କରିବ। ଏହି ନିୟମ ଅସ୍ଥାବର ସମ୍ପତ୍ତି (ଯେପରିକି ଜମି କିମ୍ବା ଘର) ପାଇଁ ପ୍ରଯୁଜ୍ୟ ହେବନାହିଁ।

ଆୟକର ବିଭାଗ ନିୟମରେ ଏହି ପରିବର୍ତ୍ତନ କରିଛି, ଯାହା ଦ୍ୱାରା ଛୋଟ ମାମଲା ଉପରେ ଧ୍ୟାନ ଦେବା ପରିବର୍ତ୍ତେ ବଡ଼ ମାମଲା ଉପରେ ଧ୍ୟାନ ଦିଆଯାଇପାରିବ। ଏହାସହିତ, ଏହି ସଂଶୋଧନର ଉଦ୍ଦେଶ୍ୟ ହେଉଛି ସେହି ବ୍ୟକ୍ତିମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଯେଉଁମାନେ ଅସାବଧାନତାବଶତଃ ଛୋଟ ବିଦେଶୀ ସମ୍ପତ୍ତି ପ୍ରକାଶ କରିବାରେ ବିଫଳ ହୋଇଛନ୍ତି। ଏପରି ପରିସ୍ଥିତିରେ, ଏବେ କୌଣସି ବର୍ଷରେ ୨୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଅଘୋଷିତ ବିଦେଶୀ ସ୍ଥାବର ସମ୍ପତ୍ତି (ଯେପରିକି ବ୍ୟାଙ୍କ ଆକାଉଣ୍ଟ, ସେୟାର କିମ୍ବା ସିକ୍ୟୁରିଟି) ଧାରକଙ୍କୁ ଜରିମାନା କରାଯିବନାହିଁ କିମ୍ବା ସେମାନଙ୍କ ବିରୋଧରେ କୌଣସି ମାମଲା ଚଳାଯିବନାହିଁ।

# ଟାଟା ଷ୍ଟିଲ୍ ଫାଉଣ୍ଡେସନ -ଓଡ଼ିଶା ସରକାର ଏମ୍‌ଓୟୁ

ଭୁବନେଶ୍ୱର, ୩୧।୮(ସମିସ): ଅନୌପଚାରିକ ବସ୍ତିରେ ଅନ୍ତର୍ଭୁକ୍ତୀକରଣ ଓ ବାସୋପଯୋଗୀ ସହରାଞ୍ଚଳ ବସତି ସ୍ଥାପନ ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ (ଏଚଆଣ୍ଡୟୁଡିଡି) ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି । ସାର୍ବଜନୀନ ଅଧିକାରକୁ ସୁନିଶ୍ଚିତ କରିବା ଏବଂ ଅନ୍ତର୍ଭୁକ୍ତୀକରଣ ସମାଜ ବିକାଶ ପାଇଁ ବ୍ୟାପକ ମଡେଲ ଗଠନ କରି ସହରାଞ୍ଚଳ ଅସମାନତା ହ୍ରାସ କରିବା ଉଦ୍ଦେଶ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ରେଳ ଅଡିଟୋରିଅମରେ ସ୍ୱାୟତ୍ତ ଶାସନ ଦିବସ ପାଳନ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, ମୁନିସିପାଲିଟି ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଏବଂ ଅନ୍ୟାନ୍ୟ ବରିଷ୍ଠ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭ ରାୟ ବୁଝଣାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଶ୍ରୀ ରାୟ କହିଛନ୍ତି, ଟାଟା ଷ୍ଟିଲ ଫାଉଣ୍ଡେସନ୍ ରାଜ୍ୟବ୍ୟାପୀ ଜନବସତି ଉପରେ ରୂପାନ୍ତରିତ ପ୍ରଭାବ ଆଣିବା ପାଇଁ ଓଡ଼ିଶା ସରକାରଙ୍କ ସହିତ ଲଗାତାର କାର୍ଯ୍ୟ କରୁଛି। ଆଜିର ଏହି ଏମଓୟୁ ଏ ଦିଗରେ ଆଉ ଏକ ନୂଆ ପଦକ୍ଷେପ।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଐତିହ୍ୟ

- ୧୯୪୨- ଇଣ୍ଡିଆନ ନେସନାଲ ଆର୍ମି ଗଠନ ହେଲା।
- ୧୯୫୬- ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ସ୍ଥାପନା।
- ୧୯୭୪- ଇଣ୍ଡିଆନ୍ ଅଏଲ୍ ରିଫାଇନାରି ଓ ଇଣ୍ଡିଆନ୍ ଅଏଲ୍ କମ୍ପାନିକୁ ମିଶାଇ ଦିଆଯାଇ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ କରିଦିଆଗଲା।
- ୧୯୯୭- ପରିବେଶବିତ୍ ଏମ୍.ସି ମେହେତାଙ୍କୁ ରମଣ ମାଗାସେସ୍ ପୁରସ୍କାର ଦିଆଗଲା।

## ତାନ୍ତ୍ରିକ ଭୂମିକାରେ ଶିଳ୍ପା



ଖୁବ୍ ଶୀଘ୍ର ସୁପର୍ ନାଚୁ୍ୟରାଲ ଥ୍ରିଲର୍ ଫିଲ୍ମ 'ଜଟାଧାରା' ରିଲିଜ୍ ହେବାକୁ ଯାଉଛି। ଏଥିରେ ସୋନାକ୍ଷୀ ସିହ୍ନା ଓ ସୁଧୀର ବାବୁ ମୁଖ୍ୟ ଚରିତ୍ରରେ ନଜର ଆସିବେ। ନିକଟରେ ଏହାର ଟିଜର୍ ଜାରି କରାଯାଇଥିଲା। ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଏବେ ଏହି ଫିଲ୍ମର ଅନ୍ୟ ଜଣେ ଅଭିନେତ୍ରୀଙ୍କ ଲୁକ୍‌କୁ ସେୟାର୍ କରାଯାଇଛି। ଫିଲ୍ମରେ ଶିଳ୍ପା ଶିରୋଦକର ମଧ୍ୟ ନଜର ଆସିବେ। ଶିଳ୍ପାଙ୍କୁ ତାନ୍ତ୍ରିକ ଭୂମିକାରେ ଦେଖିବାକୁ ମିଳିବ। ପୋଷ୍ଟର୍‌ରେ ଶିଳ୍ପା ଯଜ୍ଞକୁଣ୍ଡ ସମ୍ମୁଖରେ କଳା ରଙ୍ଗର ଶାଢ଼ି ପିନ୍ଧି ତନ୍ତ୍ର ମନ୍ତ୍ର କରୁଥିବାର ଦେଖାଯାଇଛନ୍ତି। ତାଙ୍କ ପଛରେ ଅନେକଗୁଡ଼ିଏ ଦୀପ ରହିଛି। ଏଥିରେ ତାଙ୍କ ଚରିତ୍ରର ନାମ ଶୋଭା ରହିଛି। ତେବେ ଶିଳ୍ପାଙ୍କ ଏହି ଲୁକ୍‌କୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଏଯାଏଁ ଫିଲ୍ମର ରିଲିଜ୍ ଡେଟ୍ ଘୋଷଣା କରାଯାଇ ନାହିଁ। ପ୍ରେରଣା ଅରୋରା ଓ ଜି ଷ୍ଟୁଡିଓ ଏହାର ପ୍ରଯୋଜନା ଦାୟିତ୍ୱରେ ରହିଛି। ଭେଙ୍କଟ କଲ୍ୟାଣ ଓ ଅଭିଷେକ ଜୟସୱାଲ ଏହାର ନିର୍ଦ୍ଦେଶନା ଦେଇଛନ୍ତି।



## ଆଠମାସ ପାଣିରେ ବୁଡ଼ିରୁହେ ମନ୍ଦିର

ଭାରତର କୋଣ ଅନୁକୋଣରେ ଅନେକ ମନ୍ଦିର ଅଛି। କିଛି ମନ୍ଦିର ତା'ର ସ୍ଥାପତ୍ୟ ଓ କଳାକୃତି ପାଇଁ ଜଣାଯାଉଥିବାବେଳେ ଆଉ କିଛି ତା'ର ରହସ୍ୟମୟ ଇତିହାସ ପାଇଁ ଚର୍ଚ୍ଚିତ। ଏହିକ୍ରମରେ ହିମାଚଳ ପ୍ରଦେଶରେ ଥିବା ବାଥୁ କି ଲଡ଼ି ଶୈବପୀଠ ବର୍ଷକୁ ଆଠ ମାସ ପାଣି ଭିତରେ ବୁଡ଼ି ରହିଥାଏ। କେବଳ ଚାରି ମାସ ଶ୍ରଦ୍ଧାଳୁ ଭଗବାନଙ୍କୁ ଦର୍ଶନ କରିପାରନ୍ତି। ବାଥୁ କି ଲଡ଼ି ମନ୍ଦିର ପଞ୍ଜାବର ଜଳନ୍ଧରଠାରୁ ପ୍ରାୟ ୧୫୦ କିଲୋମିଟର ଦୂରରେ ମହାରାଣା ପ୍ରତାପ ସାଗର ହ୍ରଦର ଏକ ଟାପୁରେ ରହିଛି। ଏଠାରେ ମୁଖ୍ୟ ମନ୍ଦିର ବ୍ୟତୀତ ଆହୁରି ପାଞ୍ଚୋଟି ଛୋଟ ମନ୍ଦିର ଅଛି, ଯାହାକୁ ଦୂରରୁ ଦେଖିଲେ ଏକ ମାଳାରେ ଗୁନ୍ଥା ହୋଇଥିବା ପରି ମନେହୁଏ, ତେଣୁ ଏହି ମନ୍ଦିରକୁ ବାଥୁ କି ଲଡ଼ି (ମାଳା) କୁହାଯାଏ। ଏହି ମନ୍ଦିରର ସମ୍ପର୍କ ମହାଭାରତ କାଳରୁ ଥିବା କଥା ସ୍ଥାନୀୟ ଲୋକେ କୁହନ୍ତି। ସେହିଭଳି ଆଉ କିଛି ଲୋକ ସ୍ଥାନୀୟ ଅଞ୍ଚଳର ରାଜା ଏହାକୁ ନିର୍ମାଣ କରିଥିବା କଥା କୁହନ୍ତି। ଏହି ମନ୍ଦିର ଜୁଲାଇରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ପାଣି ଭିତରେ ବୁଡ଼ି ରୁହେ। ହ୍ରଦରୁ ପାଣି କମିବା ପରେ ମାର୍ଚ୍ଚରୁ ଜୁନ୍ ମାସ ଯାଏଁ ଏହା ଦୃଶ୍ୟମାନ ହୁଏ। ଏଠାରେ ଥିବା ଛଅଟି ମନ୍ଦିରରୁ ପାଞ୍ଚୋଟି ଭଗବାନ ବିଷ୍ଣୁଙ୍କୁ ସମର୍ପିତ ହୋଇଥିବାବେଳେ ଗର୍ଭଗୃହରେ ଭଗବାନ ଶିବ ବିରାଜିତ। ଏହି ମନ୍ଦିରକୁ ଦର୍ଶନ କରିବା ପାଇଁ ଲୋକେ ଡଙ୍ଗାରେ ଯାଇଥାନ୍ତି। ଅନ୍ୟପଟେ ବାଥୁ ନାମକ ଶକ୍ତିଶାଳୀ ପଥରରୁ ଏହି ମନ୍ଦିର ନିର୍ମାଣ କରାଯାଇଥିବାରୁ ଆଠ ମାସ ପାଣି ଭିତରେ ବୁଡ଼ି ରହିଲେ ବି ଏହାର ସଂରଚନାରେ କୌଣସି ପରିବର୍ତ୍ତନ ଆସେ ନାହିଁ ବୋଲି କୁହାଯାଏ।





## ଆବଶ୍ୟକତାଠୁ ଅଧିକ ଭିଟାମିନ୍ ଡି କ୍ଷତିକାରକ

ଶରୀରକୁ ସୁସ୍ଥ ରଖିବା ପାଇଁ ଅନ୍ୟ ଭିଟାମିନ୍ ଭଳି ଭିଟାମିନ୍ ଡି ମଧ୍ୟ ଖୁବ୍ ଜରୁରି। ହେଲେ ଆବଶ୍ୟକତାଠୁ ଅଧିକ ଭିଟାମିନ୍ ଡି ଶରୀର ପାଇଁ କ୍ଷତିକାରକ। ୨୦୨୪ ମସିହାରେ ଆବଶ୍ୟକତାଠୁ ଅଧିକ ଭିଟାମିନ୍ ଡିର ସେବନ ଯୋଗୁଁ ବ୍ରିଟେନର ୮୯ ବର୍ଷୀୟ ଜଣେ ବୟସ୍କ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଭିଟାମିନ୍ ଡି'ର ଓଭରଡୋଜ୍ ଯୋଗୁଁ ତାଙ୍କ ହାର୍ଟ ଏବଂ କିଡ୍‌ନୀ ଫେଲ୍ ହୋଇଯାଇଥିଲା ବୋଲି ସେତେବେଳେ ଡାକ୍ତର କହିଥିଲେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ୧୯ରୁ ୭୦ ବର୍ଷୀୟ ବୟସ୍କ ବ୍ୟକ୍ତିବିଶେଷଙ୍କୁ ପ୍ରତିଦିନ ୧୫ ମାଇକ୍ରୋଗ୍ରାମ୍ ଏବଂ ୭୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କୁ ୨୦ ମାଇକ୍ରୋଗାମ୍ ଭିଟାମିନ୍ ଡି ସେବନ କରିବା ଉଚିତ। ସେହିପରି ଜଣେ ବୟସ୍କ ବ୍ୟକ୍ତି ଅତି ବେଶୀରେ ପ୍ରତିଦିନ ୧୦୦ ମାଇକ୍ରୋଗାମ୍ ଭିଟାମିନ୍ ଡି ନେଇପାରିବେ। ପ୍ରତିଦିନ ଏହାଠୁ ଅଧିକ ଭିଟାମିନ୍ ଡି ସେବନ କରିବା ବିଷ ତୁଲ୍ୟ ହୋଇଥାଏ। ତେବେ କ୍ଲିଭ୍‌ଲ୍ୟାଣ୍ଡ କ୍ଲିନିକ୍ ଅନୁସାରେ, କିଛି ଲୋକଙ୍କ ପାଇଁ ୧୦୦ ମାଇକ୍ରୋଗାମ୍ ଭିଟାମିନ୍ ଡି ବି କ୍ଷତିକାରକ ହୋଇପାରେ। ଭିଟାମିନ୍ ଡି ଶରୀରରେ ଅଧିକ ହେବା ଦ୍ୱାରା ରକ୍ତରେ କ୍ୟାଲସିୟମ୍ ସ୍ତର ବଢ଼ିଯାଏ। ପ୍ରାରମ୍ଭିକ ଲକ୍ଷଣ ଭାବେ ବାନ୍ତି, କୋଷ୍ଠକାଠିନ୍ୟ, ପେଟ ଯନ୍ତ୍ରଣା ଏବଂ ଭୋକ କମ୍ ଲାଗେ। ସେହିପରି ଏହି ସ୍ଥିତି ଅଧିକ ଉତ୍କଟ ହେଲେ ମଣିଷ ଚେତାଶୂନ୍ୟ ହେବା ଆଶଙ୍କା ରହିଛି। କେବଳ ସେତିକି ନୁହେଁ, କିଡ୍‌ନି ଜନିତ ସମସ୍ୟା, ମାଂସପେଶୀ ଯନ୍ତ୍ରଣା ଓ ଦୁର୍ବଳ ଲାଗିବା ଏବଂ ହୃଦ୍ ସ୍ପନ୍ଦନ ସହ ଜଡ଼ିତ ସମସ୍ୟା ମଧ୍ୟ ଦେଖା ଦେଇପାରେ। ତେବେ ଏହାର ଅତ୍ୟଧିକ ପ୍ରଭାବ ପ୍ରଥମେ କିଡ୍‌ନି ଉପରେ ପଡ଼ିଥାଏ। ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ଅନୁସାରେ, ଏହାଦ୍ୱାରା କିଡ୍‌ନିରେ ଷ୍ଟୋନ, କ୍ୟାଲସିୟମ ଜମିବା ଏବଂ ଅଚାନକ ଏହା ଖରାପ ହେବା ସମସ୍ୟା ଦେଖା ଦିଏ। ଏହାପରେ ଏହାର ଅଧିକ ପ୍ରଭାବ ହାର୍ଟ ଉପରେ ପଡ଼ିଥାଏ। ଫଳରେ ହୃଦ୍‌ଘାତ ହେବା ଆଶଙ୍କା ଥାଏ। ଭିଟାମିନ୍ ଡି ସ୍ୱାସ୍ଥ୍ୟ ଲାଗି ଜରୁରି। ହେଲେ ସବୁବେଳେ ଠିକ୍ ମାତ୍ରାରେ ଏବଂ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଏହାକୁ ନେବା ଉଚିତ।

## ସୁନିଆଁ ଓ ବାମନ ଜନ୍ମ



ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥୀରେ ସୁନିଆଁ ପର୍ବ ଓ ବାମନ ଉତ୍ସବ ପାଳନ କରାଯାଏ। ଏଥର ଏହି ପର୍ବ ସେପ୍ଟେମ୍ବର ୪ ତାରିଖରେ ପାଳନ ହେବ। ଏହିଦିନ ବାମନ ଅବତାରରେ ବିଷ୍ଣୁ ଅଦିତିଙ୍କ ଗର୍ଭରୁ ଜନ୍ମ ହୋଇଥିଲେ। ଏହି ପବିତ୍ର ତିଥିକୁ 'ବାମନ ଦ୍ୱାଦଶୀ' ବି କୁହାଯାଏ। ଅନ୍ୟପକ୍ଷରେ ଏହି ଦିନ ଗଜପତିଙ୍କ ନୂଆ ଅଙ୍କ ଆରମ୍ଭ ହୁଏ। ତେଣୁ ଏହାକୁ ଉତ୍କଳୀୟ ନବବର୍ଷ ବୋଲି କୁହାଯାଏ। ଓଡ଼ିଆ ଜାତକରେ ବର୍ଷ, ମାସ, ତାରିଖ ଓ ନକ୍ଷତ୍ର ଲେଖା ଥାଏ। ସୁନିଆଁ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିଆସନ ବର୍ଷର ଗଣନା ହୋଇଥାଏ। ଏହିଦିନ ବ୍ରାହ୍ମଣମାନେ ଶ୍ରୀନଅରକୁ ଆସି ଗୋଟିଏ ଲେଖାଏଁ ନଡ଼ିଆ ଗଜପତିଙ୍କୁ ଭେଟି ଦେଇ ମହାରାଜାଙ୍କୁ ଆଶୀର୍ବାଦ କରିଥାନ୍ତି। ସମସ୍ତଙ୍କୁ ଶ୍ରୀନଅରରେ ମହାପ୍ରସାଦ ମଧ୍ୟ ବଣ୍ଟାଯାଏ। ତେବେ ସୁନିଆଁରେ ଗଜପତି ମହାରାଜା ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି କନକ ଭେଟି ଅର୍ପଣ କରିବାର ପ୍ରଥା ଅଛି। ଏହିଦିନ ସ୍ୱର୍ଣ୍ଣମୁଦ୍ରାରେ ଗଜପତି ମହାରାଜାଙ୍କ ନୂତନ ଅଙ୍କ କଟାଯାଇ ନୂତନ ଅଙ୍କର ଗଣନା ଆରମ୍ଭ ହୁଏ। ଏବେ ରାଜତନ୍ତ୍ର ନ ଥିଲେ ମଧ୍ୟ ରାଜ ପରିବାରମାନଙ୍କରେ ଏହିପର୍ବ ଯଥାବିଧି ପାଳିତ ହୋଇ ଆସୁଛି।

## ଗୃହ ପ୍ରବେଶର ଉପହାର

**ନୂଆ ଘର କିଣିଲେ କିମ୍ବା ତିଆରି କଲେ ଗୃହ ପ୍ରବେଶ ପୂଜା କରାଯାଏ। ଏହି ଅବସରରେ ଲୋକମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଏ। ତେବେ ଗୃହ ପ୍ରବେଶ ପୂଜାରେ କେଉଁ ଉପହାର ଦେବା ଶୁଭ ହୋଇଥାଏ, ସେ ସମ୍ପର୍କରେ ଜାଣିବା।**



- ଗଣେଶଙ୍କ ଏକ ସୁନ୍ଦର ମୂର୍ତ୍ତି ଗୃହ ପ୍ରବେଶ ଲାଗି ଏକ ସୁନ୍ଦର ଉପହାର ହୋଇପାରେ।
- ରୁପାକୁ ଶୁଭ ବୋଲି କୁହାଯାଏ। ତେଣୁ ରୁପା ମୁଦ୍ରା, ପ୍ଲେଟ୍ ଏବଂ ରୁପାର ଗଣେଶ- ଲକ୍ଷ୍ମୀଙ୍କ ମୂର୍ତ୍ତି ବି ଦେଇପାରିବେ। ଏହାକୁ ରଖିଲେ ଘରେ ସୁଖ-ସମୃଦ୍ଧି ବୃଦ୍ଧି ପାଏ।
- ତୁଳସୀଙ୍କୁ ଦେବୀ ଲକ୍ଷ୍ମୀଙ୍କ ରୂପ ବୋଲି ବିବେଚନା କରାଯାଏ। ଏହାକୁ ଘରେ ରଖିବା ଶୁଭ। ଏହା ଘରର ବାତାବରଣକୁ ଶୁଦ୍ଧ କରିଥାଏ। ତେଣୁ ତୁଳସୀ ଗଛ ଉପହାରରେ ଦେବା ଭଲ।
- ପୂଜା ପାଇଁ ଦୀପ, ଘିଅ ତଥା ପୂଜା ସାମଗ୍ରୀ ଦେଇପାରିବେ।
- ରୋଷେଇ ଲାଗି ନୂଆ ବାସନ ମଧ୍ୟ ଖୁବ୍ ଉପଯୋଗୀ ଉପହାର ହୋଇପାରେ।

## ସ୍ୱସ୍ତି

## ଭାଗବତ ଜନ୍ମ

**ଶ୍ରୀମଦ୍ ଭାଗବତ ହେଉଛି ଭଗବାନଙ୍କ ବାଙ୍ମୟ ରୂପ। ଭାଦ୍ରବ ପୂର୍ଣ୍ଣିମା ଦିନ ଭାଗବତ ଜନ୍ମ ପାଳନ କରାଯାଏ। ମହର୍ଷି ବ୍ୟାସଦେବ ଏହିଦିନ ଶ୍ରୀମଦ୍ ଭାଗବତର ରଚନା କରିଥିଲେ ବୋଲି କୁହାଯାଏ। ମୂଳ ସଂସ୍କୃତ ଭାଗବତକୁ ଅତିବଡ଼ି ଜଗନ୍ନାଥ ଦାସ ନବାକ୍ଷରୀ ଛନ୍ଦରେ ଓଡ଼ିଆରେ ରଚନା କରିଛନ୍ତି। ତେଣୁ ଏହିଦିନ ଜଗନ୍ନାଥ ଦାସଙ୍କ ରଚିତ 'ଓଡ଼ିଆ ଭାଗବତ' ପାଇଁ ଉତ୍ସର୍ଗୀକୃତ।**



ଭାଗବତ ଜନ୍ମକୁ 'ଭାଗବତ ବଡ଼ା' ମଧ୍ୟ କୁହାଯାଏ। ଭାଦ୍ରବ ଶୁକ୍ଳ ନବମୀଠାରୁ ଆରମ୍ଭ ହେଉଥିବା ଭାଗବତ ପାରାୟଣ ଏହିଦିନ ସମାପନ ହୁଏ। ତେବେ ଭାଗବତ ପାରାୟଣର ଯେଉଁ ବିଧି ଅଛି, ତାହାକୁ 'ଭାଗବତ ସପ୍ତା' କୁହାଯାଏ। ଏହାର ଅର୍ଥ ସାତଦିନ ପର୍ଯ୍ୟନ୍ତ ବା ସପ୍ତାହବ୍ୟାପୀ ଭାଗବତ ପାଠ।

ଏହିଦିନ ଭାଗବତ ପୋଥି ନିକଟରେ ନୈବେଦ୍ୟ ଅର୍ପଣ କରାଯାଏ। ପୂର୍ବରୁ ଗାଁ ଗାଁରେ ଭାଗବତ ଟୁଙ୍ଗି ଥିଲା। ଏଠାରେ ପ୍ରତିଦିନ ସନ୍ଧ୍ୟାରେ ଭାଗବତ ପାଠ କରାଯାଉଥିଲା। ଗାଁର ବୟସ୍କ, ମହିଳା, ପୁରୁଷ, ଛୋଟ ପିଲା ସମସ୍ତେ ଏହି ଗୋଟିଏ ସ୍ଥାନରେ ବସି ଭାଗବତର ଅମୃତ ବାଣୀ ଶୁଣନ୍ତି। ସେଥିପାଇଁ ଭାଗବତ ଘରେ ଘରେ ପୂଜା ପାଏ। ପରମ ଶାସ୍ତ୍ର ଭାଗବତ ପାଠ ତଥା ଏହାର ଶ୍ରବଣ ଦ୍ୱାରା ଉଭୟ ଶ୍ରୋତା, ବକ୍ତା ଓ ପ୍ରଶ୍ନକର୍ତ୍ତା ସମସ୍ତେ ମୋକ୍ଷ ତଥା ପରମାତ୍ମାଙ୍କ ସାନ୍ନିଧ୍ୟ ଲାଭ କରନ୍ତି। ମହାପୁରାଣ ଭାଗବତ ବାରଖଣ୍ଡରେ ବିଭକ୍ତ। ପ୍ରତିଖଣ୍ଡରେ ୧୦-୩୦ଟି ଅଧ୍ୟାୟ ଥିବା ବେଳେ ପ୍ରତି ଅଧ୍ୟାୟରେ ୫୦-୩୦୦ ପଦ ଅଛି। ସେହିପରି ଏହାକୁ ଏଭଳି ଭାବେ ରଚନା କରାଯାଇଛି ଯେ, ପ୍ରତିଦିନ ଗୋଟିଏ ଗୋଟିଏ ଅଂଶକୁ ୩୬୫ ଦିନ ପର୍ଯ୍ୟନ୍ତ ପାଠ କରାଯାଇପାରିବ। ଏ ଦୃଷ୍ଟିରୁ ଭାଗବତ ହେଉଛି ବ୍ୟାପକତାର ପରିଚୟ। ଅନ୍ୟ ଏକ ମତରେ, ଶୁକମୁନି ରାଜ ପରୀକ୍ଷିତଙ୍କୁ ଉଦ୍ଧାର କରିବା ପାଇଁ ତାଙ୍କୁ ମହର୍ଷି ବ୍ୟାସକୃତ ଶ୍ରୀମଦ୍‌ଭାଗବତ ଶୁଣାଇ ଥିଲେ। ଭାଦ୍ରବ ପୂର୍ଣ୍ଣିମାରେ ତାହା ସମାପନ ହୋଇଥିଲା। ତେବେ ଯାହା ହେଉ, ଭାଗବତରେ ଅମୂଲ୍ୟ ଉପଦେଶ ରହିଛି। ମଣିଷକୁ ସତ୍‌ମାର୍ଗରେ ଯିବା ପାଇଁ ସେଥିପାଇଁ ଭାଦ୍ରବ ପୂର୍ଣ୍ଣମୀ ଭାଗବତ ଜନ୍ମର ପୁଣ୍ୟ ତିଥି ଭାବେ ପାଳନ କରାଯାଉଛି। ସେଥିପାଇଁ କୁହାଯାଇଛି- 'ପରମ ଶାସ୍ତ୍ର ଭାଗବତ। ଅଭ୍ୟାସ କରୁଥିବା ନିତ୍ୟ।' ଚଳିତବର୍ଷ ସେପ୍ଟେମ୍ବର ୭ ତାରିଖରେ ଏହା ପଡୁଛି।

## ସ୍ୱପ୍ନରେ ମୂଷା ଦେଖୁଥିଲେ

**ହିନ୍ଦୁ ଧର୍ମରେ ମୂଷାକୁ ଗଣେଶଙ୍କ ବାହନ ବୋଲି କୁହାଯାଏ। ସ୍ୱପ୍ନରେ ବାରମ୍ବାର ମୂଷା ଦେଖିବା ଶୁଭ କି ଅଶୁଭ ସେସମ୍ପର୍କରେ ସ୍ୱପ୍ନ ଶାସ୍ତ୍ରରେ କୁହାଯାଇଛି। ତେବେ ଅଲଗା ଅଲଗା ମୂଷା ସ୍ୱପ୍ନରେ ଦେଖିବା କି ସଙ୍କେତ ଦିଏ, ସେ ସମ୍ପର୍କରେ, ଜାଣିବା।**

- ସ୍ୱପ୍ନରେ କଳା ମୂଷା ଭୟଭୀତ ହେଇ ଦୌଡ଼ି ଯିବାକୁ ଅଶୁଭ ବୋଲି କୁହାଯାଇଛି। ଏହା ନକାରାତ୍ମକ, ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟାର ସଙ୍କେତ ଦିଏ।
- ସ୍ୱପ୍ନରେ ମୂଷା ଧରିବା ଦେଖିବାର ଅର୍ଥ ହେଉଛି କୌଣସି ସମସ୍ୟାର ସମାଧାନ ମିଳିପାରେ।
- ସେହିପରି ସ୍ୱପ୍ନରେ ମୃତ ମୂଷାକୁ ଦେଖିବା ଶୁଭ। ଏଭଳି ସ୍ୱପ୍ନ ଭବିଷ୍ୟତରେ ସମସ୍ୟାରେ ଜିତ୍ ହାସଲ କରିପାରିବେ।
- ମୂଷା ଛୁଆକୁ ସ୍ୱପ୍ନରେ ଦେଖିବା ଅତ୍ୟନ୍ତ ଶୁଭ। ଏଭଳି ସ୍ୱପ୍ନ ଜୀବନରେ ସୁଧାର ଆଣି ଧନଲାଭର ସଙ୍କେତ ଦିଏ। ଗଣେଶଙ୍କ ବିଶେଷ କୃପା ପ୍ରାପ୍ତି ହୁଏ।
- ତେବେ ସ୍ୱପ୍ନରେ ବଡ଼ ମୂଷା ଦେଖିବା ଅଶୁଭ ବୋଲି କୁହାଯାଇଛି। କୌଣସି ଅନ୍ତରଙ୍ଗ ବ୍ୟକ୍ତି ଧୋକା ଦେବାକୁ ଏହା ସୂଚାଏ।
- ମୂଷା ପଲଙ୍କୁ ସ୍ୱପ୍ନରେ ଦେଖିବା ଅଶୁଭ। ସମ୍ପର୍କରେ ଚିନ୍ତା ଓ କ୍ୟାରିୟରରେ ସମସ୍ୟା ଦେଖାଦେବାକୁ ଏହା ଇଙ୍ଗିତ କରେ।



● ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍

## ସାତ୍ତ୍ୱିକ-ଚିରାଗ ପୁଣି କାଂସ୍ୟରେ ସନ୍ତୁଷ୍ଟ



ପ୍ୟାରିସ, ୩୧।୮ (ଏଜେନ୍ସି): ଭାରତୀୟ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ପ୍ୟାରିସରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ହାସଲ କରିଛନ୍ତି। ଶନିବାର ରାତିରେ ଖେଳାଯାଇଥିବା ପୁରୁଷ ଡବଲ୍ସ ସେମିଫାଇନାଲରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୧୯-୨୧, ୨୧-୧୮, ୧୨-୨୧ ଗେମରେ ଚୀନର ଚେନ୍ ବୋ ୟାଙ୍ଗ ଓ ଲିଉ ୟି ଯୋଡ଼ିଙ୍କ ନିକଟରୁ ହାରିଯାଇଥିଲେ। ଚୀନ ଯୋଡ଼ିଙ୍କୁ ଏହି ମ୍ୟାଚ୍ ଜିତିବା ଲାଗି ଏକ ଘଣ୍ଟା ୭ ମିନିଟ୍ ସମୟ ଲାଗିଥିଲା। ଫାଇନାଲରେ ପ୍ରବେଶ କରିପାରି ନ ଥିଲେ ମଧ୍ୟ ବ୍ୟାଡ୍‌ମିଣ୍ଟନର ନିୟମ ଅନୁଯାୟୀ ଉଭୟ ସାତ୍ତ୍ୱିକ-ଚିରାଗ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି। ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ସାତ୍ତ୍ୱିକ-ଚିରାଗ ଯୋଡ଼ିଙ୍କ ଏହା ଦ୍ୱିତୀୟ କାଂସ୍ୟ ପଦକ। ଏଥିପୂର୍ବରୁ ୨୦୨୨ ସଂସ୍କରଣରେ ଏହି ଭାରତୀୟ ଯୋଡ଼ି ସମାନ ସଫଳତା ପାଇଥିଲେ। ସେହିଭଳି ୨୦୧୧ରୁ ଏହି ମେଗା ଇଭେଣ୍ଟର ପ୍ରତ୍ୟେକ ସଂସ୍କରଣରେ ଭାରତ ଅତିକମ୍‌ରେ ଗୋଟିଏ ପଦକ ଜିତିବାର ଧାରାକୁ ବଜାୟ ରଖିବାରେ ସଫଳ ହୋଇଛି। ବିଶ୍ୱ ବ୍ୟାଡ୍‌ମିଣ୍ଟନ ଇତିହାସରେ ୧୧ଜଣ ଭାରତୀୟ ୧୫ଟି ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ସେମାନଙ୍କ ମଧ୍ୟରୁ ପିଭି ସିନ୍ଧୁ ୨୦୧୯ରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ବିଶ୍ୱ ବ୍ୟାଡ୍‌ମିଣ୍ଟନର ଏହି ସମ୍ମାନଜନକ ପ୍ରତିଯୋଗିତାର ପରବର୍ତ୍ତୀ ସଂସ୍କରଣ ୨୦୨୬ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ।

## ବିସିବି ଅଧ୍ୟକ୍ଷ ପଦ ଲାଗି ଲଢ଼ିବେ ତାମିମ୍



ଢାକା, ୩୧।୮ (ଏଜେନ୍ସି): ବାଂଲାଦେଶ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ତାମିମ ଇକବାଲ ତାଙ୍କ କ୍ୟାରିୟର ଆଉ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛନ୍ତି। ତାମିମ ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)ର ଆଗାମୀ ନିର୍ବାଚନରେ ଲଢ଼େଇ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିସିବିର ନିର୍ବାଚନ ଅକ୍ଟୋବରରେ ଅନୁଷ୍ଠିତ ହେବ। ଏଥିରେ ୩୬ ବର୍ଷୀୟ ତାମିମ ଅଧ୍ୟକ୍ଷ ପଦରେ ଲଢ଼େଇ କରିବେ ବୋଲି ଜଣାପଡ଼ିଛି। ବାଂଲାଦେଶର ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ତାମିମ କହିଛନ୍ତି, 'ବିସିବି ନିର୍ବାଚନରେ ଅଂଶଗ୍ରହଣ କରିବାର ଏକ ଭଲ ସୁଯୋଗ ରହିଛି। କିନ୍ତୁ କେହି ଆଗୁଆ କହିପାରିବେ ନାହିଁ ଯେ ଅଧ୍ୟକ୍ଷ କିଏ ହେବ। ଯଦି ଆମେ ବାଂଲାଦେଶ କ୍ରିକେଟର୍ସ ୱେଲଫେୟର ସଂଘ କଥା କୁହାଯିବ ତେବେ ସେଠାରେ ସଭାପତି ସିଧାସଳଖ ନିର୍ବାଚିତ ହୁଅନ୍ତି। କିନ୍ତୁ ବିସିବି ନିର୍ବାଚନ ଅଲଗା ପ୍ରକାର ହୋଇଥାଏ। ସର୍ବପ୍ରଥମେ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହେବା ଆବଶ୍ୟକ। ଏହାପରେ ଯଦି ଅଧ୍ୟକ୍ଷ ପଦ ଲାଗି ୨ଜଣ ଠିଆ ହୁଅନ୍ତି ତେବେ ନିର୍ଦ୍ଦେଶକମାନେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଭୋଟ୍ ଦେଇ ବାଛିବେ। ତେଣୁ ଏଥର ମୋ ନିକଟରେ ଭଲ ସୁଯୋଗ ରହିଛି ଏବଂ ମୁଁ ଅଧ୍ୟକ୍ଷ ଲାଗି ଲଢ଼ିବି।' ବାମହାତୀ ବ୍ୟାଟର୍ ବାଂଲାଦେଶ ଇତିହାସରେ ଦିନିକିଆ କ୍ରିକେଟରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ରହିଛନ୍ତି। ସେ ୨୪୩ ମ୍ୟାଚ୍ ଖେଳି ୮୩୫୭ ରନ ସଂଗ୍ରହ କରିଛନ୍ତି। ସେହିଭଳି ୭୦ ଟେଷ୍ଟ ଓ ୭୮ ଟି-୨୦ରେ ତାଙ୍କ ନାମରେ ଯଥାକ୍ରମେ ୫୧୩୪ ଓ ୧୭୫୮ ରନ ଲିପିବଦ୍ଧ ରହିଛି।

ଏସିଆ କପ୍ ହକି

# କ୍ରମାଗତ ୨ୟ ବିଜୟ ସହ ସୁପର୍-୪ରେ ଭାରତ

ରାଜଗିର, ୩୧।୮ (ଏଜେନ୍ସି)



ପୁଲ୍ ମ୍ୟାଚରେ ଭାରତୀୟ ଦଳ ଦମ୍‌ଦାର

ବିହାରରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟର ଦ୍ୱାଦଶ ସଂସ୍କରଣରେ ଘରୋଇ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରବିବାର ତୃତୀୟ ଦିବସରେ ଖେଳାଯାଇଥିବା ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୩-୨ ଗୋଲ୍‌ରେ ଜାପାନକୁ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ୍ ସିଂହ ଡବଲ୍ ଗୋଲ୍ ଦେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ଭାରତ ୪-୩ ଗୋଲରେ ଚାଇନାକୁ ମାତ୍ ଦେଇଥିଲା। ଫଳରେ ପୁଲ୍-ଏ'ରେ ସ୍ଥାନ ପାଇଥିବା ଭାରତ ୨ ମ୍ୟାଚରୁ ୬ ପଏଣ୍ଟ ପାଇ ସୁପର୍-୪ ନିକଟତର ହୋଇଛି। ଘରୋଇ ଦଳ ଏହାର ଶେଷ ପୁଲ୍ ମ୍ୟାଚରେ ସୋମବାର କାଜାଖସ୍ତାନକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

ରବିବାର ଜାପାନ ବିପକ୍ଷ ଦ୍ୱିତୀୟ ପୁଲ୍ ମ୍ୟାଚରେ ଭାରତୀୟ ଦଳ ଦମ୍‌ଦାର ଆରମ୍ଭ କରିଥିଲା। ପ୍ରଥମ କ୍ୱାର୍ଟରର ପ୍ରଥମ ୫ ମିନିଟ୍ ମଧ୍ୟରେ ୨ଟି ଗୋଲ୍ ଦେଇ ହରମନପ୍ରୀତ୍‌ଙ୍କ ଦଳ ଏହାର ଆଭିମୁଖ୍ୟ ସ୍ପଷ୍ଟ କରିଥିଲା। ମ୍ୟାଚର ୪ର୍ଥ ମିନିଟ୍‌ରେ ମନଦୀପ୍ ସିଂହ ଏକ ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ଭାରତର ଖାତା ଖୋଲିଥିଲେ। ଏହାର ଠିକ୍ ପରବର୍ତ୍ତୀ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ସୁଯୋଗ ମିଳିଥିଲା। ଅଭିଜ୍ଞ ଡ୍ରାଗଫ୍ଲିଗର ହରମନପ୍ରୀତ୍ ଏହାର ଭରପୁର ଫାଇଦା ଉଠାଇ ଅଗ୍ରଣୀକୁ ୨-୦କୁ ବୃଦ୍ଧି କରାଇଥିଲେ। ପ୍ରଥମ କ୍ୱାର୍ଟର ତଥା ୧୫ ମିନିଟ୍‌ରେ ଭାରତ ଏହି ଅଗ୍ରଣୀକୁ ବଜାୟ ରଖିଥିଲା। ଏହାପରେ ଦ୍ୱିତୀୟ କ୍ୱାର୍ଟରରେ ଜାପାନ ଲଢ଼ୁଆ ପ୍ରଦର୍ଶନ କରିବାରୁ ଭାରତ ଗୋଟିଏ ହେଲେ ଗୋଲ୍ ସ୍କୋର କରିପାରି ନ ଥିଲା। ଫଳରେ ଏହି କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଜାପାନ ପ୍ରତ୍ୟାବର୍ତ୍ତନ କରିଥିଲା। ତୃତୀୟ କ୍ୱାର୍ଟର ତଥା ମ୍ୟାଚର ୩୮ତମ ମିନିଟ୍‌ରେ ହୟୋତା ୟାମାଦା ଭାରତୀୟ ଡିଫେଣ୍ଡରଙ୍କୁ ଚକ୍‌ମା ଦେଖାଇ ବଲ୍‌କୁ ନେଟ୍ସ ମଧ୍ୟକୁ ପଠାଇଦେଇଥିଲେ। ଫଳରେ ଜାପାନ ମ୍ୟାଚକୁ ୧-୨ ସ୍ଥିତିକୁ ଆଣିଥିଲା। କିନ୍ତୁ ୪ର୍ଥ କ୍ୱାର୍ଟର ଆରମ୍ଭରୁ ଭାରତ ଆଉ ଏକ ପେନାଲ୍ଟି କର୍ଣ୍ଣର ପାଇଥିଲା। ଏଥର ମଧ୍ୟ ଅଧିନାୟକ ହର୍‌ମନପ୍ରୀତ୍ କୌଣସି ତ୍ରୁଟି ନ କରି ଭାରତ ପାଇଁ ୩ୟ ଗୋଲ୍ ଦେଇଥିଲେ। ଫଳରେ ଭାରତ ୩-୧ରେ ଆଗୁଆ ରହିଥିଲା। ଏହାପରେ ଜାପାନ କିନ୍ତୁ ସହଜରେ ଭାରତକୁ ଛାଡ଼ିବା ସ୍ଥିତିରେ ନ ଥିଲା। ମ୍ୟାଚ ଶେଷ ହେବାକୁ ଆଉ ୨ ମିନିଟ୍ ଥିବାବେଳେ କୋଶେଇ କାୱାବେଙ୍କ ଗୋଲ୍ ମ୍ୟାଚରେ ରୋମାଞ୍ଚ ଭରିଦେଇଥିଲା। ଏହାସତ୍ତ୍ୱେ ଭାରତ ୩-୨ ଗୋଲ୍‌ରେ ଶେଷରେ ବିଜୟୀ ହୋଇ ୩ ପଏଣ୍ଟ ଅର୍ଜନ କରିଥିଲା।

**ତୃତୀୟ ଦିନର ଫଳାଫଳ**

ଭାରତ- ୩ : ଜାପାନ- ୨
ଚାଇନା- ୧୩ : କାଜାଖସ୍ତାନ- ୧

ହକି ଇଣ୍ଡିଆ ଲିଗ୍

## ଓହରିଲା ଟିମ୍ ଗୋନାସିକା, ଓଡ଼ିଶା ୱାରିୟର୍ସ

ରାଜଗିରି, ୩୧।୮ (ଏଜେନ୍ସି): ହକି ଇଣ୍ଡିଆ ଲିଗ୍(ଏଚ୍‌ଆଇଏଲ୍)ର ଆଗାମୀ ସଂସ୍କରଣରୁ ଟିମ୍ ଗୋନାସିକା ଓହରିଯାଇଛି। ସେହିଭଳି ମହିଳା ହକି ଇଣ୍ଡିଆ ଲିଗ୍ (ଡବ୍ଲ୍ୟୁଏଚଆଇଏଲ୍)ରୁ ମଧ୍ୟ ଓଡ଼ିଶା ୱାରିୟର୍ସ ଓହରିଯିବାକୁ ନିଷ୍ପତ୍ତି ନେଇଛି। ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ରବିବାର ଏହି ସୂଚନା ଦେଇଛନ୍ତି। ବିହାରରେ ଚାଲିଥିବା ଏସିଆ କପ୍ ଅବସରରେ ଦିଲୀପ ଗଣମାଧ୍ୟମକୁ କହିଛନ୍ତି, 'ଟିମ୍ ଗୋନାସିକା ଏଚ୍‌ଆଇଏଲ୍‌ରେ ଆଉ ଭାଗନେବ ନାହିଁ। ଫ୍ରାଞ୍ଚାଇଜର ମାଲିକ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ସମସ୍ତ ଖେଳାଳି ସେମାନଙ୍କ ବାକି ଥିବା ଦେୟ ଫ୍ରାଞ୍ଚାଇଜ ନିକଟରୁ ପାଇସାରିଛନ୍ତି। ଓଡ଼ିଶା ୱାରିୟର୍ସ ପକ୍ଷରୁ ଦେୟ ପ୍ରଦାନରେ ବିଳମ୍ବ ହୋଇଥିଲା। ଆମେ ସେମାନଙ୍କ ପୁରସ୍କାର ରାଶିରୁ କାଟି ଖେଳାଳିଙ୍କୁ ବକେୟା ଥିବା ପାଉଣା ପ୍ରଦାନ କରିଥିଲୁ। ୱାରିୟର୍ସ ମଧ୍ୟ ଆଗାମୀ ଡବ୍ଲ୍ୟୁଏଚ୍‌ଆଇଏଲ୍‌ରେ ଭାଗନେବ ନାହିଁ।' ହକି ଇଣ୍ଡିଆ ସଭାପତି ଆହୁରି ମଧ୍ୟ କହିଛନ୍ତି, ଖୁବ ଶୀଘ୍ର ଦୁଇ ଫ୍ରାଞ୍ଚାଇଜର ବଦଳ ଦଳ ଘୋଷଣା କରାଯିବ। ପୂର୍ବଭଳି ମହିଳା ଲିଗ୍‌ରେ ୪ଟି ଓ ପୁରୁଷରେ ୮ଟି ଦଳ ଅଂଶଗ୍ରହଣ କରିବେ। ସେହିଭଳି ଓହରି ଯାଇଥିବା ଦୁଇ ଦଳର ଖେଳାଳିମାନେ ବଦଳ ଫ୍ରାଞ୍ଚାଇଜକୁ ସିଧାସଳଖ ଯିବେ ନାହିଁ। ସେମାନେ ଏବେ ମୁକ୍ତ ହୋଇଛନ୍ତି। ଆଗାମୀ ନିଲାମୀରେ ସାମିଲ ହେବାପରେ କେଉଁ ଦଳରୁ ଖେଳିବେ ତାହା ସ୍ପଷ୍ଟ ହେବ। ଏହା ଏକ ପୂର୍ଣ୍ଣାଙ୍ଗ ନିଲାମୀ ହେବ ନାହିଁ। ଏହା କ୍ଷୁଦ୍ର ନିଲାମୀ ସଦୃଶ ହେବ।

ଉଲ୍ଲେଖଯୋଗ୍ୟ, ଏଚ୍‌ଆଇଏଲ୍‌ର ଗତ ସଂସ୍କରଣରେ ଟିମ୍ ଗୋନାସିକା ଭାଇଜାଗରୁ ପ୍ରତିନିଧିତ୍ୱ କରୁଥିଲା। କିନ୍ତୁ ଏହାର ମାଲିକ ଓଡ଼ିଶାର ଥିଲେ। କେଉଁଝରର ବିଶିଷ୍ଟ ଶିଳ୍ପପତି ତାରିଣୀ ପ୍ରସାଦ ମହାନ୍ତି ଦଳର ମାଲିକ ରହିଥିଲେ। ଗୋନାସିକା ଦଳ ଗତ ସଂସ୍କରଣରେ ୧୦ ମ୍ୟାଚ୍ ଖେଳି ମାତ୍ର ୩ଟି ଜିତିଥିବାବେଳେ ୫ଟି ହାରିଥିଲା। ଦଳ ୮ ଦଳୀୟ ଟେବଲ ତାଲିକାର ୭ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ସେହିଭଳି ଓଡ଼ିଶା ୱାରିୟର୍ସ ଦଳକୁ ନଭୋୟାମ ସ୍ପୋର୍ଟ୍ସ ଭେଞ୍ଚର୍ସ କିଣିଥିଲା। ସଞ୍ଜୀବ ଶ୍ରୀବାସ୍ତବ ଏହାର ନିର୍ଦ୍ଦେଶକ ରହିଥିଲେ। ମହିଳା ହକି ଲିଗ୍‌ର ପ୍ରଥମ ସଂସ୍କରଣରେ ନେହା ଗୋୟଲ ଓଡ଼ିଶା ୱାରିୟର୍ସ ଦଳର ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ ଓଡ଼ିଶା ୱାରିୟର୍ସ ମଧ୍ୟ ଚାମ୍ପିଅନ ହୋଇଥିଲା।



ଗତ ସଂସ୍କରଣରେ ମହିଳା ହକି ଲିଗ୍ ଜିତିଥିବା ଓଡ଼ିଶା ୱାରିଅର୍ସ ଦଳ

## ସୁନା ଝିଅ ରଶ୍ମୀତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା




କଟକ,୩୧।୮ (ସମିସ): ଶ୍ରୀନଗରରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ଓଡ଼ିଶା କାୟାକିଂ ଓ କାନୋଇଂ ଦଳ ରନର୍ସଅପ ହୋଇଥିଲା। ଏହି ପ୍ରତିଯୋଗିତାରେ ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିବା ସହ କାନୋଇଂ ଇଭେଣ୍ଟରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ ଚୌଦ୍ୱାର ବଡବଜାର ନବଗ୍ରହ ସାହିର ଝିଅ ରଶ୍ମୀତା ସାହୁ। ଆଜି ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁନା ଝିଅ ରଶ୍ମୀତାଙ୍କ ସହ ଫୋନ୍ ଯୋଗେ କଥା ହୋଇ ଶୁଭେଚ୍ଛା ଜଣାଇଛନ୍ତି। ୮ ବର୍ଷ ପୂର୍ବେ ବିରୂପା ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ କାନୋଇଂ ଆଥଲେଟଙ୍କୁ ଅଭ୍ୟାସ କରୁଥିବା ଦେଖିଥିଲେ। ସେବେଠାରୁ ଇଚ୍ଛା ହୋଇଥିଲା ଖେଳ ବିଷୟରେ ଜାଣିବା ଓ ଶିଖିବା ପାଇଁ। ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ଅଭ୍ୟାସ ନେଇ ଏବେ ସେ ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି। ପିତା ସୁରେନ୍ଦ୍ର ସାହୁ ସ୍ଥାନୀୟ ଅଞ୍ଚଳରେ ମାଛ ବେପାର କରନ୍ତି। ସେଥିରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳେ। ମା ସବିତାଙ୍କ ପରଲୋକ ଘଟି ସାରିଛି। ୨୪ବର୍ଷୀୟ ରଶ୍ମୀତା ଏବେ କିଟରେ ସ୍ନାତକ ପାଠ ପଢ଼ୁଛନ୍ତି। ଇତି ମଧ୍ୟରେ ସେ ୪୧ ପଦକ ଜିତି ସାରିଲେଣି। ଯେଉଁଥିରେ ୧୩ଟି ସ୍ୱର୍ଣ୍ଣ, ୧୪ଟି ଲେଖାଏ ରୌପ୍ୟ ଏବଂ କାଂସ୍ୟ ପଦକ ରହିଛି। ନିକଟଅତୀତରେ ଶ୍ରୀନଗରରେ ଆୟୋଜିତ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ସେ ଡବଲ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ଆଜି ୪ ମିନିଟ ୧୫ ସେକେଣ୍ଡର ବାର୍ତ୍ତାଳାପରେ ରଶ୍ମୀତାଙ୍କ ଖେଳ ଜୀବନ ବିଷୟରେ ବୁଝିବା ସହ ଭାରତ ନିମନ୍ତେ ପଦକ ଜିତିବା ପାଇଁ ପ୍ରଧାନମନ୍ତ୍ରୀ ତାଙ୍କୁ ପ୍ରେରଣା ଦେଇଥିଲେ।

## ୟୁଏସ୍ ଓପନରୁ ଜ୍ୱେରେଭ ବିଦା

ନ୍ୟୁୟର୍କ, ୩୧।୮ (ଏଜେନ୍ସି): ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍‌ରେ ରବିବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପୁରୁଷ ସିଙ୍ଗଲ୍ସ ୩ୟ ରାଉଣ୍ଡର ଏକ ମ୍ୟାଚରେ ୩ୟ ସିଡ୍ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ ୩ୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏହି ମ୍ୟାଚରେ ୨୫ତମ ସିଡ୍ କାନାଡାର ଫେଲିକ୍ସ ଅଗର୍-ଆଲିଆସିମେ ୪-୬, ୭-୬, (୭), ୬-୪, ୬-୪ ସେଟ୍‌ରେ ଜ୍ୱେରେଭଙ୍କୁ ହରାଇ ବିପର୍ଯ୍ୟୟ ଘଟାଇବା ସହ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

## ଇଣ୍ଟରନ୍ୟାସନାଲ୍ ଲିଗ୍ ଟି-୨୦ରେ ଖେଳିବେ ଅଶ୍ୱିନ



ଚେନ୍ନଇ, ୩୧।୮ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ରବିଚନ୍ଦ୍ରନ ଅଶ୍ୱିନ ନିକଟରେ ଆଇପିଏଲ୍‌ରୁ ଅବସର ଘୋଷଣା କରିଥିଲେ। ଏହାପରେ ସେ ବିଦେଶୀ ଟି-୨୦ ଲିଗ୍‌ରେ ଖେଳିବେ ବୋଲି ସୂଚନା ଦେଇଥିଲେ। ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ୩୮ ବର୍ଷୀୟ ଅଶ୍ୱିନ ୟୁଏଇରେ ଖେଳାଯାଉଥିବା ଇଣ୍ଟରନ୍ୟାସନାଲ ଲିଗ୍ (ଆଇଏଲ୍) ଟି-୨୦ରେ ଖେଳିବାକୁ ମନ ବଳାଇଛନ୍ତି। ଏଥିଲାଗି ସେ ଖେଳାଳି ନିଲାମୀରେ ନାମ ପଞ୍ଜିକରଣ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏକ ସାକ୍ଷାତ୍‌କାରରେ ଅଶ୍ୱିନ କହିଛନ୍ତି, 'ହଁ ମୁଁ ଆଇଏଲ୍ ଟି-୨୦ ଆୟୋଜକଙ୍କ ସହ ଯୋଗାଯୋଗରେ ରହିଛି। ଆଶା ଅଛି ଯଦି ମୁଁ ନିଲାମୀକୁ ଯାଉଛି ତେବେ ମୋତେ କ୍ରେତା ନିଶ୍ଚିତ ମିଳିବେ।' ଉଲ୍ଲେଖଯୋଗ୍ୟ, ଆଇଏଲ୍ ଟି-୨୦ର ପରବର୍ତ୍ତୀ ସଂସ୍କରଣ ଡିସେମ୍ବର ୨ରୁ ଜାନୁଆରୀ ୪ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏଥିଲାଗି ଖେଳାଳି ନିଲାମ ସେପ୍ଟେମ୍ବର ୩୦ରେ ଅନୁଷ୍ଠିତ ହେବ। ଯେଉଁମାନେ ଖେଳାଳି ନିଲାମୀରେ ଅଂଶଗ୍ରହଣ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ସେପ୍ଟେମ୍ବର ୧୦ ସୁଦ୍ଧା ନାମ ପଞ୍ଜିକରଣ କରିବାକୁ ପଡ଼ିବ।

ଓସିଏର ଏଜିଏମ୍‌ରେ ନିଷ୍ପତ୍ତି

# ଷ୍ଟାର ସ୍ପୋର୍ଟ୍ସରେ ଓପିଟିଏଲ୍‌ର ସିଧାପ୍ରସାରଣ

କଟକ,୩୧।୮ (ସମିସ)




ଘରୋଇ ଲିଗ୍‌କୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ସେପ୍ଟେମ୍ବର ୧୫ରୁ କଟକରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍(ଓପିଟିଏଲ) ଆରମ୍ଭ ହେବ। ଯାହାର ବ୍ରାଣ୍ଡଆମ୍ବାସଡର ରହିବେ ଅଷ୍ଟ୍ରେଲୀୟ କିମ୍ବଦନ୍ତୀ ବୋଲର ବ୍ରେଟ୍ ଲି ଏବଂ ଅନ୍ତର୍ଜାତୀୟ ଓଡ଼ିଆ ଖେଳାଳି ଦେବାଶିଷ ମହାନ୍ତି। ଏହାଛଡ଼ା ଷ୍ଟାର ସ୍ପୋର୍ଟସ ଚ୍ୟାନେଲ ଏବଂ ଫ୍ୟାନକୋଡ୍(ଓଟିଟି)ରେ ସମ୍ପୂର୍ଣ୍ଣ ଲିଗ୍‌ର ସିଧାପ୍ରସାରଣ କରାଯିବ। ଆଜି ପୁରୀରେ ଆୟୋଜିତ ଓସିଏର ବାର୍ଷିକ ସାଧାରଣ ପରିଷଦ(ଏଜିଏମ) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା, ଅନ୍ତର୍ଜାତୀୟ ମ୍ୟାଚ୍ ପରିଚାଳନା ଏବଂ ଓସିଏ କର୍ମକର୍ତ୍ତା ନିର୍ବାଚନ ବାବଦରେ ମଧ୍ୟ ଏହି ଅବସରରେ ଆଲୋଚନା ହୋଇଥିଲା।

ସଭାପତି ପଙ୍କଜ ଲୋଚନ ମହାନ୍ତି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ୬ଟି ଦଳକୁ ନେଇ ବାରବାଟୀ ଷ୍ଟାଡିୟମରେ ଓପିଟିଏଲ ଖେଳାଯିବ। ପ୍ରତ୍ୟେକ ଦିନ ଦୁଇଟି ଲିଗ୍ ମ୍ୟାଚ୍ ରହିବ। ଆରିଭା ସ୍ପୋର୍ଟସ ଲିଗ୍‌ର ପ୍ରାୟୋଜକ ରହିଛି। ତେବେ ଖୁବଶୀଘ୍ର ଲିଗ୍ ନିମନ୍ତେ ଖେଳାଳି କ୍ରୟ କରାଯିବ। ପ୍ରତ୍ୟେକ ଖେଳାଳି ଡ୍ରାଫ୍ଟ ଆକାରରେ କିଣାଯିବେ। ଖେଳାଳିମାନଙ୍କ କାଟାଗୋରୀ ଓ ମୂଲ୍ୟ ଧାର୍ଯ୍ୟ ହୋଇସାରିଛି। ସମ୍ଭବତଃ ଆସନ୍ତା ୩ ତାରିଖରେ ପାଳି ଅନୁସାରେ ଫ୍ରାଞ୍ଚାଇଜ୍ ମାଲିକମାନେ ଖେଳାଳି କ୍ରୟ କରିବେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦ୍ୱାରା ଲିଗ୍ ଉଦ୍‌ଘାଟିତ ହେବ ବୋଲି ନିଷ୍ପତ୍ତି ହୋଇଛି।

**ଅର୍ନ୍ତଜାତୀୟ ମ୍ୟାଚ୍ ପରେ ହେବ ଓସିଏ ନିର୍ବାଚନ**

ଅପରପକ୍ଷରେ ଆସନ୍ତା ଜାନୁଆରୀରେ ଉତ୍କର୍ଷ କେନ୍ଦ୍ର ଉଦ୍‌ଘାଟିତ ହେବ। ଡଃ ହରେକୃଷ୍ଣ ମହତାବ ଫିଡର ସେଣ୍ଟର ଓ ସଚିନ ତେନ୍ଦୁଲକର ସ୍ପୋର୍ଟସ ସାଇନ୍ସ ସେଣ୍ଟର ପ୍ରତିଷ୍ଠା ଦିଗରେ ଏଜିଏମ୍‌ରେ ଆଲୋଚନା ହୋଇଥିଲା। ଡିସେମ୍ବର ୯ ତାରିଖରେ ବାରବାଟୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ୍ ଖେଳାଯିବ। ଏହାର ପ୍ରସ୍ତୁତି ଦିଗରେ ଆଲୋଚନା ହୋଇଛି। ତେବେ ଏହି ଅନ୍ତର୍ଜାତୀୟ ମ୍ୟାଚ୍ ପରେ ଓସିଏ କର୍ମକର୍ତ୍ତା ନିର୍ବାଚନ ହେବ ବୋଲି ସ୍ଥିର କରାଯାଇଛି। ଅକ୍ଟୋବରରେ ସମସ୍ତ ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେବ। ପରେ ରାଜ୍ୟ ସରକାରଙ୍କ ସହଯୋଗରେ ମ୍ୟାଚ୍ ଆୟୋଜନ କରାଯିବ। ବୈଠକରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**REQUIREMENT OF VOCATIONAL TRAINERS IN ODISHA**
**Bhagini Nivedita Shiksha Samiti**

Bhagini Nivedita Shiksha Samiti, Bhopal Partner of NSDC, invites application for the role of Vocational Trainer & Vocational Coordinator on Contractual basis under CSS-VHSE Program (NSQF) in Odisha. Candidates must be Odisha domicile.

| Sector & Post | Qualification for Vocational Trainer |
|---|---|
| Apparel (14) | PG in Textile and Clothing or Relevant Area. With 1 year work/teaching experience in Textile and Clothing. |
| Beauty & Wellness (12) | Diploma in Cosmetology/Beauty Therapy/ Beauty Culture from a recognized Institution with Minimum 1 Year Experience in the profession. |
| Organised Retail (39) | Graduate or Diploma in Retail Management, P.G. Diploma in Marketing with at least 50% marks with 1 year work/teaching experience. |
| Tourism & Hospitality (37) | Diploma/Degree in Hotel Management from a recognized Institute /University with 5 yrs work/teaching experience in Food and Beverage service including one year as supervisory capacity in a classified Hotel. |
| Power (01) | B. Tech/Diploma in Electrical Engineering from a recognized Institute/University with 1-3 year work/teaching experience |

Qualification for Vocational Coordinator:- PG (Master's Degree in Related Domain / Rural Development / Management / MSW / Sociology. With 3 Year Experience in Skill/Education Sector

Age Limit: 18 to 45 Years (Age relaxation to be provided as per Govt. rules)

Gross salary 20000/- per month for Vocational Trainers and Rs. 30000/- per month for Vocational Coordinator inclusive of all applicable deduction

How to apply :- Eligible candidates can submit applications by scanning QR code or given Google Form link https://forms.gle/PwMBNmRGRK6iffBk9 from 29-08-2025 to 04-09-2025 till 6 PM. Application accepted on link or QR Code only.
For Queries call between 11 AM to 05 PM - +917974047935, +919352849238

Scan QR for Apply

Short listed candidates will be intimated within short notice for Interview through email.For more information contact above given number.
This is not a Govt. Job Management reserve the rights to accept or reject any application.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS